52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ
ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 109 | Brahmapur | Tuesday 02 June 2026 | ବର୍ଷ: ୪୫/ ଅଙ୍କ: ୧୦୯ | ମଙ୍ଗଳବାର ୨ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦


## ଅପରାଧୀଙ୍କଠୁ ବଳିପଡିଲାଣି ପୋଲିସର ବର୍ବରତା

# ଥାନାରେ ଦିବ୍ୟାଙ୍ଗଙ୍କୁ ପିଟି ପିଟି ହତ୍ୟା

### ସାତ ଦିନ ଧରି ହାଜତରେ ନିର୍ଯାତନା
### ଦେହର କ୍ଷତସ୍ଥାନରେ ଲଗାଉଥିଲେ ଲଙ୍କା ଗୁଣ୍ଡ
### ଥାନା ଆଗରେ ଗ୍ରାମବାସୀ ମେଳି

ବ୍ରହ୍ମପୁର, ୧୬: ରାଜ୍ୟରେ ଗୋଟିଏ ପଟେ ଅପରାଧୀଙ୍କ କାର୍ଯ୍ୟକଳାପ ସାଧାରଣଜନ ଲୋକଙ୍କୁ ବ୍ୟତିବ୍ୟସ୍ତ କରୁଥିବା ବେଳେ ଅନ୍ୟପଟେ ଖୋଦ୍ ଆଇନଶୃଙ୍ଖଳାର ରକ୍ଷକ ସାଜିଥିବା ପୋଲିସ ଭକ୍ଷକ ସାଜି ଆଇନଶୃଙ୍ଖଳାର ଧଜିଆ ଉଡ଼ାଇବାରେ ଲାଗିଛି । ରାଜ୍ୟରେ ଗତ କିଛି ଦିନ ହେବ ବିଭିନ୍ନ ଜିଲ୍ଲାର ଥାନାମାନଙ୍କରେ ଅଭିଯୋଗକାରୀ ତଥା ସାଧାରଣ ଜନତାଙ୍କୁ ପୋଲିସ ପଚରାଉଚରା କରିବା ବାହାନାରେ ଉଠାଇ ଆଣି ଥାନାରେ ବର୍ବରତାର ସହ ମାଡ଼ ମାରି ଲହୁଲୁହାଣ କରୁଥିବା ଦେଖାଯାଇଛି । ତେବେ ଆଜି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଆଉ ପାଦେ ଆଗକୁ ଯାଇ ଏକ ଦିବ୍ୟାଙ୍ଗ ଯୁବକକୁ ଅତି ନିର୍ମମତାର ସହ ମାଡ଼ ମାରି ହତ୍ୟା କରିଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି । ସୂଚନାରୁ ପ୍ରକାଶ ଯେ, ଗଞ୍ଜାମଜିଲ୍ଲା କବିସୂର୍ଯ୍ୟନଗର ଥାନା ହାଜତରେ ପୁଲିସର ନିର୍ଘାତ ମାଡ଼ରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ଅଭିଯୋଗକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ମୃତକ ଜଣକ ହେଲେ ସୁବଳୟା ଗ୍ରାମର ସୁଶାନ୍ତ ସାହୁ (୩୨)। ଘଟଣାକୁ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର ଗୁରୁତ୍ୱର ସହ ନେଇ ତଦନ୍ତ ପାଇଁ ଗଞ୍ଜାମ ଏସପି ହରିଶ ବିସିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ଗତ ୨୫ ତାରିଖରେ ବେଆଇନ ପଥର ଫଟା ମାମଲାରେ ସୁଶାନ୍ତଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଥିଲା। ଏହାପୂର୍ବରୁ ଏହି ମାମଲାରେ ୨ ଜଣ ଗିରଫ ହୋଇଥିଲେ। ତେବେ ସୁଶାନ୍ତଙ୍କ ସଂପୃକ୍ତି ପ୍ରମାଣିତ ହୋଇ ନଥିଲା। ୭ ଦିନ କାଳ ଥାନା ହାଜତରେ ସୁଶାନ୍ତଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିଲା। ଏପରିକି ଉକ୍ତ ଯୁବକକୁ ମାଡ଼ ମରାଗଲା ପରେ ତାର କ୍ଷତ ସ୍ଥାନରେ ପୋଲିସ ଲଙ୍କାଗୁଣ୍ଡ ବୋଳି ନିର୍ଯ୍ୟାତନା ଦେଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି । ଗତକାଲି ତାଙ୍କୁ ଗୁରୁତର ଅବସ୍ଥାରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣ କରିଥିଲେ।

ଖବର ମିଳି ସୁଦ୍ଧା, ଘଟଣାକୁ ନେଇ ସୁବଳୟା ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ଥାନା ଆଗରେ ଗ୍ରାମବାସୀ ମେଳି ବାନ୍ଧିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ତେବେ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ ହେଉଥିବା ପରିବାରବର୍ଗ ଅଭିଯୋଗ ଆଣିଛନ୍ତି। ତେବେ ଗୋଟିଏ ପରେ ଅପରାଧୀ ଆଉ ଅନ୍ୟପଟେ ପୋଲିସର ଏପରି ବର୍ବରକାଣ୍ଡକୁ ସାଧାରଣରେ ତୀବ୍ର ନିନ୍ଦା କରାଯିବା ସହ ଦୋଷୀ ପୋଲିସ ଅଫିସରଙ୍କୁ କେବଳ ବଦଳି ନୁହେଁ ବରଂ ତାଙ୍କୁ ଉପଯୁକ୍ତ ଦଣ୍ଡ ଦେବା ଆବଶ୍ୟକ, ଯାହା ଆଗକୁ କେହି ପୋଲିସ ଅଧିକାରୀ ଏଭଳି କାଣ୍ଡ ଘଟାଇବାକୁ ସାହସ କରିବେ ନାହିଁ ।

## ଦଣ୍ଡ ବଦଳରେ କେବଳ ବଦଳି ଓ ନିଲମ୍ବନ !

ରାଜ୍ୟରେ ସାଧାରଣ ଲୋକଙ୍କ ଉପରେ ପୋଲିସ ଏଭଳି ଅମାନବୀୟ କାର୍ଯ୍ୟ କରିଚାଲିଥିବା ବେଳେ ଉକ୍ତ ପୋଲିସ ଅଧିକାରୀଙ୍କୁ କେବଳ ବଦଳି କରି ତୁନି ପଡୁଛନ୍ତି ରାଜ୍ୟ ସରକାର । ତେବେ ଏଭଳି ଅମାନବୀୟ କାର୍ଯ୍ୟ ବଦଳରେ ସଜା କଣ କେବଳ ବଦଳି ? ଗୋଟିଏ ସାଧାରଣ ଲୋକକୁ ଅମାନୁଷିକ ଭାବେ ଥାନା ଭିତରେ ବାନ୍ଧି ବାଡ଼େଇ ବାଡ଼େଇ ମାରିଦିଆଯାଉଛି, ଏହା କୌଣସି ଅପରାଧିକ କାର୍ଯ୍ୟକଳାପଠାରୁ କମ୍ ନୁହେଁ । ତେବେ ଏଭଳି କାର୍ଯ୍ୟ ପ୍ରତିବଦଳରେ ଅଭିଯୁକ୍ତ ପୋଲିସକୁ କେବଳ ବଦଳି କିମ୍ବା ଚାକିରୀରୁ ବହିଷ୍କାର କରିଦେବା କେତେଦୂର ଯୁକ୍ତିଯୁକ୍ତ । ଏମାନଙ୍କୁ ଅପରାଧୀଙ୍କ ଭଳି କଡ଼ା ଦଣ୍ଡ ଦେବାକୁ ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ଏହି ଘଟଣାରେ ରାଜ୍ୟ ସରକାର ଆଇପିଏସ୍ ନିତିଶ କୁମାର ମିଶ୍ରଙ୍କୁ ଗଞ୍ଜାମ ମୁଖ୍ୟାଳୟକୁ ବଦଳି କରିଛନ୍ତି। ସବ୍ ଇନ୍ସପେକ୍ଟର ସମୀର କୁମାର ରାଉତ, ବାଲିଚର ଫାଣ୍ଡି ଏଏସ୍ଆଇ ବୈକୁଣ୍ଠ ଜେନା ଏବଂ କନେଷ୍ଟବଳ ସୁମନ କୁମାର ସାହୁଙ୍କୁ ନିଲମ୍ବନ କରିଛନ୍ତି। ସେହିପରି ଡ୍ରାଇଭର କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ବହିଷ୍କାର କରିଛନ୍ତି। କବିସୂର୍ଯ୍ୟନଗର ଥାନା ଏବଂ ବାଲିଚର ଫାଣ୍ଡିର ସବୁ ପୁଲିସ କର୍ମଚାରୀଙ୍କ ବଦଳି ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି।

## ସରକାରଙ୍କ ଉପରେ ବଢ଼ୁଛି ବିଶ୍ୱାସ

# ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗର ତ୍ୱରିତ ସମାଧାନ

### ଚଳିତ ବର୍ଷ କୋରାପୁଟରେ ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬ : ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣି ଥରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ଆଜି ୧୮ତମ ସଂସ୍କରଣରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରିବା ସହିତ ବିଭିନ୍ନ ରୋଗୀଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରାଯାଇଛି । ଚଳିତ ବର୍ଷ କୋରାପୁଟ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ।



ଆଜି ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ୧୪ ଜଣ ମନ୍ତ୍ରୀ ସାମିଲ ହୋଇଥିଲେ । ଗ୍ରୀଷ୍ମ ପ୍ରବାହ ଯୋଗୁଁ ୧୦୦୦ ବଦଳରେ ୫୦୦ ଜଣ ବ୍ୟକ୍ତି ଅନଲାଇନ୍ ଏବଂ ଅଫ୍ ପଞ୍ଜିକରଣ ହୋଇଥିଲା । ଅଭିଯୋଗ ପାଇଁ ଉଭୟ ଅନଲାଇନ ଓ ଅଫଲାଇନରେ ଆବେଦନ ଗ୍ରହଣ କରାଯାଇଥିଲା । ଆଜି ୬୫୦ ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ତନ୍ମଧ୍ୟରୁ ୧୩ ଜଣ ରୋଗୀଙ୍କୁ ୩ ଲକ୍ଷ ୬୦ ହଜାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି । ସେହିପରି ନୟାଗଡ଼ର କାମାକ୍ଷୀ ସାହୁଙ୍କ ସ୍ୱାମୀଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କାର ଆର୍ଥିକ ସାହାଯ୍ୟ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗ୍ରୀଷ୍ମ ପ୍ରବାହ ପାଇଁ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା । ତାପମାତ୍ରା କମିବା ପରେ ପୂର୍ବ ଭଳି ଶୁଣାଣି ଜାରି ରହିବ । ଏପ୍ରିଲ ମାସ ସୁଦ୍ଧା ୧୭ଟି ଅଭିଯୋଗ ଶୁଣାଣିରେ ୧୪, ୬୫୧ଟି ଅଭିଯୋଗ ଆସିଥିବାବେଳେ ୧୪, ୦୪୦ ଅଭିଯୋଗ ଅର୍ଥାତ ୯୪ ପ୍ରତିଶତ ଅଭିଯୋଗ ସମାଧାନ ହୋଇଛି । ସେହିପରି ଜିଲ୍ଲା ସ୍ତରରେ ଏପ୍ରିଲ ସୁଦ୍ଧା ୨ ଲକ୍ଷ ୩୯ ହଜାର ୯୩୩ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ୨ ଲକ୍ଷ ୨୧ ହଜାର ୨୪୦ ଅର୍ଥାତ ୯୨ ପ୍ରତିଶତ ସମାଧାନ ହୋଇଛି ।

ଏହି ଅଭିଯୋଗ ଶୁଣାଣି ଦ୍ୱାରା ସରକାରଙ୍କ ଉପରେ ଲୋକଙ୍କ ଭରସା ବଢ଼ିଛି । ଏଭଳି ଅଭିଯୋଗ ଶୁଣାଣି ଜାରି ରହିବ । ଗତ ବର୍ଷର ସମ୍ବଲପୁର ଭଳି ଚଳିତ ବର୍ଷ କୋରାପୁଟ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣିବେ ବୋଲି କହିଛନ୍ତି । ପରବର୍ତ୍ତୀ ସମୟରେ ରାଜ୍ୟର ସମସ୍ତ ପ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣି ସମାଧାନ କରିବେ । ଫଳରେ ଲୋକଙ୍କୁ ଆଉ ଭୁବନେଶ୍ୱର ଆସିବାକୁ ପଡ଼ିବ ନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

# ୧୮ରୁ ରାଜ୍ୟସଭା ଓ ରାଜ୍ୟ ବିଧାନ ପରିଷଦ ନିର୍ବାଚନ

ନୂଆଦିଲ୍ଲୀ, ୧୬ : ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ୨୭ଟି ରାଜ୍ୟସଭା ଆସନ ଓ ୩ଟି ରାଜ୍ୟରେ ବିଧାନ ପରିଷଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ସୋମବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୧୮ରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ଅନୁଯାୟୀ, ସମସ୍ତ ନିର୍ବାଚନ ପାଇଁ ମତଦାନ ଜୁନ୍ ୧୮ ତାରିଖ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୋଟ ଗଣତି ସେହି ଦିନ ସନ୍ଧ୍ୟା ୫ଟାରୁ କରାଯିବ। ନାମାଙ୍କନ ଦାଖଲ ଜୁନ୍ ୧ ତାରିଖ ସକାଳ ୧୧ ଟାରୁ ଆରମ୍ଭ ହେବ। ନାମାଙ୍କନ ଦାଖଲର ଶେଷ ତାରିଖ ଜୁନ୍ ୮ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରହିଛି। ନାମାଙ୍କନ ଯାଞ୍ଚ ଜୁନ୍ ୯ ତାରିଖ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଜୁନ୍ ୧୧ ତାରିଖ ରହିଛି। ଭୋଟ୍ ଗ୍ରହଣ ଜୁନ୍ ୧୮ ତାରିଖ ସକାଳ ୮ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଓ ଭୋଟ୍ ଗଣତି ସେହି ଦିନ ସନ୍ଧ୍ୟା ୫ ଟାରୁ ଆରମ୍ଭ ହେବ। ଇସିଆଇ ଆହୁରି କହିଛନ୍ତି ଯେ, ରାଜ୍ୟସଭାର ୧୦ଟି ରାଜ୍ୟର ୨୪ଟି ଆସନରେ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ। ମହାରାଷ୍ଟ୍ର, ତାମିଲନାଡୁ ଓ ଓଡ଼ିଶାରେ ୩ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ସମୟରେ ବିହାରର ନଅଟି ଆସନ ପାଇଁ ରାଜ୍ୟ ବିଧାନସଭା ପରିଷଦ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ ଓ ଗୋଟିଏ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। କର୍ଣ୍ଣାଟକରେ ବିଧାନସଭା ପରିଷଦର ସାତଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।



# ମହାବଳ ବାଘ ଆକ୍ରମଣରେ ଯୁବକ ମୃତ

ଯଶିପୁର, ୧୬: ଯଶିପୁର ବ୍ଲକ ଶିମିଳିପାଳ ବନାଞ୍ଚଳ ବେଷ୍ଟିତ ଏକତାଳି ପଞ୍ଚାୟତ କୁମୁଡ଼ା ବାଡ଼ି ବନ୍ଧ ପାଖରେ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ଖଣ୍ଡିତ ଗୋଡ଼ ଉଦ୍ଧାର। ମହାବଳ ବାଘ ଆକ୍ରମଣ ଜନିତ ଘଟଣ ବୋଲି ସ୍ଥାନୀୟ ଲୋକେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ପାଖ ଗାଁ ବସନ୍ତପୁରର ସାଧୁ ନାଏକ କାଲି ବନ୍ଧ ପାଖ ରାଜାମ ସାହିକୁ ଯାଇଥିଲା ବେଳେ ଏହି ଅଘଟଣ ଘଟିଥିଲା ଛେଳି ପାଇଁ ଡାଳ କାଟୁଥିବା ବେଳେ ଏହି ଆକ୍ରମଣ ହୋଇଥିଲା ରାତିରେ ଲୋକ ତାକୁ ଖୋଜି ନ ପାଇ ଆଜି ଏଭଳି ଖଣ୍ଡିତ ଗୋଡ଼ ମିଳିଥିଲା ବନ ବିଭାଗ ରେଞ୍ଜର ଯଶିପୁର, ଆଇ ଆଇ ସି ସ୍ଥାନୀୟ ଜନ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ବି ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ସ୍ଥାନୀୟ ବାସିନ୍ଦା ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି ବାଘ ଆକ୍ରମଣଜନିତ ବୋଲି ଅଭିଯୋଗ ହେଉଛି ପୂର୍ବରୁ ଏ ଅଞ୍ଚଳର ବହୁ ଛେଳିଙ୍କୁ ଆକ୍ରମଣ ହୋଇଥିବା ଘଟଣା ପରେ ଏ ଘଟଣା ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ତେବେ ଏହାକୁ ନେଇ ବନବିଭାଗ ଉପରେ ଅସନ୍ତୋଷ ଝାଡିଛନ୍ତି ଗ୍ରାମବାସୀ ବହୁ ଦିନ ଧରି ବାଘ ବୁଲୁଥିବା ବେଳେ, ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ବନବିଭାଗ ପକ୍ଷରୁ ବେଖାତିରି ମନୋଭାବ ଯୋଗୁଁ ଆଜି ଅକାରଣରେ ଜଣଙ୍କ ଜୀବନ ଚାଲିଯାଇଥିବା କହିଛନ୍ତି ଗ୍ରାମବାସୀ ।

## ଡଲାର ତୁଳନାରେ କମୁଛି ଟଙ୍କାର ମୂଲ୍ୟ

# ମହଙ୍ଗା ହେଉଛି ସାଧାରଣ ଜୀବନଯାପନ

ଭୁବନେଶ୍ୱର, ୧୬: ଡଲାର ତୁଳନାରେ କମୁଛି ଟଙ୍କାର ମୂଲ୍ୟ । ପ୍ରଭାବିତ ହେଉଛନ୍ତି ସାଧାରଣ ଜନତା । ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଅସ୍ଥିରତା ଦେଶର ଅର୍ଥନୀତି ମେରୁଦଣ୍ଡକୁ ପ୍ରଭାବିତ କରିଛି । ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ, ଜାତୀୟ ଏବଂ ଅନ୍ତର୍ଜାତୀୟ ବଜାରରେ ଟଙ୍କାର ଅବମୂଲ୍ୟାୟନ କାରଣରୁ ଏକ ଅନିଶ୍ଚିତ ପରିସ୍ଥିତି ସୃଷ୍ଟି ହୋଇଛି । ବିଶେଷ କରି ରୋଷେଇ ଘରଠାରୁ ଆରମ୍ଭ କରି ବିଦେଶ ଭ୍ରମଣ ପର୍ଯ୍ୟନ୍ତ ସବୁଠି ଅବମୂଲ୍ୟାୟନର ପ୍ରଭାବ ଦେଖିବାକୁ ମିଳିଛି । ଫଳରେ ମହଙ୍ଗା ହେଉଛି ସାଧାରଣ ଜୀବନଯାପନ । ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଲୋକଙ୍କ ଉପରେ ପଡ଼ିଛି ଆର୍ଥିକ ଚାପ । ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଅର୍ଥନୈତିକ ବିଶେଷଜ୍ଞ । ମଧ୍ୟପ୍ରାଚ୍ୟରେ ଦୀର୍ଘ ଦିନ ଧରି ଯୁଦ୍ଧ ସ୍ଥିତି ଲାଗି ରହିଥିବାରୁ ଏବେ ବିଶ୍ୱରେ ଏକ ଅଚଳାବସ୍ଥା ଲାଗି ରହିଛି । ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା 'ଟଙ୍କା ବିନିମୟ ମୂଲ୍ୟରେ ହ୍ରାସ ସରକାରଙ୍କ ଚିନ୍ତା ବଢ଼ାଇଛି । ନିଜକୁ ବିଶ୍ବର ୫ମ୍ ବୃହତ ଅର୍ଥନୀତି ବୋଲାଉଥିବା ଭାରତର ମୁଦ୍ରା ସ୍ଥିତିରେ ଏଭଳି ହ୍ରାସ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାମଗ୍ରିକ ଭାବେ ଦେଖିଲେ ଯୁଦ୍ଧକୁ ନେଇ ଆମେରିକା, ଇସ୍ରାଏଲ ଏବଂ ଇରାନ ପରସ୍ପରକୁ ଦୋଷାରୋପ କରିବାରେ ଲାଗି ପଡିଛନ୍ତି । ସାମୁଦ୍ରିକ ହର୍ମୁଜ ପ୍ରଣାଳୀରେ ପରସ୍ପରକୁ ଛକି ରହିଛନ୍ତି । ତେଣୁ କୌଣସି ତୈଳବାହୀ ଜାହାଜ ଯାତାୟତ କରିପାରୁନାହିଁ । ଫଳରେ ସାରା ବିଶ୍ବରେ ଏବେ ତୈଳ ସଙ୍କଟ



ସ୍ଥିତି ଲାଗି ରହିଛି । ଆଗକୁ କଣ ହେବ ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ତାହା ଉପରେ ନିର୍ଭର କରୁଛି ବିଶ୍ୱର ବ୍ୟବହାର ଯୋଗ୍ୟ ଇନ୍ଧନ ।

ଅର୍ଥନୀତି ବିଶେଷଜ୍ଞ ରାଜୀବ ସାହୁଙ୍କ ମତରେ,ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଥିବାରୁ ଇନ୍ଧନ ପରିବହନ ଉପରେ ଅଧିକ କଟକଣା ଲାଗୁ ଏବଂ ଏହାର ପରିମାଣ ହ୍ରାସ ପାଉଥିବାରୁ ଏହି ସ୍ଥିତି ଉପୁଜିଛି । ଏଭଳି ସ୍ଥିତି ଲମ୍ବା ସମୟ ଧରି ଲାଗି ରହିବ । ଯେହେତୁ ସାମଗ୍ରୀ ପରିବହନ ବ୍ୟବସ୍ଥା ପାଇଁ ପ୍ରଚୁର ତୈଳର ଆବଶ୍ୟକତା ରହିଛି ଏବଂ ତାହା ଆସି ପାରୁନାହିଁ । ତେଣୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦାମ୍ ବୃଦ୍ଧି ପାଉଛି । ଭାରତୀୟ ମୁଦ୍ରା ଖସୁଥିବା ବେଳେ ଅନ୍ୟ ଏସୀୟ ଦେଶଗୁଡିକର ମୁଦ୍ରାର ବିନିମୟ ମୂଲ୍ୟ ବଢୁଛି । ୨୦୧୪ ମସିହାଠାରୁ ଟଙ୍କା ମୂଲ୍ୟରେ ହ୍ରାସ ଘଟିଥିବା ଜଣାପଡ଼ିଛି । ଇନ୍ଧନ ମୂଲ୍ୟ ବଢ଼ିଲେ ସାଧାରଣ ଖାଉଟି ପ୍ରଭାବିତ ହୁଅନ୍ତି । କାରଣ ଭାରତ ଡଲାର ଖର୍ଚ୍ଚ କରି ବହୁ ପରିମାଣରେ ଅଶୋଧିତ ତୈଳ ଆମଦାନୀ କରେ । ତେବେ ଟଙ୍କା ଦୁର୍ବଳ ହେଲେ ସେହି ତୈଳ କିଣିବାକୁ ଅଧିକ ଟଙ୍କା ଲାଗେ ।ପାଖାପାଖି ୮୦% ଇନ୍ଧନ ଯାହା ମଧ୍ୟପ୍ରାଚ୍ୟରେ ଉପଲବ୍ଧ ତା ଉପରେ ନିର୍ଭର କରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର । ମଧ୍ୟପ୍ରାଚ୍ୟରେ ତୈଳ ବିକ୍ରି ଡଲାରରେ ହେଉଛି । ତେଣୁ ଏହାର ମୂଲ୍ୟ ବୃଦ୍ଧି ପାଉଛି ଏବଂ ଟଙ୍କାର ମୂଲ୍ୟ ହ୍ରାସ ପାଇଛି । ସେହିପରି ଆଉ ଜଣେ ଅର୍ଥନୀତି ବିଶେଷଜ୍ଞ କହିଛନ୍ତି,ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ହେଲେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦାମ ବଢ଼େ, ଯାହା ସାଧାରଣ ଲୋକଙ୍କ ସହ ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଥାଏ । ପନିପରିବା, କ୍ଷୀର ଭଳି ଖାଦ୍ୟ ସାମଗ୍ରୀର ଦାମ ବଢ଼ିଯାଏ । ମୋବାଇଲ ଫୋନ, ଲାପଟପ, ଇଲେକ୍ଟ୍ରୋନିକ୍ ଉପକରଣ ଏବଂ ଅନ୍ୟାନ୍ୟ ଆମଦାନୀ ହେଉଥିବା ସାମଗ୍ରୀର ଦାମ ବଢ଼ିଥାଏ । ଭାରତ ଭଳି ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ଏବେ ତଳ ମୁହାଁ ହେଉଛି । ଯାହାକୁ ନେଇ ଚିନ୍ତାରେ ଖୁଚୁରା ବ୍ୟବସାୟୀଠୁ ଆରମ୍ଭ କରି ବଡ଼ ଉଦ୍ୟୋଗପତି ସମସ୍ତେ ।

# ୩ରୁ ୫ ପୁରୀରେ ବ୍ରିକ୍ସ ବୈଠକ, ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬: ଚଳିତ ମାସ ୩ରୁ ୫ ଯାଏଁ ପୁରୀରେ ଅନୁଷ୍ଠିତ ହେବ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ ( ବ୍ରିକ୍ସ) । ଜୁନ ୪ ତାରିଖରେ ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବ୍ରିକ୍ସ ରାଷ୍ଟ୍ର ସମୂହଙ୍କ ସହ ଭାରତର ବିଭିନ୍ନ ରାଜ୍ୟର ପ୍ରତିନିଧି ଏବଂ ବିଶେଷଜ୍ଞ ମଧ ଏହି ତିନିଦିନିଆ ବୈଠକରେ ଯୋଗ ଦେବେ । ଏହି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଆୟୋଜନ ବାବଦରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।

ଏନେଇ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବ୍ରିକ୍ସ ହେଉଛି ବିଶ୍ୱର ଉଦୀୟମାନ ଅର୍ଥନୀତିଗୁଡ଼ିକୁ ନେଇ ଗଠିତ ଏକ ପ୍ରମୁଖ ଅନ୍ତର୍ଜାତୀୟ ଆନ୍ତଃସରକାରୀ ସଂଗଠନ ଏବଂ ଭୂ-ରାଜନୈତିକ ମଞ୍ଚ । ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ହେଲେ ବ୍ରାଜିଲ, ଋଷ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ସାଉଦି ଆରବ, ଇଜିପ୍ଟ, ସଂଯୁକ୍ତ ଆରବ ଏମିରେଣ୍ଟ ବା , ଇଥଓପିଆ, ଇରାନ ଓ ଇଣ୍ଡୋନେସିଆ । ସାମୂହିକ ଭାବେ ଏହି ଗୋଷ୍ଠୀ ବିଶ୍ୱ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧାଂଶ ଏବଂ ବିଶ୍ବର ମୋଟ ଜାତୀୟ ଉତ୍ପାଦନ ବା ର ଏକତୃତୀୟାଂଶରୁ ଅଧିକ ଅଂଶର ପ୍ରତିନିଧି କରେ । ଭାରତର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବା ଅଧ୍ୟକ୍ଷତାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ ବା କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଷୟିକ ବୈଠକ ଗତବର୍ଷ ୨୯-୩୦ ଏପ୍ରିଲରେ ଭିସି ଜରିଆରେ ଅନୁଷ୍ଠିତ ହୋଇଥିଲା । ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ପ୍ରଥମ ପ୍ରତ୍ୟକ୍ଷ ବୈଷୟିକ ବୈଠକ ୩ରୁ ୫ ମଧ୍ୟରେ ପୁରୀ ସ୍ଥିତ ତାଜ ପୁରୀ ରିସୋର୍ଟରେ ଅନୁଷ୍ଠିତ ହେବ । ବିପର୍ଯ୍ୟୟ ପ୍ରତିରୋଧ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ନେତୃତ୍ୱର ସ୍ଥାନ ପ୍ରଦାନ ଲକ୍ଷ୍ୟ ରହିଛି ।

ବିପର୍ଯ୍ୟୟ ପ୍ରସ୍ତୁତି, ବାତ୍ୟା ପରିଚାଳନା ଏବଂ ପ୍ରାରମ୍ଭିକ ସତର୍କ ସୂଚନା ବ୍ୟବସ୍ଥାରେ ଓଡ଼ିଶାର ବିଶ୍ବସ୍ତରୀୟ ସଫଳତାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଆୟୋଜକ ଭାବେ ଚୟନ କରାଯାଇଛି । ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶର ପ୍ରତିନିଧି ନୀତି ନିର୍ଦ୍ଧାରକ ଏବଂ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ ମାନେ ଅଂଶ ଗ୍ରହଣ କରିବେ । ବୈଠକରେ ସ୍ଥାୟୀ ଡିଆରଆର ଅର୍ଥ ପରିଚାଳନା, ଭିତ୍ତିଭୂମି, ପୂର୍ବାନୁମାନ ଆଧାରିତ ପ୍ରତିକ୍ରିୟା ଏବଂ ପାରମ୍ପରିକ ଜ୍ଞାନର ସମନ୍ୱୟ ଉପରେ ଆଲୋଚନା କରାଯିବ ।ବ୍ରିକ୍ସ ୨୦୨୬ ବିପର୍ଯ୍ୟୟ ବିପଦ ହ୍ରାସ ଗୋଷ୍ଠୀ ବା ବୈଠକ ପାଇଁ ପୁରୀକୁ ଆୟୋଜନସ୍ଥଳୀ ଭାବେ ଚୟନ କରାଯାଇଛି । କାରଣ ଏହା ଏକ ଉପକୂଳବର୍ତ୍ତୀ ଅଞ୍ଚଳ ଭାବେ ବାତ୍ୟା ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ବିପଦ ପ୍ରତି ସମ୍ବେଦନଶୀଳ । ବିପର୍ଯ୍ୟୟ ପ୍ରତିରୋଧ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଆଦର୍ଶ ଭାବେ ମଧ ପରିଚିତ । ୧୯୯୯ ମସିହାର ଭୟଙ୍କର ମହାବାତ୍ୟାରେ ହଜାର ହଜାର ଲୋକଙ୍କ ପ୍ରାଣହାନୀ ଘଟିଥିବା ସ୍ଥିତିରୁ ଓଡ଼ିଶା ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ପ୍ରସ୍ତୁତି, ପୂର୍ବାନୁମାନ ଓ ସତର୍କବାଣୀ ବ୍ୟବସ୍ଥା, ସ୍ଥାନାନ୍ତରଣ ଯୋଜନା, ଦୃଢ଼ ଭିତ୍ତିଭୂମି ଓ ସମୁଦାୟ ଭିତ୍ତିକ ବିପର୍ଯ୍ୟୟ ପ୍ରତିକ୍ରିୟା ବ୍ୟବସ୍ଥାରେ ନିରନ୍ତର ବିନିଯୋଗ ଫଳରେ ନିକଟ ଅତୀତର ବିଭିନ୍ନ ଭୟଙ୍କର ବାତ୍ୟା ସମୟରେ ପ୍ରାୟ ଶୂନ୍ୟ ପ୍ରାଣହାନୀ ବା ଜିରୋ କାଜୁଆଲିଟି ସୁନିଶ୍ଚିତ କରାଯାଇଛି ।

ରାଜ୍ୟ ସରକାର ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବା ନିରନ୍ତର ଭାବେ ବାତ୍ୟା ପ୍ରସ୍ତୁତି ଏବଂ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସତର୍କବାଣୀ ପହଞ୍ଚାଇବା ବ୍ୟବସ୍ଥାକୁ ସୁଦୃଢ଼ କରିଆସିଛନ୍ତି । ଯାହା ଓଡ଼ିଶାକୁ ଉପକୂଳବର୍ତ୍ତୀ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଆଦର୍ଶ ଭାବେ ପରିଚିତ କରାଇଛି । ପୁରୀ ବିଶ୍ବ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରାର ଆୟୋଜନସ୍ଥଳୀ ମଧ୍ୟ ଅଟେ । ପ୍ରତିବର୍ଷ ଏହି ମହାପର୍ବରେ କୋଟିଏରୁ ଅଧିକ ଶ୍ରଦ୍ଧାଳୁ ସମାଗମ ହୋଇଥାନ୍ତି । ଯାହା ଅନେକ ସମୟରେ ତୀବ୍ର ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ମଧ୍ୟରେ ଆୟୋଜିତ ହୁଏ । ସୁଦୃଢ଼ ପ୍ରସ୍ତୁତି, ସମନ୍ୱିତ ପ୍ରତିରୋଧକ ବ୍ୟବସ୍ଥା ଏବଂ ଦକ୍ଷ ଭିଡ଼ ପରିଚାଳନା ପ୍ରଣାଳୀ ମାଧ୍ୟମରେ ଏହି ବିଶାଳ ଧାର୍ମିକ ସମାବେଶକୁ ସୁରକ୍ଷିତ ଭାବେ ପରିଚାଳନା କରାଯାଉଛି ।ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବା ପାଇଁ ପୁରୀରେ ଏହି ବୈଠକ ଆୟୋଜନ କରିବା ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଉପକୂଳୀୟ ପ୍ରତିରୋଧ କ୍ଷମତା, ସମୁଦାୟର ସକ୍ରିୟ ଅଂଶଗ୍ରହଣ ଏବଂ ବହୁମୁଖୀ ବିପର୍ଯ୍ୟୟ ପ୍ରସ୍ତୁତି କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥିବା ଶ୍ରେଷ୍ଠ ଅଭ୍ୟାସ ଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଅବଲୋକନ କରିବାର ସୁଯୋଗ ପ୍ରଦାନ କରିବ । ଏହି ଚୟନ ଭାରତର ବ୍ରିକ୍ସ ସହଯୋଗ ଅଧୀନରେ ଜ୍ଞାନ ବିନିମୟ ଓ ଗୋଷ୍ଠୀ ଭିତ୍ତିକ ବିପର୍ଯ୍ୟୟ ପରିଚାଳନାର ବିସ୍ତାର ଯୋଗ୍ୟ ମଡେଲ୍ ଗୁଡ଼ିକର ପ୍ରସାର ପ୍ରତି ଥିବା ଲକ୍ଷ୍ୟ ସହ ସମ୍ପୂର୍ଣ୍ଣ ଭାବେ ସମନ୍ୱିତ ।

ଏପରି ଏକ ଅନ୍ତର୍ଜାତୀୟ ବୈଠକ ଓଡ଼ିଶା ବିଶେଷକରି ପୁରୀରେ ଅନୁଷ୍ଠିତ ହେବା ନିଶ୍ଚିତ ରୂପେ ସଭିଙ୍କ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ବିଶ୍ୱ ସ୍ତରୀୟ ସମାବେଶ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜୁନ୍ ୪ ଉଦ୍ଘାଟନୀ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେବେ । ଏ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

# ସୁନ୍ଦରଗଡ଼ ପୋଲିସ ବେଆଇନ ଜୁଆ ଆଡ୍ଡାରୁ ୨୬ ଜଣଙ୍କୁ ଗିରଫ

## ଆରକ୍ଷୀ ଅଧିକ୍ଷକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ



ସୁନ୍ଦରଗଡ଼, ୧/୦୬(ଆନିସ): ସୁନ୍ଦରଗଡ଼ ପୋଲିସ ଓଡ଼ିଶା– ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜମଝରିଆ ଜଙ୍ଗଲ ଅଞ୍ଚଳରେ ଚାଲିଥିବା ଏକ ବେଆଇନ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୨୬ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି ।

ସୂଚନା ଅନୁଯାୟୀ, ଗତ ୩୧ ମେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ନିର୍ଭରଯୋଗ୍ୟ ଖବର ପାଇ ସୁନ୍ଦରଗଡ଼ ପୋଲିସ ଜମଝରିଆ ଜଙ୍ଗଲରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେଠାରେ ବଡ଼ ଧରଣର ଜୁଆ ଖେଳ ଚାଲିଥିବା ବେଳେ ୨୬ ଜଣଙ୍କୁ କାବୁ କରିଥିଲା ପୋଲିସ।

ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୧୧ ଲକ୍ଷ ୧୬ ହଜାର ୯ ଶହ ଟଙ୍କା ସହ ୯ଟି ଦୁଇଚକିଆ ଯାନ, ୩ଟି ଚାରିଚକିଆ ଯାନ ଏବଂ ୩୧ଟି ମୋବାଇଲ ଫୋନ ଜବତ କରିଛି।

ଏହି ଘଟଣାରେ ହେମଗିର ଥାନାରେ କେସ୍ ନମ୍ବର ୨୫୯, ତାରିଖ ୩୧ ମେ ୨୦୨୬ ରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ବେଆଇନ ଜୁଆ କାରବାରରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ମଧ୍ୟ ଖୋଳତାଡ଼ ଚାଲିଛି। ଏହାକୁ ନେଇ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତା ପାଲ କୌର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଦର ଏସଡ଼ିପିଓ ନିର୍ମଳ କୁମାର ମହାପାତ୍ର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶାନ୍ତା ନୂତନ ସାମଦ ମଧ୍ୟ ଉପସ୍ଥିତ ଥିଲେ ବେଆଇନ ଜୁଆ କାରବାର ବିରୋଧରେ ପୋଲିସର ଏହି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଏମ୍. ରାମପୁର: ସିଆଳିନାଳି ଯୋଜନାବଦ୍ଧ ଆକ୍ରମଣ ଘଟଣା

# ୩ ଅଭିଯୁକ୍ତ କୋର୍ଟ ଚାଲାଣ: ମୁଖ୍ୟ ଆସାମୀ ଫେରାର୍

ପଣ୍ଡକିଟାଲ, ୧୬ (ଆନିସ): ଅନ୍ଧାରୀବାଞ୍ଜି ମୁଖ୍ୟ ରାସ୍ତା ସିଆଳିନାଳି ନିକଟରେ ଗତ ୦୯ ତାରିଖ ପ୍ରାୟ ୧୦ଟା ୪୫ରେ ହୋଇଥିବା ଏକ ଯୋଜନାବଦ୍ଧ ଆକ୍ରମଣର ପର୍ଦ୍ଦାଫାସ କରିବାରେ ରାମପୁର ପୁଲିସକୁ ବଡ଼ ସଫଳତା ମିଳିଛି ।ପୂର୍ବ ଶତୃତାକୁ ନେଇ ଏହି ଆକ୍ରମଣ ଘଟଣାର ୩ ଅଭିଯୁକ୍ତଙ୍କୁ ରାମପୁର ପୁଲିସ ଗିରଫ କରି ଗତ ୨୯ ତାରିଖ କୋର୍ଟ ଚାଲାଣ କରିଥିବା ବେଳେ ମାଷ୍ଟର ମାଇଣ୍ଡ୍ ନରେଶ ପ୍ରଧାନ ଫେରାର୍ ମାରିଛି।ସୂଚନାଯୋଗ୍ୟ ଏହି ଯେ ନରେଶ ପ୍ରଧାନ ସୁଲେଇ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ଇତିପୂର୍ବରୁ (ଗତ ୨୦୨୨ରୁ ୨୦୨୫ ମଧ୍ୟରେ)) ତା ନାମରେ ୪ଟି ସମ୍ବେଦନଶୀଳ ଅପରାଧିକ ମାମଲା ରହିଥିବା ରାମପୁର ପୁଲିସ୍ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି।କୋର୍ଟ ଚାଲାଣ କରାଯାଇଥିବା ଆସାମୀ ମାନଙ୍କ ମଧ୍ୟରେ ଅନ୍ଧାରିବାଞ୍ଜି ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ରମେଶ ସାହୁ,ପଣ୍ଡରାପାଲିର ପୂର୍ଣ୍ଣ ପଣ୍ଡା ଏବଂ ସୁଲେଇ ଗ୍ରାମର ଆଶିଷ ପଧାନ ରହିଛନ୍ତି।ତେବେ ଏଥରକୁ ମିଶାଇ ଉକ୍ତ ଦୁର୍ବୃତ୍ତମାନେ ଅମିତ ପାତ୍ର ଏବଂ ତାଙ୍କ ଭାଇଙ୍କୁ ଜୀବନରେ ମାରିଦେବାକୁ ୩ଥର ଆକ୍ରମଣ କରିଥିବା ସତ୍ତ୍ୱେ ସୌଭାଗ୍ୟ ବଶତଃ ସେମାନେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି।ତେବେ ଏହା ଉପରେ ଜନୈକ ଖବରକାଗଜ ପ୍ରତିନିଧି ଉଦ୍ଦେଶ୍ୟମୂଳକ ସମ୍ବାଦ ପ୍ରକାଶିତ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ଜଣେ ସାମ୍ବାଦିକ ରହିଥିବା ଉଲ୍ଲେଖ କରିବା ପ୍ରସଙ୍ଗ ଉପରେ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ଏହାର କଟୁ ସମାଲୋଚନା କରାଯିବା ସହ ଉକ୍ତ ଘଟଣାର ଦୁର୍ବୃତ୍ତମାନଙ୍କ ମଧ୍ୟରେ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘର କୌଣସି ସାମ୍ବାଦିକ ନ ଥିବା ସ୍ପଷ୍ଟ କରି ଦିଆଯାଇଛି ।

## ହିନ୍ଦୋଳ ହାତୀ ମୃତ୍ୟୁ ଘଟଣା

# ତିନି ଅଟକ, ତଦନ୍ତ ଜାରି

ହିନ୍ଦୋଳ, ୧୫ (ଆନିସ): ହିନ୍ଦୋଳ ଉପଖଣ୍ଡର ରାଜମୋହନପୁର ଅଞ୍ଚଳରେ ଥିବା ଏକ ଘରୋଇ ଫାର୍ମ ହାଉସରେ ଏକ ବଣୁଆ ହାତୀର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟଣାକୁ ନେଇ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୋମବାର ବନ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ଖୋଳି ବାହାର କରିବା ସହ ଆବଶ୍ୟକ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି।ପ୍ରାଥମିକ ତଦନ୍ତରୁ ହାତୀଟି ଏକ ବେଆଇନ ବିଦ୍ୟୁତୀକରଣ କରାଯାଇଥିବା ବାଡ଼ର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଫାର୍ମର ମାଲିକ, ଜଣେ ଜେସିବି ଅପରେଟର ଏବଂ ଜଣେ ସୁରକ୍ଷା କର୍ମଚାରୀଙ୍କୁ ଅଟକ ରଖାଯାଇଛି।ସମ୍ପୃକ୍ତ ଫାର୍ମକୁ ପ୍ରଶାସନ ପକ୍ଷରୁ ଜବତ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଛି। ହାତୀର ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତର ଚୂଡ଼ାନ୍ତ ତଥ୍ୟ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଘଟଣା ନେଇ ଦୁଃଖ ପ୍ରକାଶ କରି ଢେଙ୍କାନାଳ ବନଖଣ୍ଡ ଅଧିକାରୀ (ଡିଏଫଓ) ଶ୍ରୀ ଲଳିତ କୁମାର ପାତ୍ର ସାଧାରଣ ଲୋକଙ୍କୁ କ୍ଷେତ ସୁରକ୍ଷା ନାମରେ ବେଆଇନ ବିଦ୍ୟୁତ୍ ବାଡ଼ କିମ୍ବା ବିଦ୍ୟୁତୀକରଣ କରାଯାଇଥିବା ସୋଲାର ବାଡ଼ ବ୍ୟବହାର ନ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, କୌଣସି ଅଞ୍ଚଳରେ ହାତୀ ଥିବା ସମ୍ପର୍କରେ ସୂଚନା ମିଳିଲେ କିମ୍ବା କେହି ବେଆଇନ ବିଦ୍ୟୁତ୍ ବାଡ଼ ବ୍ୟବହାର କରୁଥିବା ଜଣାପଡ଼ିଲେ ତୁରନ୍ତ ନିକଟସ୍ଥ ବନ ବିଭାଗ କାର୍ଯ୍ୟାଳୟକୁ ଅବଗତ କରାଇବାକୁ। ଏଭଳି ଅଘଟଣକୁ ରୋକିବା ଏବଂ ବନ୍ୟଜନ୍ତୁ ସୁରକ୍ଷା ପାଇଁ ସାଧାରଣ ଜନତାଙ୍କ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି। ବନ୍ୟଜନ୍ତୁ ସୁରକ୍ଷା ଆଇନ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛି ବନବିଭାଗ ।

# କୁଆରମୁଣ୍ଡାରେ ଅନଲାଇନ ଆଇପିଏଲ୍ ବେଟିଂ ଠିକଣାରେ ପୋଲିସ ଚଢ଼ାଉ, ଜଣେ ଗିରଫ

ସୁନ୍ଦରଗଡ, ୧୬(ଆନିସ): ଅନଲାଇନ ଆଇପିଏଲ୍ ବେଟିଂ ବିରୋଧରେ ବିରମିତ୍ରପୁର ପୋଲିସକୁ ମିଳିଛି ବଡ଼ ସଫଳତା। କୁଆରମୁଣ୍ଡା ସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟରେ ଚାଲିଥିବା ଏକ ବେଆଇନ ଅନଲାଇନ ଆଇପିଏଲ୍ ବେଟିଂ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।




ପୋଲିସ ସୂଚନା ଅନୁଯାୟୀ, ଗତ ୩୧ ମେ ସନ୍ଧ୍ୟାରେ ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ କୁଆରମୁଣ୍ଡା ଅଞ୍ଚଳରେ ବେଆଇନ ଭାବେ ଅନଲାଇନ ଆଇପିଏଲ୍ ବେଟିଂ ଚାଲୁଥିବା ନେଇ ବିଶ୍ୱସନୀୟ ଖବର ମିଳିଥିଲା। ଏହାପରେ ବିରମିତ୍ରପୁର ଥାନା ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ବେଟିଂରେ ସାମିଲ ଅନ୍ୟ ଲୋକମାନେ ଫେରାର ହୋଇଯାଇଥିବା ବେଳେ ଦୋକାନ ମାଲିକ ସଞ୍ଜୟ କୁମାର ପଟ୍ଟନାୟକ ଓରଫ ବାବୁ ପଟ୍ଟନାୟକଙ୍କୁ ଘଟଣାସ୍ଥଳରୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ସେ ବେଟିଂ ଟଙ୍କା ସଂଗ୍ରହ କରି ବନମୁଣ୍ଡା ଦଫେଇର ରାଜେଶ ଜୟପୁରିଆଙ୍କ ନିକଟକୁ ପଠାଉ ଥିବା ସ୍ୱୀକାର କରିଥିଲେ। ଏଥିସହ ଆକାଶ ସାହୁ ଓ ରାହୁଲ ଅଗ୍ରୱାଲଙ୍କ ସମ୍ପୃକ୍ତି ଥିବା ନେଇ ମଧ୍ୟ ସୂଚନା ଦେଇଥିଲେ।

ଚଢ଼ାଉ ସମୟରେ ପୋଲିସ ଏକ ମୋବାଇଲ୍ ଫୋନ୍ ଏବଂ ନଗଦ ୫ ହଜାର ୩ ଶହ ଟଙ୍କା ଜବତ କରିଛି। ମୋବାଇଲ୍‌ରେ ଥିବା ଫୋନ୍‌ପେ କାରବାର ଯାଞ୍ଚ କରିବା ପରେ ଅନଲାଇନ ଆଇପିଏଲ୍ ବେଟିଂ ସହ ଜଡିତ ପ୍ରାୟ ୭ ଲକ୍ଷ ୪୭ ହଜାର ୭୮୦ ଟଙ୍କାର ଟ୍ରାଞ୍ଜାକ୍ସନ ହୋଇଥିବା ଜଣାପଡ଼ିଛି।

ଏହି ଘଟଣାରେ ବିରମିତ୍ରପୁର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅନ୍ୟ ଅଭିଯୁକ୍ତ ମାନଙ୍କ ସନ୍ଧାନରେ ତଦନ୍ତ ଜାରି ରଖିଛି। ଏହାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତା ପାଲ କୌର ସୂଚନା ଦେଇଛନ୍ତି

## ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଆଳି ଗସ୍ତ

# ମନ କି ବାତ କାର୍ଯ୍ୟକ୍ରମ ଯୋଗ ଦେବା ସହ ପ୍ରକଳ୍ପ ପରିଦର୍ଶନ କଲେ



ଆଳି, ୧୬ (ଆନିସ):ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଆଳି ଗସ୍ତରେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସାଦ ବୈଜନ୍ତ ପଣ୍ଡା ଆସିଥିଲେ ପ୍ରଥମେ ସାଂସଦ ଶ୍ରୀ ପଣ୍ଡା ହେଲିକପ୍ଟର ଯୋଗେ ଆସି ଆଳି ଜାଭିୟର ସ୍କୁଲ ଖେଳ ପଡିଆରେ ପହଁଚିବା ପରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଜେପି ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଜିଲ୍ଲା ଓ ସଭାପତି ଶଶାଙ୍କ ଶେଖର ସେଠିଙ୍କ ସହ କର୍ମୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଶ୍ରୀ ପଣ୍ଡା ଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ଶ୍ରୀ ପଣ୍ଡା ଆଳିର ଆରାଧ ଶ୍ରୀଲକ୍ଷ୍ମୀବରାହଜୀଉ ଙ୍କ ମନ୍ଦିରକୁ ଯାଇ ଠାକୁର ଙ୍କ ଦର୍ଶନ କରିବା ସହ ମନ୍ଦିରର ଉନ୍ନତିକରଣ ପ୍ରକଳ୍ପ ବୁଲି ଦେଖିଥିଲେ। ଏହାପରେ ନିଆଳ ମଣ୍ଡଳର ସଭାପତି କଳ୍ପତରୁ ଦାସ ଙ୍କ ନେତୃତ୍ୱରେ ନିଆଳ ବୁଥ ନମ୍ବର–୧୯୧ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୪ତମ ମନ କି ବାତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।ଏହି ଅବସରରେ ଆଳି ନିର୍ବାଚନ ମଣ୍ଡଳୀର ପ୍ରତିଭାବାନ ବ୍ୟକ୍ତିବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଆଳି ବ୍ଲକର ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ରେ ଏ ୱାନ ରଖିଥିବା ସୁଧାଂଶୁ ଶେଖର ରାଉତ, ଚଳିତ ଓଏସ ପରୀକ୍ଷା ଫଳାଫଳରେ କୃତକାର୍ଯ୍ୟ ପାଇଥିବା ବିଶ୍ୱଜିତ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ପରମେଶ୍ୱର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ମିଶ୍ର, ଆଦର୍ଶ ଚାଷୀ ପଦ୍ମନାଭ ପରିଡା, ଆଦର୍ଶ ସାମ୍ବାଦିକ ଅଲେଖନାଥ ଶର୍ମା, କଳା ଓ ସଂସ୍କୃତି ରେ ଦଶରଥ ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଭକ୍ତ ବନ୍ଧୁ ମିଶ୍ର, ଆଳି ବିଧାନସଭା ସଂଯୋଜକ ଅନନ୍ତ ରଥଙ୍କ ସହ ବିଜେପିର ବରିଷ୍ଠ କର୍ମକର୍ତ୍ତା, ସମସ୍ତ ମଣ୍ଡଳ ସଭାପତିଙ୍କ ସହ ଶତାଧିକ କାର୍ଯ୍ୟକତା ଯୋଗଦେଇ ଥିଲେ। ପରିଶେଷରେ ଲକ୍ଷ୍ମୀପ୍ରିୟା ଜେନା ଧନ୍ୟବାଦ ଭାଷଣ ଦେଇଥିଲେ

# ପ୍ରଫେସର ମନୋଜ ପରିଡା ପଟ୍ଟାମୁଣ୍ଡାଇ କଲେଜ ନୂତନ ଅଧକ୍ଷ

ପଟ୍ଟାମୁଣ୍ଡାଇ, ୧୬(ଆନିସ): ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧକ୍ଷ ଭାବେ ସମାଜବିଜ୍ଞାନ ବିଭାଗ ବରିଷ୍ଠ ପ୍ରଫେସର କ୍ୟାପଟେନ ମନୋଜ ପରିଡା ଦାୟିତ୍ୱ ଗ୍ରହଣ କରିଛନ୍ତି ସେ ବିଦାୟୀ ଅଧକ୍ଷ ସର୍ବେଶ୍ୱର ସାହୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ଏଥି ପୂର୍ବରୁ ଶ୍ରୀ ପରିଡା ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ଦାୟିତ୍ୱରେ ଥିଲେ ନୂତନ ଅଧକ୍ଷ ଦାୟିତ୍ୱ ଗ୍ରହଣ ସମୟରେ କଲେଜର ଅଧ୍ୟାପକ ଅଧ୍ୟାପିକା ଓ ଉପସ୍ଥିତ ରହି ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧକ୍ଷ ଭାବେ ପ୍ରଫେସର ଶ୍ରୀ ପରିଡାଙ୍କ ଯୋଗ ଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି

# ବିଆରସିସି ପ୍ରେମବାଳା ମହାପାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ, ୧୬ (ଆନିସ): ପଟ୍ଟାମୁଣ୍ଡାଇ ବ୍ଲକ ବି ଆର ସି ସି ପ୍ରେମବାଳା ମହାପାତ୍ର ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ଆଜି କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲ୍ ଠାରେ, ଶିକ୍ଷକନେତା ମଳୟ କୁମାର ଜେନାଙ୍କ ପୌରହିତ୍ୟରେ ପଟ୍ଟାମୁଣ୍ଡଇ ବ୍ଲକ୍ ର ସମସ୍ତ ସି.ଆର.ସି.ସି ମାନଙ୍କ ପକ୍ଷରୁ ସେବା ନିବୃତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପଟ୍ଟାମୁଣ୍ଡଇ ବ୍ଲକ ଶିକ୍ଷାଅଧିକାରୀ ଅଜିତ୍ ବାରିକ୍। ମୁଖ୍ୟଅତିଥି , ଶିକ୍ଷାବିତ୍ ତଥା କବି ସଚିତ୍ର ବେହୁରା ମୁଖ୍ୟବକ୍ତା। ସହକାରୀ ଶିକ୍ଷାଅଧିକାରିଣୀ ସୁନିତ୍ ଦାଶ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଜେନା, ପଟ୍ଟାମୁଣ୍ଡଇ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଉର୍ମିଳା ଜେନା, ପୂର୍ବତନ ପ୍ରଧାନଶିକ୍ଷକ ଅଶୋକ ପରିଡ଼ା,ଗାଳ୍ପିକ ପ୍ରଦୀପ ନାୟକ , ବିଇଓ ଅଫିସ୍ ପୂର୍ବତନ ବରିଷ୍ଠ କିରାଣି ହିମାଂଶୁ ଶେଖର ବେହୁରା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଥିଲେ । ସିଆରସି ଆଶିଷ ମହାପାତ୍ର ସ୍ୱାଗତଭାଷଣ ଓ ନୋଡାଲ ସି.ଆର.ସି.ସି ସଂଘମିତ୍ରା ନାୟକ ଅତିଥି ପରିଚୟ ପ୍ରଦାନ କରି ଥିବାବେଳେ, ସି.ଆର.ସି.ସି ଅରବିନ୍ଦ ବଳ, ନମିତା ସାହୁ, ମନୋଜ ସେଠୀ,ନୀଳମଣି ବେହେରା,ଲକ୍ଷ୍ମଣ ବିହାରୀ ସେଠୀ ସତ୍ୟବ୍ରତ ସାମନ୍ତରାୟ, ରଞ୍ଜନ ବେହେରା,ଶୁଭଶ୍ରୀ ମାଝି,ବିନୟ ଦାଶ, ଲୋକନାଥ ନାୟକ ପ୍ରମୁଖ ଭାଷଣ ଦେଇ ବିଦାୟୀ ବି ଆର ସି ସି ଶ୍ରୀମତୀ ମହାପାତ୍ରଙ୍କ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋକପାତ କରିଥିଲେ ଏଇ ଅବସରରେ ତାଙ୍କୁ ମାନପତ୍ର ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା ସି.ଆର.ସି.ସି ଶ୍ରୀରାମ ଜେନା ଧନ୍ୟବାଦ୍ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଏମ୍.ଆଇ.ଏସ୍ ଆମ୍ରପଲ୍ଲି ସାହୁ ଆକାଉଣ୍ଟାଣ୍ଟ ହିମାଂଶୁ ଭୁଷଣ ଜେନା,ସରୋଜ କୁମାର ଦାସ , ରଜନୀକାନ୍ତ ପ୍ରଧାନ, ବି.ଆର୍ .ଟି ବ୍ରଜ କିଶୋର ଦାଶ ଓ ଝୁଲା ଦିନ୍ ସେଠୀ, ବରିଷ୍ଠ କିରାଣି ଭୋଳନଥ ଜୀବନ ଦାଶ ଓ ପୁର୍ବତନ ସି.ଆର.ସି.ସି ମହମ୍ମଦ ମସିଉଲ୍ଲା ପ୍ରମୁଖ ପରିଚାଳନା କରିଥିଲେ ।

# ମାସିକ ସନ୍ଥ ଦିବସରେ ଓଁକାର ପ୍ରତୀକ ଲୋକାର୍ପଣ

ବାରିପଦା, ୧୬ (ଆନିସ): ବିଶ୍ୱ ଜନ ସମୁଦାୟକୁ ପ୍ରଥମ ଜୟ ସନ୍ଥ ଜୟ ସମାଜର ସ୍ଲୋଗାନ୍ ଦେଇ ସ୍ଥାନୀୟ ଗୋପବନ୍ଧୁ ଭବନ ଠାରେ ସଦ୍ଭାବନା ସମିତି ପକ୍ଷରୁ ୫୬୪ତମ ମାସିକ ସନ୍ଥ ଦିବସ କୋଷାଧକ୍ଷ ସନ୍ଦିପ ଚାନ୍ଦଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଦିବସରେ ଅନ୍ୟ ସହ ନିଜକୁ ତୁଳନା କଲେ ଈର୍ଷଣୀୟ ବ୍ୟକ୍ତିତ୍ୱ ହେବାକୁ ପଡିଥାଏ, କିନ୍ତୁ ଆତ୍ମସମୀକ୍ଷା ପୂର୍ବକ ନୀରବତାର ନିରାଜନାରେ ଉତ୍ତରଣର ମାର୍ଗ ଉନ୍ମୁକ୍ତ ହୁଏ ପ୍ରସଙ୍ଗ ରଖାଯାଇଥିଲା। ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ନିଜ ବକ୍ତବ୍ୟରେ ଯାହା ଦାନ କରାଯାଏ ତାହା



ପରଜନ୍ମ ପାଇଁ ନିଜର ସମ୍ପତି ମାତ୍ର, ଯାହା ସାଇତି ରଖାଯାଏ, ତାହା ଅନ୍ୟ ମାନଙ୍କ ଭୋଗ ବିଳାସ ପାଇଁ ସମ୍ପତି କହିଥିଲେ। ଗୋପବନ୍ଧୁଭବନ ଠାରେ ସଦଭାବନା ସମିତି ପକ୍ଷରୁ ପ୍ରତିଷ୍ଠିତ ଓଁକାର ପ୍ରତୀକର ଉଦଘାଟିକା ଭାବେ ବାରିପଦା ଉପନଗରପାଳିକା ସୀମା ଦାଶ, ମୁଖ୍ୟଅତିଥି ଭାବେ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ମୁଖ୍ୟବକ୍ତା ଭାବେ ଡ ବିଜୟ ଅଗ୍ରୱାଲା , ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ଅଜିତ କୁମାର କବାଟ, କୈବଲ୍ୟ ପ୍ରସାଦ ମହାପାତ୍ର, ନରସିଂହ ବାରିକ, ଡ ଶଶୀଧର ବିଶ୍ୱାଳ, ଡ ଦାମଦୋର ପତି, ସୁନୀଲ କୁମାର ଜେନା, ପଦ୍ମନାଭ ସାହୁ ଓ ଡ ଯୋଗେନ୍ଦ୍ର ନାଥ ପଣ୍ଡା ଯୋଗଦେଇ ପିମ୍ପୁଡିର ସଂଘଶକ୍ତି ଅଧ୍ୟବସାୟ ମାତ୍ର ମାଗିଅଣା ପଇସାକୁ ନିର୍ଭର କରି ମେଳି ମହୋତ୍ସବରେ ସଂଘଶକ୍ତି ବ୍ୟବସାୟ ମନ୍ତବ୍ୟ ରଖିଥିଲେ। ଏହି ଦିବସରେ ପୌରପାଳିକା ଅନୁମତି କ୍ରମେ ଗୋପବନ୍ଧୁଭବନର ଏକ ପ୍ରକୋଷ୍ଠରେ ଓଁକାର ପ୍ରତୀକ ଲୋକାର୍ପଣ କରାଯାଇଥିଲା । ଯାହାକି ସମଗ୍ର ଓଡିଶାରେ ନିଆରା। ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଏବଂ ସଦସ୍ୟ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଅସୁରକ୍ଷିତ ଓଡ଼ଗାଁ ଭାରତୀୟ ସଞ୍ଚାର ନିଗମ କାର୍ଯ୍ୟାଳୟ

ଓଡ଼ଗାଁ ୦୧/୦୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଭାରତୀୟ ସଞ୍ଚାର ନିଗମ କାର୍ଯ୍ୟାଳୟର ଦକ୍ଷିଣ ପଶ୍ଚିମ ପାର୍ଶ୍ୱରେ ଥିବା ପାଚେରୀ ମୂଳରୁ ୩୦ ଫୁଟ ପର୍ଯ୍ୟନ୍ତ ଭୁଷୁଡି ପଡ଼ିଥିବା ବେଳେ କାର୍ଯ୍ୟାଳୟ ପରିସରଟି ସମ୍ପୂର୍ଣ୍ଣ ରୂପେ ଅସୁରକ୍ଷିତ ହୋଇପଡିଛି। ଏଠାରେ ବିଏସ୍‌ଏନ୍‌ଏଲ୍ ଟ୍ୱାୱାର ରହିବା ସହିତ ପୂର୍ବ ଓଡ଼ିଶାରୁ ଦକ୍ଷିଣ ଓଡ଼ିଶାକୁ ଏପରିକି ହାଇଦ୍ରାବାଦ ପର୍ଯ୍ୟନ୍ତ ଅପ୍ଟିକାଲ ଫାଇଭର ଜରିଆରେ ହେଉଥିବା ଇଣ୍ଟରନାଲ କନେକସନର ଜଙ୍କସନ ଏଠାରେ ଅଛି। ବହୁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ସହିତ ଟେଲି କମ୍ୟୁନିକେସନ ପାଇଁ ଓଡ଼ଗାଁ କାର୍ଯ୍ୟାଳୟ ପ୍ରମୁଖ ଭୁମିକା ନେଉଥିବା ବେଳେ ଏଠି ସ୍ଥାୟୀ ଭାବେ କେହି କର୍ମଚାରୀ ରହୁ ନଥିବାରୁ ମାନବ ଶୂନ୍ୟ କାର୍ଯ୍ୟାଳୟଟି ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ପରି



ମନେହେଉଛି।

ଏଠାରେ ଥିବା ମୂଲ୍ୟବାନ ଯନ୍ତ୍ରାଂଶ ଗୁଡ଼ିକ ଯଦି ଚୋରି ହୋଇଯାଏ, ଏବଂ ପୂର୍ବ ଓଡ଼ିଶାର ଯଦି ଦକ୍ଷିଣ ଓଡ଼ିଶା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ ତେବେ କେଉଁ ପଦସ୍ଥ ଅଧିକାରୀଙ୍କ ଅବହେଳା ଯୋଗୁଁ ଏପରି ଘଟିଲା ସେହି ଉତ୍ତର କାହାରି ପାଖରେ ନଥିବ। ଏପରିକି କ୍ୟାମ୍ପସ ଭିତରେ ଥିବା ମୂଲ୍ୟବାନ ଗଛର ଭବିଷ୍ୟତ କଣ ହେବ।କେବଳ ଶ୍ୱାସକ୍ରିୟା ମାଧ୍ୟମରେ ବଞ୍ଚିରହିଥିବା ଓଡ଼ଗାଁ ଭାରତୀୟ ସଞ୍ଚାର ନିଗମ କାର୍ଯ୍ୟାଳୟ ବିଭାଗୀୟ ପ୍ରତି ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଲେ ହୁଏତ ଭବିଷ୍ୟତରେ ଯେକୌଣସି ଅନିଚ୍ଛାକୃତ ଅଘଟଣକୁ ଏଡାଇଦିଆଯାଇ ପାରନ୍ତା।

# ପିଲାସାଲକୀ ଡ୍ୟାମ୍‌ରେ ବୁଡି ଜଣଙ୍କ ମୃତ୍ୟୁ ଅନ୍ୟ ଜଣେ ଗୁରୁତର



ଫୁଲବାଣୀ, ୧୬ (ଆନିସ): ରବିବାର ଅପରାହ୍ନ ରେ ଫୁଲବାଣୀ ନିକଟ ପିଲା ସାଲକୀ ଡେ ମ ରେ ଗାଧଉ ଥିବା ବେଳେ ଅଜଣାତ ରେ ଗୋଡ ଖସି ଯିବା ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ସାଙ୍ଗକୁ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇ ଚିକିତ୍ସା ପାଇଁ ଡାକ୍ତର ଖାନା ରେ ଭର୍ତ୍ତି କରଯାଇଛି ଗୁରୁତର ଙ୍କ ଅସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି ମୃତକ ଜଣଙ୍କ ସ୍ଥାନୀୟ ପିଅନ ପଡ଼ା ସତ୍ୟ ସାଇ ରୋଡ ର ଶୁଭେନ୍ଦୁ ନାୟକ ଙ୍କ ପୁଅ ଶିତନୁ ନାୟକ (୧୭) ବର୍ଷ ଆହତ ଜଣକ ଆଦିତ୍ୟ କୁମାର ପାତ୍ର ( ୧୯) ବୋଲି ଜଣା ପଡିଛି ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଦୁଇ ଜଣ ଙ୍କୁ ଉଦ୍ଧାର କରି ଡ଼ାକ୍ତରଖାନା ରେ ଭର୍ତ୍ତି କରିଥିଲେ ତେବେ ଶିତନୁ ର ମୃତ୍ୟୁ ହୋଇଥଲା ସିତାନୁ ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ର ଛାତ୍ର ବୋଲି ଜଣା ପଡିଛି ସିତନୁ ଜଣେ ଶାନ୍ତ, ସରଳ, ପରୋପକାରୀ ଓ ମିଷ୍ଟ ଭାଷୀ ଛାତ୍ର ଥିଲେ ତାଙ୍କର ଅକାଳ ମୃତ୍ୟୁ ରେ ପିତାମାତା ସମ୍ପର୍କୀୟ, ସାଙ୍ଗ ସାଥି ବନ୍ଧୁବାନ୍ଧବ ଦୁଃଖ ରେ ଭାଙ୍ଗି ପଡିଛନ୍ତି

# ଦ୍ୱିତୀୟ ପର୍ଯ୍ୟାୟରେ ସାହାପୁର ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି । ମୋଟ୍ ୧୦ ଅଭିଯୋଗ ଦାଖଲ



ହିଞ୍ଜିଳିକାଟୁ,୧୬ (ଆନିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତ ପରିସରରେ ସୋମବାର ପୂର୍ବାହ୍ନ ୭ ଘଣ୍ଟା ସମୟରେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରି ସୁଶ୍ରୀ ସାଗରିକା ଷଡ଼ଙ୍ଗୀ ଙ୍କ ଅଧକ୍ଷତାରେ ଦ୍ୱିତୀୟ ପର୍ଯ୍ୟାୟର ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଗତ ବର୍ଷ ଠାରୁ ଆରମ୍ଭ ହୋଇଥିବା ଏହି ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ପରି ପଞ୍ଚାୟତରେ ଚାଲି ଆସୁଥିବାବେଳେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ସମସ୍ୟା ଅତି ସହଜରେ ପ୍ରଶାସନିକ ଅଧିକାରୀମାନଙ୍କ ପାଖରେ ପହଞ୍ଚିପାରୁଛି ଏବଂ ଲୋକଙ୍କ ସମସ୍ୟାର ଅନୁଧାନ କରି ଏହାର ଶୀଘ୍ର ସମାଧାନ ହୋଇପାରୁଛି । ତେବେ ସରକାର ଙ୍କ ଏଭଳି ପଦକ୍ଷେପ କୁ ପଞ୍ଚାୟତ ବାସିମାନେ ପ୍ରଶଂସା କରିବା ସହ ରାଜ୍ୟ ସରକାର ଏବଂ ପ୍ରଶାସନ କୁ ଧନ୍ୟବାଦ୍ ଜଣାଉଛନ୍ତି। ପୂର୍ବରୁ ଏହି କାର୍ଯ୍ୟକ୍ରମ ବ୍ଲକ ସ୍ତରରେ ଚାଲି ଆସୁଥିବାବେଳେ ସୂଚନା ଅଭାବରୁ ହେଉ ଅବା ଅନ୍ୟ କାରଣ ଯୋଗୁ ଅଧିକାଂଶ ଲୋକ ନିଜର ସମସ୍ୟା ନେଇ ସେହି କାର୍ଯ୍ୟକ୍ରମରେ ଯୋଗଦେବା ସମ୍ଭବ ହୋଇପାରୁନଥିଲା ଯାହାଦ୍ୱାରା ବହୁ ବର୍ଷ ଧରି ଲୋକଙ୍କ ସମସ୍ୟା ସମାଧାନ ହୋଇପାରୁନଥିଲା । ବର୍ତ୍ତମାନ ରାଜ୍ୟରେ ନୂଆଁ ସରକାର ଗଠନ ହେବା ପରେ ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ପ୍ରଶାସନ ଙ୍କ ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶାସନ ଅଧିକାରୀ ମାନେ ସିଧା ସଳଖ ପଞ୍ଚାୟତ ସ୍ତରରେ ଲୋକଙ୍କ ସହିତ ଯୋଡ଼ିହୋଇ ସେମାନଙ୍କ ସମସ୍ୟାର ଅନୁଧାନ କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି ପଞ୍ଚାୟତ ରେ ୧୦୦ ରୁ ଉର୍ଦ୍ଧ ଅଭିଯୋଗ ଦାଖଲ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୧୦ ଟି ଅଭିଯୋଗ ଦାଖଲ ହୋଇଛି । ଆଜିର କାର୍ଯ୍ୟକ୍ରମ କୁ ସାହାପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ତାମଣି ଗୌଡ ପରିଚାଳନା କରିଥିବାବେଳେ ,ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ସୂରଜ କୁମାର ବେହେରା ନାୟକ, ବେଲଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀମତୀ ସ୍ମିତାଞ୍ଜଳୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ଗନ୍ତାୟତ, ୬୯ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ପ୍ରୀତି ସାହୁ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ବନ୍ଦନା ପ୍ରଧାନ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ଶୁଣିଥିଲେ । ସାହାପୁର ପଞ୍ଚାୟତରେ ବିଭିନ୍ନ ଅଭିଯୋଗ କୁ ନେଇ ମୋଟ୍ ୧୦ ଅଭିଯୋଗ ପତ୍ର ଦାଖଲ ହୋଇଥିଲା । ସେଥି ମଧ୍ୟରୁ ୦୨ ଟି ସୁଭଦ୍ରା ଯୋଜନା, ୦୨ ଟି ରାଜସ୍ୱ, ୦୧ ସ୍ୱାସ୍ଥ୍ୟ, ୦୧ ବିଦ୍ୟୁତ୍ ବିଭାଗ, ୦୧ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ୦୨ ବିକାଶ .

ମୂଳକ ଏବଂ ୦୧ ଆଧାର ସମ୍ବନ୍ଧିତ ଅଭିଯୋଗ ଦାଖଲ ହୋଇଥିଲା । ଏହା ସହ ସାମୂହିକ ୦୩ ଟି ଏବଂ ବ୍ୟକ୍ତିଗତ ୦୭ ଟି ଅଭିଯୋଗ ଦାଖଲ ହୋଇଛି। ଆଜିର କାର୍ଯ୍ୟକ୍ରମରେ ହିଞ୍ଜିଳି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପାଢ଼ୀ, ପଞ୍ଚାୟତ ସମିତି ସହାୟକ ସୁନିଲ ପରିଡ଼ା, ସହକାରୀ ଉନ୍ନୟନ ବିସ୍ତାର ଅଧିକାରୀ ତଥା ଡାଟା ଏଣ୍ଟ୍ରି ଅପ୍ରେଟର ସୁଶାନ୍ତ କୁମାର ଗୌଡ଼,ବ୍ଲକ୍ କମ୍ପ୍ୟୁଟର ପ୍ରୋଗ୍ରାମର ଦେବପ୍ରସାଦ ଦାସ, ହିଞ୍ଜିଳି ଯୋଗାଣ ନିରୀକ୍ଷକ ସ୍ନେହାଞ୍ଜଳି ସ୍ୱାଇଁ ଆଦି ପ୍ରମୁଖଙ୍କ ସହ ବ୍ୟାଙ୍କ, ବିଦ୍ୟୁତ, ସ୍ୱାସ୍ଥ୍ୟ ଏବଂ ଅନ୍ୟ ବ୍ଲକ ବିଭାଗୀୟ ଅଧିକାରୀଙ୍କ ସମେତ ସମସ୍ତ ପଞ୍ଚାୟତ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ । ଗ୍ରାମବାସୀ ଏବଂ ପଞ୍ଚାୟତ କର୍ମଚାରୀଙ୍କ ସହଯୋଗରେ ଆଜିର ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା ହୋଇଥିଲା ।

# ସାହାପୁର ପଞ୍ଚାୟତ ବିଭିନ୍ନ ବୁଥରେ ଏସ.ଆଇ.ଆର କାର୍ଯ୍ୟ ତଦାରଖ କରି ପରିଗଣନା ଫର୍ମ ବଣ୍ଟନ କଲେ ହିଞ୍ଜିଳି ବିଡ଼ିଓ



ହିଞ୍ଜିଳିକାଟୁ,୧୬ (ଆନିସ): ୩୦/୦୪/୨୦୨୬ରିଖ ଠାରୁ ଜୁନ ୨୮ ପର୍ଯ୍ୟନ୍ତ ସମଗ୍ର ଗଞ୍ଜାମ ଜିଲ୍ଲାରେ ଏସ.ଆଇ.ଆର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟକ୍ରମ ଚାଲୁ ରହିବ । ଏହି ଅବସରରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏସ.ଆଇ.ଆର କାର୍ଯ୍ୟକ୍ରମ ଅଧୀନରେ ସୋମବାର ଦିନ ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତର ବିଭିନ୍ନ ବୁଥ ପରିଦର୍ଶନ କରି ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ତଦାରଖ କରିବା ସହ ଭୋଟର ମାନଙ୍କୁ ଫର୍ମ ବଣ୍ଟନ କରିଥିଲେ । ବିଡ଼ିଓଙ୍କ ଉପସ୍ଥିତିରେ ବି.ଏଲ.ଓ ମାନେ ଘରକୁ ଘର ଯାଇ ଭୋଟରଙ୍କୁ ପରିଗଣନ ଫର୍ମ ବିତରଣ କରିଥିଲେ ଏବଂ ଫର୍ମ ପୂରଣ ପ୍ରକ୍ରିୟା ସମ୍ପର୍କରେ ସବିଶେଷ ବୁଝାଇଥିଲେ । ଏହି ସମୟରେ,ଅତିରିକ୍ତ ତହସିଲଦାର ସୁରଜ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ପ୍ରୀତି ସାହୁ,ବ୍ଲକ ଉପାଧ୍ୟକ୍ଷ ସୁନିଲ ଗନ୍ତାୟତ,ଡିପିଓ ଜି ରବି କୁମାର,ସ୍ଥାନୀୟ ସରପଞ୍ଚ ବନ୍ଦନା ପ୍ରଧାନ,ଏ.ବି.ଡି.ଓ ଅରୁଣ କୁମାର ପ୍ରଧାନ,ତଥା ଅନ୍ୟ ବିଭାଗୀୟ ଅଧିକାରୀ, ବି.ଏଲ.ଓ ବିକ୍ରମ କୁମାର ସାହୁ, ନରେନ୍ଦ୍ର ମଲ୍ଲିକ,ସୁପରଭାଇଜର ପ୍ରକାଶ ସେଠୀ ଓ ବୁଥ୍ ଲେଭେଲ୍ ଅଫିସର ଉପସ୍ଥିତ ଥିଲେ । ବିଡ଼ିଓ ସୁଶ୍ରୀ ଷଡ଼ଙ୍ଗୀ ଭୋଟର ମାନଙ୍କ ସହ ଆଲୋଚନା କରି ଏସ.ଆଇ.ଆରର ଉଦ୍ଦେଶ୍ୟ ଓ ଆବଶ୍ୟକ ପ୍ରମାଣପତ୍ର ବିଷୟରେ ଅବଗତ କରାଇଥିଲେ। ବି.ଏଲ.ଓ ମାନଙ୍କୁ ନିଷ୍ଠାର ଓ ଶାନ୍ତିପୂର୍ଣ୍ଣ ସହ ଘରକୁ ଘର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବି.ଏଲ.ଓ ଓ ସୁପରଭାଇଜରଙ୍କୁ ସହଯୋଗ କରିବା ପାଇଁ ସମସ୍ତ ଭୋଟରଙ୍କୁ ଅନୁରୋଧ କରିଥିଲେ ।

# ଜେଏସପିବିର ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପୋଲସରା,୧୬ (ଆନିସ): ପୋଲସରା ବ୍ଲକ ବର୍ତ୍ତିନୀ ଗ୍ରାମ ପଞ୍ଚାୟତ ଝିଟିକାବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁବେର ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସହକାରୀ ଶିକ୍ଷକ ସନ୍ତୋଷ କୁମାର ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କଣଛାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସତ୍ୟବାନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଉଦ୍?ଘାଟନ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ମାଧବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝିଣ୍ଟିକାବାଡ଼ିର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଙ୍ଗ ବାଡେଇ ଓ ଅବସରପ୍ରାପ୍ତ ଶିକ୍ଷକ ଭଗବାନ ପ୍ରଧାନ, କଣଛାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବାଳକୃଷ୍ଣ ହୋତା, ଗୋଠଳି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତ୍ରିନାଥ ବେହେରୁକ , ପାଇକ ଯମୁନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପ୍ରଧାନ, କୁଆନନ୍ଦ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଲୋଚନା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପାତ୍ର, ସିଆର୍ସିସି ସୁନିଲ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘ ପୋଲସରା ବ୍ଲକ୍? ସଭାପତି ସୂର୍ଯ୍ୟ ନାରାୟଣ ପୃଷ୍ଟି ଓ କଳମ୍ବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଉକ୍ତ ସଂଘର ସମ୍ପାଦକ ଅମିତାଭ ମିଶ୍ର ଏବଂ ପୂର୍ବତନ କଳମ୍ବ ସିଆରସିସି ସୂର୍ଯ୍ୟନାରାୟଣ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।

ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଅବସର ନେଇଥିବା କୁବେର ବେହେରାଙ୍କୁ ଅନୁଷ୍ଠାନ ତରଫରୁ ଭାବ ବିହ୍ୱଳ ପରିବେଶ ମଧ୍ୟରେ ମଞ୍ଚାସିନ ଅତିଥିବୃନ୍ଦଙ୍କ ଦ୍ୱାରା ପରପରା ଅନୁଯାୟୀ ଉପଢୌକନ, ମାନପତ୍ର ସହ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦ୍ୟାଳୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହିତ ତାଙ୍କର ପରବର୍ତ୍ତୀ ଜୀବନ ଦୀର୍ଘାୟୁ, ନିରାମୟ ଏବଂ ଖୁସି ଆନନ୍ଦରେ ଅତିବାହିତ ହେବାକୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ କରପତ୍ର ଯୋଡ଼ ପୂର୍ବକ ପ୍ରାର୍ଥନା କରାଯାଇଥିଲା । ପରେ ବିଦାୟୀ ଏବଂ ସମ୍ବର୍ଦ୍ଧିତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବେହେରା ନିଜର ଦୀର୍ଘ ବର୍ଷର ଶିକ୍ଷକତା କାର୍ଯ୍ୟକାଳ ମଧ୍ୟରୁ ସାଉଁଟିଥିବା ଅନୁଭୂତିର ବର୍ଣ୍ଣନା କରିବା ସହିତ ପ୍ରତ୍ୟେକ କ୍ଷେତ୍ରରେ ସଦା ସର୍ବଦା ସାହାର୍ଯ୍ୟ ଓ ସହଯୋଗ କରିଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ବିଭାଗୀୟ ଅଧିକାରୀଙ୍କ ସମେତ ଅଭିଭାବକ ମଣ୍ଡଳୀମାନଙ୍କୁ ଆନ୍ତରିକ ଧନ୍ୟବାଦ ସହିତ କୃତଜ୍ଞତା ଜଣାଇଥିଲେ । ଏଥିସହ ବିଦ୍ୟାଳୟର ଉତ୍ତରୋତ୍ତର ଏବଂ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଶୁଭ କାମନା କରିଥିଲେ । ଏହି ସ୍ମରଣୀୟ ପ୍ରେରଣାଦାୟୀ କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଚିତ୍ରା ନାହାକ, ପରିଚାଳନା କମିଟି ସଭାନେତ୍ରୀ ରାଜଶ୍ରୀ ସାହୁ, ଅଙ୍ଗନବାଡ଼ିକର୍ମୀ ପ୍ରମୀତା ପରିଡ଼ା ଓ ଏସ୍?ଏମ୍?ସି ସଭ୍ୟ ସତ୍ୟନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ପ୍ରାରମ୍ଭରେ ମଞ୍ଚାସିନ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଉପସ୍ଥିତ ରହି ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଶିକ୍ଷକ ସନ୍ତୋଷ କୁମାର ଗୋଡ଼ ଅନୁଷ୍ଠାନ ତରଫରୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜେଇଇ ଆଡଭାନ୍ସରେ ସଫଳତା, ଆଇଆଇଟି ପାଇଁ ଯୋଗ୍ୟ ହେଲେ ଅମ୍ବାଦଳାର ରାମ ସାଇ

ମୁନିଗୁଡା,୧୬(ଆନିସ) ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଆମ୍ବୋଦଳା ଅଞ୍ଚଳର ମେଧାବୀ ଛାତ୍ର ରାମ ସାଇ ଜେଇଇ ଆଡଭାନ୍ସ–୨୦୨୬ ପରୀକ୍ଷାରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ଅଖିଳ ଭାରତୀୟ ସ୍ତରରେ ୧୧,୩୬୮ ରାଙ୍କ ହାସଲ କରି ଦେଶର ପ୍ରତିଷ୍ଠିତ ଆଇଆଇଟିଗୁଡ଼ିକରେ ନାମଲେଖା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।ରାମ ସାଇ ଆମ୍ବୋଦଳାର କେ. ମନୋଜ କୁମାରଙ୍କ ପୁଅ। ସେ ପ୍ରଥମ ଶ୍ରେଣୀରୁ ଦଶମ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଅଧ୍ୟୟନ କରିଥିଲେ। ପରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ସ୍ଥିତ ତିରୁମଳା ଜୁନିୟର କଲେଜ (ଆଇଆଇଟି ଓ ମେଡିକାଲ ଏକାଡେମୀ)ରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ି ଜେଇଇ ଆଡଭାନ୍ସ ପରୀକ୍ଷା ଦେଇଥିଲେ।

ତାଙ୍କର ଏହି ସଫଳତା ପଛରେ କଠିନ ପରିଶ୍ରମ, ନିଷ୍ଠା ଓ ନିୟମିତ ଅଧ୍ୟୟନ ମୁଖ୍ୟ ଭୂମିକା ନେଇଥିବା ସେ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ଜଣେ ଦକ୍ଷ ଇଞ୍ଜିନିୟର ହୋଇ ଦେଶସେବା କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି।

ଏହି ସଫଳତା ଖବର ପ୍ରକାଶ ପାଇବା ପରେ ଆମ୍ବୋଦଳା ଅଞ୍ଚଳର ସତ୍ୟ ସାଇ ସେବା ସଂଗଠନର ସଦସ୍ୟମାନେ, ଡିଏଭି ସ୍କୁଲର ଶିକ୍ଷକ ଓ କର୍ମକର୍ତ୍ତାମାନେ ରାମ ସାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏହି କୃତିତ୍ୱ କେବଳ ପରିବାର ପାଇଁ ନୁହେଁ, ସମଗ୍ର ଅମ୍ବାଦଳା ଓ ଲାଞ୍ଜିଗଡ଼ ଅଞ୍ଚଳ ପାଇଁ ଗର୍ବର ବିଷୟ ପାଲଟିଛି।ଶିକ୍ଷାବିତ୍? ଓ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ଯେ, ରାମ ସାଇଙ୍କ ଏହି ସଫଳତା ସ୍ଥାନୀୟ ଅଞ୍ଚଳର ଅନେକ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ନୂତନ ପ୍ରେରଣା ଯୋଗାଇବ

# ପ୍ରଧାନ ଶିକ୍ଷକ କାଳୀଚରଣ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ପୋଲସରା,୧୬ (ଆନିସ): ପୋଲସରା ବ୍ଲକ୍ ଖଣ୍ଟୁରୁ ଗ୍ରାମ ପଞ୍ଚାୟତ ସ୍ଥିତ ଚଢ଼ିଆପଲ୍ଲୀ କୃଷ୍ଣଦାସପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳୀଚରଣ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୋଲସରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୂର୍ଯ୍ୟନାରାୟଣ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମଟିକୁ ମୁଖ୍ୟଅତିଥି ଭାବେ ସଙ୍ଘ ଉପଦେଷ୍ଟା ଦୂର୍ଗାପ୍ରସାଦ ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ କଳମ୍ବର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ କଳମ୍ବ କ୍ଲଷ୍ଟର ସମ୍ବଳ ଶିକ୍ଷକ (ସିଆରସିସି) ଅଜିତ କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁ ଚରଣ ସାହୁ, ଚଢ଼ିଆପଡା କନକଦୂର୍ଗା ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପାତ୍ର, ପୋଲସରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅମିତାଭ ମିଶ୍ର, ପୂର୍ବତନ ସିଆରସିସି ସତ୍ୟ ନାରାୟଣ ନାୟକ, କଳମ୍ବ ପାଟଣା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା କୁମାରୀ ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ନାରାୟଣ ନାୟକ, ସଞ୍ଜୟ କୁମାର ପଟ୍ଟନାୟକ, ପ୍ରମୋଦ ଚନ୍ଦ୍ର ସାହୁ ଓ ରବି ନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିବୃନ୍ଦ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ଜରିଆରେ କାଳୀଚରଣ ମହାପାତ୍ରଙ୍କୁ ଜଣେ ଆଦର୍ଶ, କର୍ମଠ, ଦକ୍ଷ ସଂଗଠକ ଏବଂ ଜ୍ଞାନୀ ଶିକ୍ଷକ ଭାବେ ଅଭିହିତ କରିବା ସହ ତାଙ୍କର ସ୍ୱତନ୍ତ୍ର ବାକ୍ ଚତୁରି ଗୁଣ ସକାଶେ ପୋଲସରା ଅଞ୍ଚଳର ଜଣେ କବି ଜଦୁମଣୀ ମହାପାତ୍ର ଅଟନ୍ତି ବୋଲି ପ୍ରସଶା କରିଥିଲେ। ଏବଂ ତାଙ୍କର ଅବସର ଜୀବନ ନିରାମୟ ଏବଂ ଆନନ୍ଦମୟ ହେଉ ବୋଲି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରେ ପରପରା ଅନୁସାରେ ମହାପାତ୍ରଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ସହିତ ପୁରସ୍କାର ଏବଂ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କୃତ ସଂକଳନ 'ବୈଦେହିଶ ବିଳାସ' ପୁସ୍ତକ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସମ୍ବର୍ଦ୍ଧିତ ପ୍ରଧାନ ଶିକ୍ଷକ ନିଜର ଭାବ ବିହ୍ୱଳ କଣ୍ଠରେ ନିଜର ଦୀର୍ଘ ୩୦ ବର୍ଷ ଶିକ୍ଷକତା ଜୀବନର ଅନୁଭୂତିର ବର୍ଣ୍ଣନା କରିବା ସହ ତାଙ୍କୁ ମିଳିଥିବା ସମସ୍ତଙ୍କ ଆନ୍ତରିକ ସ୍ନେହ, ଶ୍ରଦ୍ଧା ଏବଂ ସହଯୋଗ ପାଇଁ ନିଜର ଅନ୍ତରର ପ୍ରଦେଶରୁ ଧନ୍ୟବାଦ୍ ସହିତ କୃତଜ୍ଞତା ଜଣାଇଥିଲେ। ଏଥିସହିତ ସମସ୍ତଙ୍କ ମଙ୍ଗଳ ଏବଂ ବିଦ୍ୟାଳୟର ଉତ୍ତରୋତ୍ତର ସହିତ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଶୁଭକାମନା କରିଥିଲେ। ପ୍ରାରମ୍ଭରେ ମଞ୍ଚାସିନ ଅତିଥିମାନଙ୍କୁ ପାରପରିକ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଦିଆଯିବା ସହିତ ବିଦ୍ୟାଳୟର ୨ ଜଣ ବାଳକ ଓ ବାଳିକାଙ୍କ ଦ୍ୱାରା ସେବାନିବୃତ୍ତ ବିଦାୟୀ ପ୍ରଧାନଶିକ୍ଷକଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ଗାନ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କବି ତଥା ଶିକ୍ଷକ ସତ୍ୟବାନ ପଣ୍ଡା ଅତି ସୁନ୍ଦର ଭାବେ କରିଥିଲେ। ଶେଷରେ ପୂର୍ବତନ ସିଆରସିସି ଅକ୍ଷୟ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଇଓଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ସୋରଡ଼ା,୧/୬(ଆନିସ): ଆଜି ସୋରଡା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଅବସର କାଳୀନ ଏକ ଭବ୍ୟ ବିଦାୟ କାଳୀନ ସମ୍ବର୍ଧନା ଉତ୍ସବ ପାଳନ କରାଯାଇଛି।ଏହି ଅବସରରେ ସୋରଡ଼ା ଖୁଂଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ, ତହସିଲଦାର ଗୋପାଳ କୃଷ୍ଣ ରାଉତରାୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ,ଅତିରିକ୍ତ ଗୋଷ୍ଠୀ ଶିକ୍ଷା।ଅଧିକାରୀ ବିଜୟ କୁମାର ମଣ୍ଡଳ, ପିତାମ୍ବର ନାୟକ,ସୁଶିଳା ପାତ୍ର, ବରିଷ୍ଠ ସମାଜ ସେବୀ ଲକ୍ଷ୍ମୀ ଚରଣ ପଣ୍ଡା ଆଦି ମଞ୍ଚସିନ ହୋଇ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ଉଛବକୁ ଉଦ୍ଘାଟନ କରିଥିଲେ।ଏଣୁ ଏହି ଅବସରରେ ବିଦାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସ୍ୱାଇଁ ସମସ୍ତ ଶିକ୍ଷକ ସମାଜକୁ ଏକତା ରଜ୍ଜୁରେ ବାନ୍ଧି ରଖିଥିଲା ପରି ମନେ ହେଉଥିଲା ଏକ ଭାବ ବିହ୍‌ଳ ପରିବେଶ ସୃଷ୍ଟି ଏହି ବ୍ଲକରେ କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କୁ କିଛି ନା କିଛି ଭଲ ପାଇବାର ବାର୍ତା ସହିତ ନିଜର ସୁନ୍ଦର ବ୍ୟବହାର ନିଜ କାର୍ଯ୍ୟାଳୟ କର୍ମଚାରୀ ଠାରୁ ଆରମ୍ଭ କରି ଶିକ୍ଷକଗଣଙ୍କୁ ଚିର ଦିନ ପାଇଁ ମନେ ରହିବ ବୋଲି କହିଛନ୍ତି କିଛି ବରିଷ୍ଠ ଶିକ୍ଷକଗଣ।ସେହିପରି ବିଧାୟକ ନିଜେ ଶିକ୍ଷା ବିକାଶ ପାଇଁ ଅନନ୍ୟ ଚେଷ୍ଟିତ ଥିବା ବେଳେ ଶିକ୍ଷାର ଜଣେ ଉତ୍ତମ ସାରଥୀଙ୍କୁ ସୋରଡ଼ାବାସୀ ହରାଉଥିବା କହିଛନ୍ତି ଏବଂ ଅନେକ କର୍ମଚାରୀଙ୍କ ଅନୁରୋଧ ସ୍ୱରୂପ ସେ ଏହିଭଳି ଜଣେ ସଚ୍ଚୋଟ,ଧର୍ମପରାୟଣ,ସରଳ ବିଶ୍ୱାସୀ ଓ ମେଳାପୀ ତଥା ବହୁ ଗୁଣର ଅଧିକାରୀଟିଏ ପହଞ୍ଚାଇବା ସହଜ ନୁହେଁ ବୋଲି କହିଛନ୍ତି। ସେହିପରି ସ୍ଥାନୀୟ ତହସିଲଦାର ଶ୍ରୀ ରାଉତରାୟ ଏହା ବିଦାୟ କାଳୀନ ଅବସର ନୁହେଁ କାରଣ ଆମେ ସମାଜକୁ ସେବା କରିବା ପାଇଁ ନିଜର କର୍ମ ନିର୍ବାହ କରୁଛନ୍ତି ଏହି କାରଣରୁ ଆଗକୁ ବଢ଼ିବାରେ ଏହା ଏକ ପ୍ରକ୍ରିୟା ଏବଂ ଅନେକ ଅଭିଜ୍ଞତା ନେଇ ଆଉ ଗୋଟିଏ ପାହାଚକୁ ଉଠି ସମାଜକୁ ସେବା କରିବା ଅବସର ଏବଂ ନିଜେ ଆୟୁର୍ବେଦ ଚିକିତ୍ସା ଦ୍ୱାରା ଅନେକ ଦେଶ ବିଦେଶରେ ନିଜେ ପରିଚିତଥିବା ଶ୍ରୀ ସ୍ୱାଇଁଙ୍କ କାର୍ଯ୍ୟ ଶୈଳିକୁ ପ୍ରଶଂସା କରିବା ସହ ଅନନ୍ୟ ଉଦାହରଣ ବୋଲି କହିଛନ୍ତି।ସେହିପରି ଶ୍ରୀ ସ୍ୱାଇଁ ନିଜ ଅଭିଭାଷଣରେ ଶିକ୍ଷା ହେଉଛି ସମାଜର ମେରୁଦଣ୍ଡ ଏଣୁ ଶିକ୍ଷା ବ୍ୟବସ୍ଥା ସଜାଡ଼ିବାପାଇଁ ଅଧିକ ଶିକ୍ଷକ ନିଯୁକ୍ତି ଆବଶ୍ୟକ ବୋଲି କହିଥିଲେ ।

# ପୋଲସରା ପାଇଁ ଗୌରବ ଆଣିଥିବା ଓପିଏସସି କସ୍ତୁରୀଙ୍କୁ , ପୂର୍ବତନ ମନ୍ତ୍ରୀଙ୍କ ଶୁଭେଚ୍ଛା

ପୋଲସରା,୧୬(ଆନିସ): ପୋଲସରା ପାଇଁ ଗୌରବ ଆଣିଲେ କସ୍ତୁରୀ ଆଚାରୀ ଓଡିଶା ପ୍ରଶାସନିକ ସେବା ରେ କୃତକାର୍ଯ୍ୟ କରିଥିବା ପୋଲସରା ମ୍ୟୁନିସିପାଲିଟି ବ୍ରାହ୍ମଣ ସାହିର ଅବସାର ପ୍ରାପ୍ତ ରେଭିନ୍ୟୁ କର୍ମଚାରୀ ଡି କାମରାଜୁ ଅଚାରୀଙ୍କ ପୁତ୍ରବଧୂ ତଥା କାର୍ଯ୍ୟରତ ସାମ୍ବାଦିକ ଜ୍ୟୋତି ରଞ୍ଜନ ଅଚାରୀଙ୍କ ଧର୍ମପତ୍ନୀ ଶ୍ରୀମତୀ କସ୍ତୁରୀ ଆଚାରୀ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପରୀକ୍ଷା ରେ ୩୮ ରେଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ନିଜ କଠିନ ପରିଶ୍ରମ ଓ ଚେଷ୍ଟା ବଳରେ ଦ୍ୱିତୀୟ ଥର ପାଇଁ ପରୀକ୍ଷା ଦେଇଥିଲେ ଏବଂ ଏଥିରେ ଉତ୍ତୀର୍ଣ ହୋଇଥିବା କସ୍ତୁରୀ ପୂର୍ବତନ ମନ୍ତ୍ରୀ ତଥା ପୋଲସରା ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ ବ୍ରାହ୍ମଣ ସାହି ସ୍ଥିତ ବାସଭବନକୁ ଯାଇ ପୁଷ୍ପଗୁଚ୍ଛ ଉପଢୌକନ ସହ ଜଗନ୍ନାଥଙ୍କ ଫୋଟ ଚିତ୍ର ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହାସହିତ ଏହି କ୍ଷେତ୍ରର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ ପୂର୍ବତନ ମନ୍ତ୍ରୀ ଶ୍ରୀ ସାହୁ। ନଗର ନିଗମ ଉପାଧକ୍ଷ ସନ୍ତୋଷ କୁମାର ବେହେରା, ନିବାସୀ ପରିଡ଼ା,ସୁଶାନ୍ତ କୁମାର ପୋଲେଇ, ବବିତା କୁମାରୀ ରଥ, ରାଜେନ୍ଦ୍ର ସାହୁ, ସନ୍ତୋଷ କୁମାର ବେହେରା ସମେତ ଅନ୍ୟମାନେ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

## ଜୟପୁର ସହରରେ ଗୁଣାତ୍ମକ ବିଜୁଳି ଯୋଗାଣ ନିମନ୍ତେ ଟିପିଏସ୍ଓଡିଏଲର ପଦକ୍ଷେପ

# ବର୍ଦ୍ଧିତ ବିଜୁଳି ଚାହିଦା ସମୟରେ ଭରସାଯୋଗ୍ୟ ବିଜୁଳି ସେବା

- ଝଡ଼ ପ୍ରଭାବିତ ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର
- ତ୍ରୁଟି ପରିଚାଳନା ନିମନ୍ତେ ଅତ୍ୟାଧୁନିକ ସ୍କାଡା ଟେକ୍ନୋଲୋଜି
- ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ହେଉଛି ଉନ୍ନତ ବିଜୁଳି ଭିତ୍ତିଭୂମି

ଜୟପୁର,୧୬ (ଆନିସ): ବିଦ୍ୟୁତ ଚାହିଦାରେ ଦ୍ରୁତ ବୃଦ୍ଧି ଏବଂ ବାରମ୍ବାର ପାଣିପାଗଜନିତ ବାଧାବିଘ୍ନ ମଧ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ଜୟପୁରରେ ନିରବଚ୍ଛିନ୍ନ ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିଜର ପ୍ରୟାସକୁ ଆହୁରି ତୀବ୍ର କରିଛି । ଗତ କିଛି ବର୍ଷ ଧରି ବିଦ୍ୟୁତ ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି, ଚଳିତ ଗ୍ରୀଷ୍ମ ଋତୁରେ ବାରମ୍ବାର କାଳବୈଶାଖୀ ପ୍ରଭାବ ଏବଂ ଏହା ଦ୍ୱାରା ସୃଷ୍ଟ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି କମ୍ପାନୀ ବିଦ୍ୟୁତ ବିତରଣ ନେଟୱାର୍କକୁ ସୁଦୃଢ଼ କରିବା ସହ ଉନ୍ନତ ନିରୀକ୍ଷଣ ପ୍ରଣାଳୀର ବ୍ୟବହାର ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ମଜବୁତ କରିଛି।

ଗତ କିଛି ବର୍ଷ ମଧ୍ୟରେ ଜୟପୁରରେ ବିଦ୍ୟୁତ ଚାହିଦା କ୍ରମାଗତ ଭାବେ ବୃଦ୍ଧି ପାଇଛି । ଦ୍ରୁତ ସହରୀକରଣ, ବାଣିଜ୍ୟିକ କାର୍ଯ୍ୟକଳାପର ବିସ୍ତାର, ସେବା କ୍ଷେତ୍ରର ଅଭିବୃଦ୍ଧି, ବିଦ୍ୟୁତ ଉପକରଣର ବ୍ୟାପକ ବ୍ୟବହାର ଏବଂ ଉପଭୋକ୍ତାଙ୍କର ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପ୍ରତି ବଢୁଥିବା ଭରସା ଏହାର ମୁଖ୍ୟ କାରଣ ଅଟେ । ସେହିପରି, ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଆର୍ଥିକ କେନ୍ଦ୍ର ଭାବେ ଜୟପୁରରେ ଘରୋଇ, ବାଣିଜ୍ୟିକ, ଅନୁଷ୍ଠାନିକ ଏବଂ କ୍ଷୁଦ୍ର ଶିଳ୍ପ ଉପଭୋକ୍ତାଙ୍କ ପକ୍ଷରୁ ବିଦ୍ୟୁତ ଆବଶ୍ୟକତା ନିରନ୍ତର ବଢୁଛି । ବିଶେଷକରି ସନ୍ଧ୍ୟା ଓ ରାତ୍ରି ସମୟର ବିଜୁଳି ଚାହିଦା ଅଧିକ ରହୁଥିବାରୁ ବିତରଣ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ପଡୁଛି ।

ପ୍ରାକୃତିକ ବିପର୍ଯ୍ୟୟ ଏହି ଚ୍ୟାଲେଞ୍ଜକୁ ଆହୁରି ବଢ଼ାଇଛି । ଚଳିତ ଗ୍ରୀଷ୍ମ ଋତୁରେ ଜୟପୁର ସର୍କଲରେ ୫୩ଟି କାଳବୈଶାଖୀ ଘଟଣା ରେକର୍ଡ ହୋଇଛି, ଯାହା ବିଦ୍ୟୁତ ଭିତ୍ତିଭୂମିକୁ ପ୍ରଭାବିତ କରିବା ସହ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ଯୋଗାଣକୁ ବାଧାପ୍ରାପ୍ତ କରିଛି । ତଥାପି, ଟିପିଏସ୍ଓଡିଏଲ୍ ନିଜର ନିୟୋଜିତ କ୍ଷେତ୍ରୀୟ ଟିମ୍, ୨୪ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା ଏବଂ ସୁଦୃଢ଼ କଣ୍ଟିଜେନ୍ସି ପ୍ଲାନିଂ ମାଧ୍ୟମରେ ଦ୍ରୁତ ଗତିରେ ବିଦ୍ୟୁତ ସେବା ପୁନଃସ୍ଥାପନ କରିବାରେ ସକ୍ଷମ ହୋଇଛି । ଏହି ସମୟ ମଧ୍ୟରେ ଜୟପୁର ସର୍କଲରେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ବିଦ୍ୟୁତ ଚାହିଦାରେ ୧୩ ପ୍ରତିଶତ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି ।

ଏପରି ପରିସ୍ଥିତିରେ ବିଦ୍ୟୁତ ସେବାର ନିର୍ଭରଯୋଗ୍ୟତା ବଜାୟ ରଖିବା ପାଇଁ ଟିପିଏସ୍ଓଡିଏଲ୍ ସ୍ୱତନ୍ତ୍ର ରକ୍ଷଣାବେକ୍ଷଣ ଟିମ୍ ନିୟୋଜନ କରିବା ସହ ଆବଶ୍ୟକ ସାମଗ୍ରୀର ପର୍ଯ୍ୟାପ୍ତ ମହଜୁଦ ଏବଂ ତ୍ରୁଟି ନିରାକରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି । ସମସ୍ୟାର ଶୀଘ୍ର ସମାଧାନ ଏବଂ ଉନ୍ନତ ସେବା ପ୍ରଦାନ ପାଇଁ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ସମ୍ବନ୍ଧୀୟ ଅଭିଯୋଗ ତୁରନ୍ତ ଜଣାଇବାକୁ ମଧ୍ୟ ଅନୁରୋଧ କରାଯାଇଛି।

ବର୍ତ୍ତମାନ ଜୟପୁର ସହରକୁ ଓଲ୍ଡ କଣ୍ଟ୍ରୋଲ ରୁମ୍ ପ୍ରାଇମେରୀ ସବଷ୍ଟେସନ(ପିଏସ୍ଏସ୍), ନ୍ୟୁ ବସ୍ ଷ୍ଟାଣ୍ଡ ପିଏସ୍ଏସ୍, ଡଙ୍ଗାଗୁଡ଼ା ପିଏସ୍ଏସ୍ ଏବଂ ରଣ୍ଡାପାଲ୍ଲୀ ପିଏସ୍ଏସ୍ ମାଧ୍ୟମରେ ବିଦ୍ୟୁତ ଯୋଗାଣ କରାଯାଉଛି। ଏହି ସବଷ୍ଟେସନଗୁଡ଼ିକର ସମ୍ମିଳିତ ଟ୍ରାନ୍ସଫର୍ମର କ୍ଷମତା ସହରର ବଢୁଥିବା ବିଦ୍ୟୁତ ଚାହିଦା ପୂରଣ ପାଇଁ ପର୍ଯ୍ୟାପ୍ତ । ଏହାସହ ଜରୁରୀ ପରିସ୍ଥିତି, ରକ୍ଷଣାବେକ୍ଷଣ କାର୍ଯ୍ୟ କିମ୍ବା ଅପ୍ରତ୍ୟାଶିତ ବିଦ୍ୟୁତ ବିଭ୍ରାଟ ସମୟରେ ବିକଳ୍ପ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ପାଇଁ ଏନ୍– ୧ କଣ୍ଟିଜେନ୍ସି ଭଳି ବିକଳ୍ପ ବ୍ୟବସ୍ଥା ମଧ୍ୟ କରାଯାଇଛି ।



ଜୟପୁରର ତିନୋଟି ପ୍ରମୁଖ ପ୍ରାଇମେରୀ ସବଷ୍ଟେସନ ଓଲ୍ଡ କଣ୍ଟ୍ରୋଲ ରୁମ୍, ନ୍ୟୁ ବସ୍ ଷ୍ଟାଣ୍ଡ ଏବଂ ଡଙ୍ଗାଗୁଡ଼ାରେ ପୂର୍ଣ୍ଣକାଳୀନ ଭାବେ ଅତ୍ୟାଧୁନିକ ସ୍କାଡା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଏହା ମାଧ୍ୟମରେ ବିଦ୍ୟୁତ ନେଟୱାର୍କର ରିୟଲ୍–ଟାଇମ୍ ନିରୀକ୍ଷଣ, ଶୀଘ୍ର ତ୍ରୁଟି ଚିହ୍ନଟ ଏବଂ ଦ୍ରୁତ ବିଦ୍ୟୁତ ପୁନଃସ୍ଥାପନ ସମ୍ଭବ ହେଉଛି ।

ଭବିଷ୍ୟତ ଚାହିଦାକୁ ଦୃଷ୍ଟିରେ ରଖି ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଟିପିଏସ୍ଓଡିଏଲ୍ ଜୟପୁର ସହରର ବିଦ୍ୟୁତ ଭିତ୍ତିଭୂମି ବିକାଶରେ ପ୍ରାୟ ୨୦ କୋଟି ଟଙ୍କା ବିନିଯୋଗ କରିଛି। ଏହା ଅଧୀନରେ ୨୭ଟି ବିତରଣ ସବଷ୍ଟେସନରର କ୍ଷମତା ବୃଦ୍ଧି ଏବଂ ୧୩ଟି ନୂତନ ବିତରଣ ସବଷ୍ଟେସନ ସ୍ଥାପନ କରାଯାଇଛି, ଯାହା ନେଟୱାର୍କର କ୍ଷମତା ଓ ସ୍ଥାୟୀତ୍ୱକୁ ବଢ଼ାଇଛି।

ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ଅଧୀନରେ ୬ ସର୍କିଟ କିଲୋମିଟର ୧୧ କେଭି ଲାଇନର ଅପଗ୍ରେଡେସନ୍, ୧.୩ ସର୍କିଟ କିଲୋମିଟର ନୂତନ ଲିଙ୍କ ଲାଇନ୍ ନିର୍ମାଣ, ୨ ସର୍କିଟ କିଲୋମିଟର ୧୧ କେଭି ଲାଇନର କ୍ଷମତା ବୃଦ୍ଧି, ୨ ସର୍କିଟ କିଲୋମିଟର କଭର୍ଡ କଣ୍ଡକ୍ଟର ସ୍ଥାପନ, ୧୧ କେଭି ନେଟୱାର୍କରେ ୨୫ଟି ଏବଂ ୩୩ କେଭି ନେଟୱାର୍କରେ ୨ଟି ଫଲ୍ଟ ପାସେଜ୍ ଇଣ୍ଡିକେଟର ସ୍ଥାପନ, ୬୯ଟି ଏଲ୍ଟି ଡିଷ୍ଟ୍ରିବ୍ୟୁସନ ବକ୍ସ ସ୍ଥାପନ, ୮.୨ ସର୍କିଟ୍ କିଲୋମିଟର ୩୩ କେଭି ଲିଙ୍କ ଲାଇନ୍ ନିର୍ମାଣ, ଜଙ୍ଗଲ ଅଞ୍ଚଳରେ କଭର୍ଡ କଣ୍ଡକ୍ଟର ବ୍ୟବହାର ଏବଂ ୧୧ କେଭି ଓ ୩୩ କେଭି ନେଟୱାର୍କରେ ୬ଟି ଲେଖାଏଁ ଅଟୋ ରିକ୍ଲୋଜର ସ୍ଥାପନ କରାଯାଇଛି। ଏହାଛଡ଼ା ଆରଏମୟୁ, ଏବିଏସ୍, ଇଣ୍ଟରମିଡିଏଟ୍ ପୋଲ୍, ଏଲ୍ଟି ବେୟାର୍ କଣ୍ଡକ୍ଟର ଏବଂ ଏଲ୍ଟି ଏବିସି ସମେତ ଅନ୍ୟାନ୍ୟ ନେଟୱାର୍କ ଉନ୍ନୟନ କାର୍ଯ୍ୟ ମଧ୍ୟ ସମ୍ପାଦିତ ହୋଇଛି ।

ଅନ୍ୟପକ୍ଷରେ ଅଂଶୀଦାର ଓ ଉପଭୋକ୍ତା ସହ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଜୟପୁର ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଜେସିସିଆଇ) ଏବଂ ଜୟପୁର ପୌରପାଳିକାର ପ୍ରତିନିଧିମାନଙ୍କ ସହ ଜୟପୁର ସର୍କଲ କାର୍ଯ୍ୟାଳୟରେ ଏକ ଆଲୋଚନା ସଭା ଆୟୋଜିତ ହୋଇଛି । ସଭାରେ ବିଦ୍ୟୁତ ସମ୍ପର୍କିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା । ଟିପିଏସ୍ଓଡିଏଲ୍ ପକ୍ଷରୁ ସମସ୍ତ ସ୍ଥାନ ପରିଦର୍ଶନ କରାଯାଇ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନ ଦିଆଯାଇଥିଲା ।

ସଭାରେ ଜୟପୁର ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ସର୍କଲ ମୁଖ୍ୟ ଶ୍ରୀ ମନ୍ମଥ ନାଥ ମିଶ୍ର ବିଦ୍ୟୁତ ଉତ୍ପାଦନଠାରୁ ଆରମ୍ଭ କରି ବିଦ୍ୟୁତ ବିତରଣ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ । ସେ କହିଥିଲେ ଯେ, ଗତ କିଛି ବର୍ଷ ମଧ୍ୟରେ ଟିପିଏସ୍ଓଡିଏଲ୍ ନିଜର ଜରୁରୀକାଳୀନ ସେବା ଏବଂ ବିଦ୍ୟୁତ ପୁନଃସ୍ଥାପନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି । ବିପର୍ଯ୍ୟୟ କିମ୍ବା ନେଟୱାର୍କ ତ୍ରୁଟି ସମୟରେ ଶୀଘ୍ର ବିଦ୍ୟୁତ ସେବା ପୁନଃସ୍ଥାପନ ପାଇଁ କମ୍ପାନୀର ପ୍ରୟାସ ଉପରେ ଉପଭୋକ୍ତାମାନେ ଆସ୍ଥା ରଖିବାକୁ ସେ ଅନୁରୋଧ କରିଛନ୍ତି ।

ଶ୍ରୀ ମିଶ୍ର କହିଥିଲେ, ''ଆର୍ଥିକ କାର୍ଯ୍ୟକଳାପର ବୃଦ୍ଧି, ସହରୀକରଣ ଏବଂ ଉପଭୋକ୍ତାଙ୍କ ଜୀବନଶୈଳୀର ପରିବର୍ତ୍ତନ ଫଳରେ ଜୟପୁରରେ ବିଦ୍ୟୁତ ଚାହିଦା କ୍ରମାଗତ ଭାବେ ବଢୁଛି। ସେହି ସମୟରେ ବାରମ୍ବାର ପାଣିପାଗଜନିତ ବାଧା ଏବଂ ପିକ୍ ଲୋଡ୍ ପରିସ୍ଥିତି ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଏହାକୁ ମୁକାବିଲା କରିବା ପାଇଁ ଆମେ ଦୀର୍ଘମିଆଦୀ ଯୋଜନା ଅନୁସାରେ ଭିତ୍ତିଭୂମି ବିକାଶ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଜରୁରୀକାଳୀନ ପ୍ରସ୍ତୁତିକୁ ମଜବୁତ କରିଛୁ । ଆମର ଲକ୍ଷ୍ୟ କେବଳ ବର୍ତ୍ତମାନର ଚାହିଦା ପୂରଣ କରିବା ନୁହେଁ, ବରଂ ଆଗାମୀ ଦିନରେ ଅଞ୍ଚଳର ବିକାଶକୁ ସମର୍ଥନ କରିପାରିବା ଭଳି ଏକ ସ୍ଥାୟୀ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ ବ୍ୟବସ୍ଥା ଗଢ଼ି ତୋଳିବା । ଏହି ପ୍ରୟାସରେ ଉପଭୋକ୍ତା ଓ ଅଂଶୀଦାରମାନଙ୍କ ସହଯୋଗ ଆମେ ଆଶା କରୁଛୁ।''

ଜୟପୁର ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ବାଣିଜ୍ୟିକ ଏବଂ ସେବା କେନ୍ଦ୍ର ଭାବେ କୋରାପୁଟ ଜିଲ୍ଲା ସହ ମାଲକାନଗିରି, ନବରଙ୍ଗପୁର ଏବଂ ପଡୋଶୀ ଛତିଶଗଡ଼ର କେତେକ ଅଞ୍ଚଳକୁ ସେବା ପ୍ରଦାନ କରୁଛି । ଦ୍ରୁତ ସହରୀକରଣ, ବାଣିଜ୍ୟ ଓ ବ୍ୟବସାୟର ବିସ୍ତାର, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସଂସ୍ଥାନର ଅଭିବୃଦ୍ଧି ଏବଂ ବିଦ୍ୟୁତ ଉପକରଣର ବଢୁଥିବା ବ୍ୟବହାର ଯୋଗୁଁ ବିଦ୍ୟୁତ ଚାହିଦାରେ ନିରନ୍ତର ବୃଦ୍ଧି ଘଟୁଛି । ଫଳରେ ସହରର ଆର୍ଥିକ ଅଭିବୃଦ୍ଧି ପାଇଁ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । କମ୍ପାନୀ ଏହି ଗୁରୁ ଦାୟିତ୍ୱକୁ ପ୍ରତିବଦ୍ଧତା ସହକାରେ ସମ୍ପାଦନ କରୁଅଛି ।

ଟିପିଏସ୍ଓଡିଏଲ୍ ଜୟପୁର ସର୍କଲରେ ଆୟୋଜତି ଉକ୍ତ ସଭାରେ ଜେସିସିଆଇର ସଭାପତି ଶ୍ରୀ ସଞ୍ଜୟ କୁମାର ଜୈନ, ସାଧାରଣ ସମ୍ପାଦକ ଶ୍ରୀ ବି. ସତୀଶ, ଜୟପୁର ପୌରପାଳିକାର ଉପାଧ୍ୟକ୍ଷା ଶ୍ରୀମତୀ ବି. ସୁନୀତା, କାଉନ୍ସିଲର ଶ୍ରୀ ବାବୁ ବିଶୋଇ, ଜେସିସିଆଇ ନିର୍ଦ୍ଦେଶକ ଶ୍ରୀ ଚନ୍ଦ୍ରେଶ ରାଠୋଡ଼, ଶ୍ରୀ ନେମାନୀ ଚୈତନ୍ୟ ଏବଂ ଟିପିଏସ୍ଓଡିଏଲର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# କର୍ମ ଅନୁସାରେ ଧର୍ମ ପ୍ରତିଫଳିତ ହୁଏ

ଧର୍ମ ହେଉଛି ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ୟଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଆଧ୍ୟୟନିକ କିମ୍ବା ଆଧାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା । ଧର୍ମ କହିଲେ ଜୀବ କଲ୍ୟାଣ ଏବଂ ଅନ୍ତଃକରଣ ଶୁଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଆଚରଣର ନିୟମକୁ ବୁଝାଇଥାଏ। ଅଧର୍ମ କହିଲେ ନିଷିଦ୍ଧ କର୍ମକୁ ବୁଝାଇଥାଏ ଯାହା ପତନର କାରଣ ହୋଇଥାଏ ଏବଂ ସମାଜର ହାନି କରିଥାଏ। ଆସୁରିକ ସ୍ୱଭାବରେ ଶାସ୍ତ୍ର ଜ୍ଞାନ ପ୍ରତି ଶ୍ରଦ୍ଧା ନ ଥାଏ। ସୁତରାଂ, ଯେଉଁମାନଙ୍କର ସ୍ୱଭାବ ଆସୁରିକ, ସେମାନେ ଠିକ୍ ଭୁଲ୍‌ର ବିଚାର କରିପାରନ୍ତି ନାହିଁ। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ ଉଚିତ୍-ଅନୁଚିତ୍‌ର ବିବେଚନା କରି ପାରନ୍ତି ନାହିଁ। ତେଣୁ ସେମାନଙ୍କ ଚରିତ୍ରରେ ଶୁଦ୍ଧତା, ସତ୍ୟ କିମ୍ବା ଉଚିତ୍ ଆଚରଣ ଦୃଷ୍ଟିଗୋଚର ହୋଇ ନ ଥାଏ। ସେମାନେ କହନ୍ତି, ''ସଂସାର ସତ୍ୟ ରହିତ ଅଟେ । ଏହାର ଆଧାର ବା ଧାର୍ମିକ କିଛି ନାହିଁ ଏବଂ ଏହା ଈଶ୍ୱରହୀନ ତଥା ଯିଏ ସୃଷ୍ଟି କରନ୍ତି ଏବଂ ନିୟନ୍ତ୍ରଣ କରନ୍ତି ଅଟେ। ଏହା ଦୁଇ ଲିଙ୍ଗର ସଂଯୋଗରେ ସୃଷ୍ଟି ହୋଇଛି ଏବଂ ଯୌନ ସନ୍ତୋଷ ଅତିରିକ୍ତ ଏହାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ। ଅନୈତିକ ବ୍ୟବହାରରୁ କ୍ଷାନ୍ତ ହେବାର ଦୁଇଟି ଉପାୟ ଅଛି। ପ୍ରଥମଟି, ଇଚ୍ଛାଶକ୍ତିର ଉପଯୋଗ କରି ଅଧର୍ମଠାରୁ ଦୂରେଇ ରହିବା ଏବଂ ଦ୍ୱିତୀୟ ଉପାୟଟି, ଭଗବାନଙ୍କ ଭୟରେ ପାପରୁ ନିବୃତ୍ତ ରହିବା। କେବଳ ନିଜ ଇଚ୍ଛାଶକ୍ତି ଉପଯୋଗ କରି ପାପ କର୍ମରୁ ନିବୃତ୍ତ ରହିବା ବ୍ୟକ୍ତି ବହୁତ କମ୍ ଅଛନ୍ତି। ଅଧିକାଂଶ ବ୍ୟକ୍ତି ଦଣ୍ଡ ଭୟରେ ଅସତ୍ ଆଚରଣ କରିବାରୁ ନିବୃତ ହୁଅନ୍ତି। ଉଦାହରଣ ସ୍ୱରୂପ, ଆମେ ରାଜପଥରେ ଲକ୍ଷ୍ୟ କରୁ, ଯେତେବେଳେ ଗୋଟିଏ ପୋଲିସ ଗାଡ଼ି ଦେଖାଯାଏ, ଲୋକମାନେ ତାଙ୍କ ଯାନର ଗତିକୁ ମନ୍ଥର କରିଦିଅନ୍ତି।କିନ୍ତୁ ଯେତେବେଳେ ଧରାପଡ଼ି କୌଣସି ଭୟ ନ ଥାଏ, ସେମାନେ ଗତିକୁ ସୀମା ଅତିରିକ୍ତ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ତେଣୁ ଆମେ ଯଦି ଭଗବାନଙ୍କୁ ବିଶ୍ୱାସ କରିବା, ଅନୈତିକ କାର୍ଯ୍ୟରୁ ଦୂରରେ ରହିବା। ତା ପରିବର୍ତ୍ତେ ଯଦି ଆମେ ଭଗବାନଙ୍କୁ ବିଶ୍ୱାସ କରିବା ନାହିଁ, ତେବେ ମଧ ତାଙ୍କର ସମସ୍ତ ନିୟମ ଆମ ପ୍ରତି ଲାଗୁ ହେବ ଏବଂ ଆମେ ଅନୁଚିତ୍ କର୍ମର ପରିଣତି ଭୋଗ କରିବା।

ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ, ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, ଅତ୍ୟଧିକ ସମ୍ମାନ , ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଆରମ୍ଭ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀସବୁକୁ ବେଳେବେଳେ ଅନୁଗାମୀମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ପାରମ୍ପରିକ ଭାବେ କାରଣ ରହିତ ବିଶ୍ୱାସକୁ ଧାର୍ମିକ ବିଶ୍ୱାସର ଉତ୍ସ ଭାବେ ବିବେଚନା କରାଯାଇଛି । ବିଶ୍ୱରେ ପ୍ରାୟ ୧୦,୦୦୦ରୁ ଅଧିକ ଧର୍ମ ରହିଛି । ବିଶ୍ୱ ଜନସଂଖ୍ୟାର ୮୪ ଭାଗ ଲୋକ ଖ୍ରୀଷ୍ଟ, ହିନ୍ଦୁ, ଇସ୍ଲାମ, ବୌଦ୍ଧ ତଥା ଲୋକପ୍ରଥା ସହ ଯୋଡି ହୋଇଛନ୍ତି । ଅବଶିଷ୍ଟ ଲୋକମାନେ ନିଜକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବୋଲି ଭାବନ୍ତି ନାହିଁ କିମ୍ବା ସେମାନେ ନିଜକୁ ନାସ୍ତିକ ବୋଲି ମାନନ୍ତି ।

ଆସୁରିକ ପ୍ରବୃତ୍ତିଯୁକ୍ତ ବ୍ୟକ୍ତି ମାନେ କୌଣସି ପ୍ରକାରର ପ୍ରାଧିକରଣ ଏବଂ ନିୟମନକୁ ସ୍ୱୀକାର କରନ୍ତି ନାହିଁ, ଯାହା ଭଗବତ୍ ବିଶ୍ୱାସର ଏକ ଆବଶ୍ୟକୀୟ ଅନୁଶାସନ ଅଟେ। ସେମାନଙ୍କ ମତରେ ଭଗବାନ ବୋଲି କେହି ନାହାଁନ୍ତି ଏବଂ ସଂସାରର କୌଣସି ଧାର୍ମିକ ଆଧାର ନାହିଁ।ସେମାନେ ''ମହା ବିସ୍ଫୋଟ ସିଦ୍ଧାନ୍ତ'' ପରି ପରିକଳ୍ପନାର ପ୍ରଚାର କରନ୍ତି, ଯାହା ଅନୁଯାୟୀ ସୃଷ୍ଟିର ଶୂନ୍ୟ ସମୟରେ ଘଟିଥିବା ଏକ ଆକସ୍ମିକ ବିସ୍ଫୋରଣରୁ ସଂସାର ର ସୃଷ୍ଟି ହୋଇଛି, ତେଣୁ ଏହି ସଂସାରକୁ ବ୍ୟବସ୍ଥିତ ରଖିବାକୁ କୌଣସି ଭଗବାନ ନାହାଁନ୍ତି। ଏହିପରି ସିଦ୍ଧାନ୍ତ ସେମାନଙ୍କୁ ନିଃସଂକୋଚରେ କିମ୍ବା କୌଣସି ପରିଣାମର ଭୟ ନ ଥାଇ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ନିୟୋଜିତ କରିଥାଏ। ବିଭିନ୍ନ ଇନ୍ଦ୍ରିୟ ସୁଖଭୋଗ ମଧ୍ୟରୁ, ଯୌନ ସମ୍ଭୋଗର ଇଚ୍ଛା ଅତି ପ୍ରବଳ ଅଟେ। ଏହାର କାରଣ ଭୌତିକ ଜଗତ ଆଧାତ୍ମିକ ଜଗତର ଏକ ବିକୃତ ପ୍ରତିରୂପ ଅଟେ। ଆଧାତ୍ମିକ ଜଗତରେ, ମୁକ୍ତ ଆତ୍ମା ଗୁଡିକର ଭଗବାନ ଙ୍କ ସହିତ ସମ୍ପର୍କ ଯୋଡ଼ିବାର ଆଧାର ଦିବ୍ୟପ୍ରେମ ଅଟେ। ମାୟିକ ଜଗତରେ ଏହାର ବିକୃତ ପ୍ରତିରୂପ ଯୌନ ସମ୍ଭୋଗ, ମାୟାଧୀନ ଜୀବମାନ ଙ୍କର ଚେତନାରେ ପ୍ରାଧାନ୍ୟ ବିସ୍ତାର କରିଥାଏ, ବିଶେଷତଃ ଯେଉଁମାନେ ରଜଗୁଣ-ପ୍ରଧାନ ଅଟନ୍ତି। ଅତଏବ, ଆସୁରିକ ସ୍ୱଭାବର ବ୍ୟକ୍ତି ଯୌନ ସମ୍ଭୋଗକୁ ମାନବ ଜୀବନର ଉଦ୍ଦେଶ୍ୟ ନିର୍ଦ୍ଧାରିତ କରିଥାଆନ୍ତି । ଏପରି ସିଦ୍ଧାନ୍ତକୁ ଦୃଢ଼ ଭାବରେ ଗ୍ରହଣ କରି ଏହି ବିପଥଗାମୀ ଜୀବ, ସେମାନ ଙ୍କର ସ୍ୱଳ୍ପ ବୁଦ୍ଧି ଏବଂ ନିଷ୍ଠୁର କର୍ମ ଦ୍ୱାରା, ସଂସାରର ବିଧ୍ୱଂସକରୀ ଶତ୍ରୁ ରୂପରେ ଦେଖାଦିଅନ୍ତି। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ, ସଠିକ୍ ଆତ୍ମ-ଜ୍ଞାନରୁ ବଞ୍ଚିତ ହୋଇ, ତାଙ୍କର ଅଶୁଦ୍ଧ ବୁଦ୍ଧିଦ୍ୱାରା, ସତ୍ୟର ସିଦ୍ଧାନ୍ତକୁ ବିକୃତ କରିଦିଅନ୍ତି। ଏହାର ଏକ ଉଦାହରଣ ହେଉଛି ଚାର୍ବାକ୍‌ଙ୍କର ସିଦ୍ଧାନ୍ତ ଯିଏ କି, ଭାରତ ଇତିହାସର ଜଣେ ପ୍ରସିଦ୍ଧ ଭୌତିକବାଦୀ ଦାର୍ଶନିକ ଅଟନ୍ତି । ସେ କହିଥିଲେ....

ଯାବଜ୍ଜୀବେତ ସୁଖଂ ଜୀବେତ୍, ଋଣମ୍ କୃତ୍ୱା ଘୃତଂ ପିବେତ୍

ଭସ୍ମୀ ଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ । ଯେତେଦିନ ପର୍ଯ୍ୟନ୍ତ ଜୀବିତ ରହିଛ, ନିଜକୁ ଉପଭୋଗ କର । ଯଦି ଘୃତ ପାନ କରିବାକୁ ଇଚ୍ଛା କରୁଥାଅ, ଆବଶ୍ୟକ ସ୍ଥଳେ ଋଣ କରି ମଧ, ତାହା କର। ଶରୀରର ଦାହସଂସ୍କାର କରାଯିବା ପରେ, ତୁମର ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ସଂସାରକୁ ପୁଣି ଫେରିବ ନାହିଁ । ତେଣୁ ତୁମ କର୍ମର ପରିଣାମକୁ ନେଇ ଚିନ୍ତିତ ହୁଅ ନାହିଁ । ଏହିପରି ଭାବରେ, ଆସୁରିକ ସ୍ୱଭାବଯୁକ୍ତ ବ୍ୟକ୍ତି ଆତ୍ମାର ନିତ୍ୟତା ଏବଂ କର୍ମ ପ୍ରତିକ୍ରିୟାର ସମ୍ଭାବନାକୁ ପ୍ରତ୍ୟାଖାନ କରି ଥାଆନ୍ତି। ସେଥିପାଇଁ ସେମାନେ ନିର୍ଦ୍ୱନ୍ଦରେ ସ୍ୱାର୍ଥପର ଏବଂ ନିଷ୍ଠୁର କର୍ମରେ ଲିପ୍ତ ରହନ୍ତି। ଯଦି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ହୋଇଥାଆନ୍ତି, ତେବେ ସେମାନେ ନିଜର ବିଭ୍ରାନ୍ତିକର ଭୌତିକବାଦୀ ମତକୁ ଅନ୍ୟମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି। ସେମାନଙ୍କର ଆତ୍ମ-କୈନ୍ଦ୍ରିକ ଲକ୍ଷ୍ୟ, ଅନ୍ୟମାନଙ୍କ ପାଇଁ ଦୁଃଖର କାରଣ ହେଉ କିମ୍ବା ସଂସାରର ବିନାଶର କାରଣ ହେଉ ପଛେ, ତାହାକୁ ହାସଲ କରିବା ପାଇଁ ସେମାନେ ଦ୍ୱିଧାହୀନ ଭାବରେ ଅବିଶ୍ରାନ୍ତ ଉଦ୍ୟମ କରିଥାନ୍ତି। ମାନବ ଇତିହାସ ବାରମ୍ବାର ଏହିପରି ଆତ୍ମବଡ଼ିମାପୂର୍ଣ୍ଣ ସମ୍ରାଟ, ଯଥା ହିଟ୍‌ଲର, ମୁସୋଲିନ୍, ଷ୍ଟାଲିନ୍ ଇତ୍ୟାଦିଙ୍କୁ ଦେଖିଛି, ଯେଉଁମାନେ ତାଙ୍କର ବିକୃତ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସଂସାରରେ ଅକଥନୀୟ ଯନ୍ତ୍ରଣା ଏବଂ ବିନାଶ ଆଣି ଦେଇଥିଲେ ଏମାନେ ସବୁ ଆସୁରିକ ସ୍ୱଭାବ ଯୁକ୍ତ ଥିଲେ।

**ଡଃ ଅମୂଲ୍ୟ କୁମାର ପଣ୍ଡା**
**ଅରଙ୍ଗାବାଦ ବରୀ ଯାଜପୁର**

# ବନ୍ଧୁ କୁଳମଣିଙ୍କ ଅବସର ସ୍ମୃତିରେ

ଜୀବନର ଦୀର୍ଘ ପଦଯାତ୍ରାରେ କେତେକ ମଣିଷ ଏମିତି ଥାଆନ୍ତି, ଯେଉଁମାନେ କେବଳ ନିଜ କାର୍ଯ୍ୟ ଦକ୍ଷତାରେ ନୁହେଁ ସ୍ୱକୀୟ ସରଳତା, ମାନବିକତା ଓ ମିଷ୍ଟ ବ୍ୟବହାର ଦ୍ୱାରା ସମସ୍ତଙ୍କ ହୃଦୟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ରଖିଥାନ୍ତି । ସେଥି ପାଇଁ ଆଜି ମୋର ଅନ୍ତରଙ୍ଗ ସହପାଠୀ ବନ୍ଧୁ ଡକ୍ଟର୍ କୁଳମଣି ଓଝାର କାର୍ଯ୍ୟାବସର ଅବକାଶରେ ତା ପାଇଁ କିଛି ଶବ୍ଦ ଲେଖିବା ସମୟରେ ମନରେ ଭରି ଯାଉଛି ଅନେକ ସ୍ମୃତି, ଭାବନା ଓ ଗୌରବାନୁଭୂତି ।

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଏମ୍.ଏ. ପଢ଼ିବା ସମୟରେ କୁଳମଣି ସହ ମୋର ପରିଚୟ କେବଳ ଏକ ସହପାଠୀ ଭାବେ ନୁହେଁ ବରଂ ଜୀବନର ଏକ ସୁନ୍ଦର ଅଧ୍ୟାୟର ସାକ୍ଷୀ ଭାବରେ ଗଢ଼ି ଉଠିଥିଲା । ଛାତ୍ର ଜୀବନର ସେହି ସ୍ମୃତିର ଦିନଗୁଡ଼ିକ ଏକା ସାଙ୍ଗରେ ଗୋପବନ୍ଧୁ ଛାତ୍ରାବାସ ମଧ୍ୟରେ କାଟିଥିବା ସମୟ, ପରୀକ୍ଷାର ଚାପ ଓ ସ୍ୱପ୍ନମୟ ଭବିଷ୍ୟତର କଥା ସବୁ ଆଜି ମନ ପଟଳରେ ଏକ ସୁନ୍ଦର ଚିତ୍ର ଭଳି ଭାସି ଉଠୁଛି । ତାର ନିଷ୍ଠା, ଶୃଙ୍ଖଳା ଓ ଉଚ୍ଚ ଚିନ୍ତାଧାରା ସମସ୍ତଙ୍କୁ ଆକର୍ଷିତ କରୁଥିଲା।

ଜୀବନର ପ୍ରତ୍ୟେକ ପଦକ୍ଷେପରେ କୁଳମଣି ନିଜକୁ ଜଣେ ସତ୍ୟନିଷ୍ଠ, କର୍ତ୍ତବ୍ୟପରାୟଣ ଓ ଦାୟିତ୍ୱଶୀଳ ବ୍ୟକ୍ତି ଭାବେ ପ୍ରମାଣ କରିଛି । ତାର କର୍ମମୟ ଜୀବନ କେବଳ ଚାକିରିର ସୀମା ମଧ୍ୟରେ ସୀମିତ ରହି ନ ଥିଲା ବରଂ ତାହା ଥିଲା ସମାଜ ଓ ସଂସ୍ଥା ପ୍ରତି ଏକ ପ୍ରକାର ସମର୍ପିତ ନିରବ ସେବା । ସେ ଯେଉଁଠି କାମ କରିଛି, ସେଠାରେ ନିଜର ନିଷ୍ଠା, ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ସହଯୋଗୀ ମନୋଭାବ ଦ୍ୱାରା ସମସ୍ତଙ୍କ ଶ୍ରଦ୍ଧା ଓ ସ୍ନେହଭାଜନ ହୋଇ ଆସିଅଛି । ତାର ସରଳ ଜୀବନଯାପନ ଓ ଉଚ୍ଚ ଆଦର୍ଶ ଆଜିର ପିଢ଼ି ପାଇଁ ପ୍ରେରଣା ପ୍ରଦାୟକ । ବଡ଼ ପଦବୀ କିମ୍ବା ଦୀର୍ଘ କାର୍ଯ୍ୟାନୁଭବ ସତ୍ତ୍ୱେ ତା ମନରେ କେବେ ଅହଂକାର ଦେଖାଯାଇନି । ସେ ସବୁବେଳେ ସମସ୍ତଙ୍କ ସହ ଆତ୍ମୀୟତାର ସମ୍ପର୍କ ରଖିଆସିଛି ।

ମୋର ପୁସ୍ତକ ପରିଚର୍ଚ୍ଚାର ପୃଥିବୀ ପ୍ରକାଶ ପୂର୍ବରୁ ସମ୍ୟକ୍ ପ୍ରତିବେଦନ ଶୀର୍ଷକରେ ସେ ଯେପରି ଏକ ସାରଗର୍ଭୀୟ ସମୀକ୍ଷା ଲେଖିଥିଲା, ତାହା ଆଜି ମଧ ମୋ ପାଇଁ ଅପାର ପ୍ରେରଣାର ସ୍ରୋତ ହୋଇ ରହିଛି ଓ ରହିବ । ସେହି ସମୀକ୍ଷାରେ କେବଳ ଏକ ପୁସ୍ତକର ମୂଲ୍ୟାଙ୍କନ ନ ଥିଲା ଥିଲା ଜଣେ ସହପାଠୀର ନିଷ୍କଳୁଷ ସ୍ନେହ, ସାହିତ୍ୟ ପ୍ରତି ଗଭୀର ଅନୁଭୂତି ଓ ଚିନ୍ତନର ପରିପକ୍ୱତା । ସେ ମୋ ଲେଖାର ମନୋଭାବକୁ ଯେପରି ଅନୁଭବ କରିଥିଲା, ତାହା ମୋତେ ନୂତନ ଉତ୍ସାହ ଦେଇଛି । କୁଳମଣି ଲେଖନୀରେ ସରଳତା ଥିଲା, କିନ୍ତୁ ସେହି ସରଳତା ଭିତରେ ଗଭୀର ଚିନ୍ତାଧାରା ଲୁଚି ରହିଥାଏ । ସେ ସବୁବେଳେ ସତ୍ୟକୁ ସମ୍ମାନ କରୁଥିଲା ଓ ଗୁଣକୁ ଗୁଣ ରୂପେ ସ୍ୱୀକାର କରୁଥିଲା । ତାର ସମୀକ୍ଷା କେବଳ ମୋ ପାଇଁ ଆନୁଷ୍ଠାନିକ ନ ଥିଲା, ସେଥିରେ ରହିଛି ଏକ ଆତ୍ମୀୟ ସମ୍ପର୍କର ଉଷ୍ମତା । ଏହି କାରଣରୁ ତାର ଲେଖା ଓ ମତାମତ ସବୁବେଳେ ସ୍ମରଣୀୟ ହୋଇରହିଛି ।

ଛୋଟ ବଡ଼ ସମସ୍ତଙ୍କୁ ସମୁଚିତ ମାନ ଓ ସମ୍ମାନ ଦେବାରେ ତାର ଅଭ୍ୟାସ ତାକୁ ସବୁଠୁ ଅଲଗା ପରିଚୟ ଦେଇଛି । ଯଦିଓ ଜୀବନର ଦୀର୍ଘ କର୍ମଯାତ୍ରା ପରେ ଆଜି ସେ ଔପଚାରିକ ଭାବରେ ଅବସର ନେଉଛି, କିନ୍ତୁ ତାର ଜ୍ଞାନ, ସୃଜନଶୀଳତା, ସଂସ୍କୃତିପ୍ରେମ ଓ ମାନବିକତା କେବେ ମଧ ଅବସର ନେବ ନାହିଁ । କହିବାକୁ ଗଲେ ଅନ୍ତରଙ୍ଗ ବନ୍ଧୁ କୁଳ କେବଳ ଜଣେ ପ୍ରାଧ୍ୟାପକ କି ଶିକ୍ଷା ବିଭାଗ ପ୍ରଶାସକ ନୁହେଁ, ସେ ଜଣେ ପ୍ରେରଣାଦାୟକ ଗୁଣୀ ପ୍ରାଧ୍ୟାପକ । ଶିକ୍ଷାଦାନ ତା ପାଖରେ ଚାକିରି ନୁହେଁ, ଏକ ସାଧନା ଥିଲା । ଜଣେ ଆଦର୍ଶ ଅଧ୍ୟାପକ ଭୂମିକାରେ ଯେପରି ଧୈର୍ଯ୍ୟ, ନିଷ୍ଠା, ଦାୟିତ୍ୱବୋଧ ଓ ସ୍ନେହ ଥିବା ଆବଶ୍ୟକ, ସେ ସବୁ ଗୁଣ ତା ନିକଟରେ ପ୍ରଚୁର ଭାବେ ଦେଖିବାକୁ ମିଳେ ।

ସେ ଜଣେ ଉତ୍ତମ ବକ୍ତା । ତା କଥାରେ ରହିଥାଏ ଯୁକ୍ତି, ମାଧୁର୍ଯ୍ୟ ଓ ପ୍ରେରଣା । କୌଣସି ଉତ୍ସବ, ସଭା କି ସାହିତ୍ୟ ଆସର, ସେ ମଞ୍ଚରେ ଉଠିଲେ ସମସ୍ତେ ମନୋନିବେଶ କରି ଶୁଣନ୍ତି । ତାର ଉଚ୍ଚାରଣରେ ଥାଏ ସଂସ୍କୃତିର ସୁଗନ୍ଧ ଓ ଜୀବନ ଦର୍ଶନର ଗଭୀରତା । ସଙ୍ଗୀତ କ୍ଷେତ୍ରରେ ବନ୍ଧୁ କୁଳମଣିର ଅବଦାନ ଅବିସ୍ମରଣୀୟ । ସଙ୍ଗୀତ ତା ଜୀବନର ଆତ୍ମା ସଦୃଶ । ସେ ସୁର, ଶବ୍ଦ ଓ ସାହିତ୍ୟ ମାଧ୍ୟମରେ ଅନେକଙ୍କ ହୃଦୟକୁ ସ୍ପର୍ଶ କରିଛି । ତା କବିତାରେ ମାଟିର ଗନ୍ଧ ଅଛି, ମନୁଷ୍ୟତାର ମୂଲ୍ୟବୋଧ ଅଛି ଓ ଜୀବନର ଗଭୀର ଅନୁଭବ ଅଛି । ସଙ୍ଗୀତକୁ ସେ କେବଳ ମନୋରଞ୍ଜନ ଭାବରେ ନୁହେଁ, ମନ ଓ ସମାଜକୁ ଶୁଦ୍ଧ କରିବାର ଏକ ସାଧନା ଭାବରେ ଦେଖିଛି । ସେ ଉତ୍ତମ ଚିତ୍ରକର । ଚିତ୍ରରେ ଚିତ୍ରରେ ମନର ଭାବ ପ୍ରକାଶ ଓ ଦାର୍ଶନିକ ଚିନ୍ତାଧାରାର ପ୍ରତିଛବି ଆଙ୍କିବାରେ ତାର କଳା କୁଶଳତାକୁ ଦେଖିଛି । ପ୍ରାବନ୍ଧିକ ଓ କବି ଭାବେ ମଧ ସେ ଅସାଧାରଣ । ତା ଲେଖାରେ ରହିଛି ଚିନ୍ତାର ଗଭୀରତା, ଭାଷାର ସୌନ୍ଦର୍ଯ୍ୟ ଓ ସମାଜ ପ୍ରତି ଦାୟିତ୍ୱବୋଧ । ତାର କବିତାରେ କେବେ ପ୍ରେମର ସ୍ପନ୍ଦନ ଥାଏ, କେବେ ସମାଜ ଚେତନାର ଆହ୍ୱାନ, ଆଉ କେବେ ଜୀବନର ନିରବ ବେଦନା । ତାର ପ୍ରବନ୍ଧ ରଚନା ପରବର୍ତ୍ତୀ ନୂତନ ପିଢ଼ିକୁ ଚିନ୍ତା କରିବାର ମାର୍ଗ ଦେଖାଇବ ବୋଲି ବିଶ୍ୱାସ ।

ବେଳ ଅବେଳରେ ଜଣେ ସହପାଠୀ ଭାବେ ମୁଁ ତା ସହ ଅନେକ ସ୍ମୃତି ବାଣ୍ଟିଛି । ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ତାର ସରଳତା, ସୌଜନ୍ୟ ଓ ବନ୍ଧୁତ୍ୱ ଅବିକଳ ରହିଛି । ସଫଳତାର ଶୀର୍ଷରେ ପହଞ୍ଚିଲେ ମଧ ସେ କେବେ ଅହଂକାରୀ ହୋଇ ନାହିଁ ତା ଠାରୁ ନମ୍ରତା, ସହନଶୀଳତା, ଧୈର୍ଯ୍ୟ ଆଦି ଅନେକ କିଛି ଶିଖିବାର ଅଛି । ସମସ୍ତଙ୍କ ସହ ମିଶି ଚାଲିବା, ଅନ୍ୟମାନଙ୍କୁ ସମ୍ମାନ ଦେବା ଓ ସମାଜ ପାଇଁ କିଛି କରିବାର ମନୋଭାବ ତାକୁ ସତ୍ୟରେ ଜଣେ ମହାନ୍ ବ୍ୟକ୍ତିତ୍ୱରେ ପରିଣତ କରିଛି । ଆଜି ତାର ଅବସର ଦିନରେ ଆମେ ଯଦିଓ ଭାବୁକ ହେଉଛୁ, ତଥାପି ଏହା ବିଶ୍ରାମର ନୁହେଁ, ଏକ ନୂତନ ଅଧ୍ୟାୟର ଆରମ୍ଭ । ଏବେ ସେ ଅଧିକ ସମୟ ସାହିତ୍ୟ, ସଙ୍ଗୀତ ଓ ସମାଜସେବାକୁ ଦେଇପାରିବ । ତାର ଅନୁଭବ ଓ ପ୍ରଜ୍ଞା ଆଗାମୀ ପିଢ଼ି ପାଇଁ ପଥପ୍ରଦର୍ଶକ ହେବ ।

ଅବସର ଜୀବନର ଶେଷ ନୁହେଁ ବରଂ ଏହା ଏକ ନୂଆ ଆରମ୍ଭ । ଦୀର୍ଘ କାର୍ଯ୍ୟବ୍ୟସ୍ତ ଜୀବନ ପରେ ଏବେ ସେ ପରିବାର ସହ ଅଧିକ ସମୟ ବିତାଇବ, ନିଜର ଅପୂର୍ଣ୍ଣ ଇଚ୍ଛାଗୁଡ଼ିକୁ ପୂରଣ କରିବ । ଜୀବନକୁ ନୂଆ ଭାବରେ ଉପଭୋଗ କରିବ, ଏହା ହିଁ ମୋର ତା ପ୍ରତି ଅଭିଳାଷ । ମୁଁ ସ୍ଥିର ନିଶ୍ଚିତ ଯେ, କାର୍ଯ୍ୟକ୍ଷେତ୍ରରେ ଯେପରି ସଫଳତା ଓ ସମ୍ମାନ ଲାଭ କରିଛି, ଅବସର ଜୀବନ ମଧ ସେହିପରି ସୁଖ, ଶାନ୍ତି ଓ ସମୃଦ୍ଧିପୂର୍ଣ୍ଣ ହେବ । ''ଚାକିରିରୁ ଅବସର ନିଆଯାଇପାରେ, କିନ୍ତୁ ଜୀବନରୁ ନୁହେଁ । ତାର ଅନୁଭବ, ଆଦର୍ଶ ଓ ସ୍ନେହ ସଦା ଆମ ପାଇଁ ପ୍ରେରଣା ହୋଇ ରହିବ ।''

ଏହି ଅବସରରେ ପ୍ରିୟ ବନ୍ଧୁ କୁଳମଣି ଓଝାକୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ସହିତ ଶ୍ରୀଜଗନ୍ନାଥଙ୍କ ନିକଟରେ ତାର ବାକି ଜୀବନ କୁସୁମିତ ହେଉ କାମନା କରୁଛି.. !!!

**ଡକ୍ଟର୍ ଲକ୍ଷ୍ମଣ ସାହୁ**
**ଅଧ୍ୟକ୍ଷ ଓ ବିଭାଗ ମୁଖ୍ୟ, ଓଡ଼ିଆ ଭାଷା-ସାହିତ୍ୟ ବିଭାଗ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪, ଓଡ଼ିଶା**

# ନଅ କିଲୋମିଟରର ଅକୁହା କାହାଣୀ

ପ୍ରଖର ରୌଦ୍ରତାପ। ପାଦ ପୋଡ଼ିଯାଉଛି, ଓଠ ଶୁଖିଯାଉଛି। ତା'ରି ଭିତରେ ଜଣେ ମହିଳା ନିଜର ୯୦ ବର୍ଷର ବୃଦ୍ଧା ଶାଶୂଙ୍କୁ ପିଠିରେ ବୋହି ପାହାଡ଼ିଆ ରାସ୍ତା, ପଥୁରିଆ ଭୂଇଁ ଓ ଜଙ୍ଗଲର ଝରଣା ପାର ହୋଇ ଆଗକୁ ଚାଲିଛନ୍ତି। ଏହି ଦୃଶ୍ୟ ପୁରାତନ ବିକ୍ରମ-ବେତାଳ କାହାଣୀର ଦୃଶ୍ୟକୁ ମନେ ପକାଇଦିଏ, ଯେଉଁଠି ଜଣେ ବ୍ୟକ୍ତି ଆଉ ଜଣକୁ ପିଠିରେ ବସାଇ ଦୁର୍ଗମ ପଥ ଅତିକ୍ରମ କରୁଛି। କିନ୍ତୁ ଏହା କୌଣସି କାଳ୍ପନିକ ଗପ ବା ଲୋକକଥା ନୁହେଁ ବରଂ ଛତିଶଗଡ଼ର ଏକ ଦୁର୍ଗମ ଅଞ୍ଚଳରେ ମୌଳିକ ସରକାରୀ ସୁବିଧା ପାଇବା ପାଇଁ ଜଣେ ସାଧାରଣ ମହିଳାଙ୍କ ସଂଘର୍ଷର ଜ୍ୱଳନ୍ତ ଉଦାହରଣ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି ଭିଡିଓଟି ଛତିଶଗଡ଼ର ସୁରଗୁଜା ଜିଲ୍ଲା ମାଇନପାଟ ଅଞ୍ଚଳର ବୋଲି ଜଣାପଡ଼ିଛି, ଯାହା ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିବା ସହ ଗ୍ରାମୀଣ ଭାରତରେ ଜନକଲ୍ୟାଣ ଯୋଜନାର ବାସ୍ତବତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କରୁଣ ଦୃଶ୍ୟ ଆମ ବିକାଶର ବଡ଼ ବଡ଼ ଦାବିକୁ ସମ୍ପୂର୍ଣ୍ଣ ରୂପେ ଉପହାସ କରୁଛି।

ସ୍ଥାନୀୟ ସୂଚନା ଅନୁଯାୟୀ, ସୁଖମନିଆ ବାଇ ନାମକ ଏହି ମହିଳା ଜଣକ ନିଜର ବୃଦ୍ଧା ଶାଶୂଙ୍କ ବାର୍ଦ୍ଧକ୍ୟ ଭତ୍ତା ଆଣିବା ପାଇଁ ବ୍ୟାଙ୍କ ପର୍ଯ୍ୟନ୍ତ ପ୍ରାୟ ୯ କିଲୋମିଟର ପଥ ପିଠିରେ ବୋହି ଚାଲି ଚାଲି ଯାଇଥିଲେ। ସେହି ଅଞ୍ଚଳରେ ଯାତାୟାତ ପାଇଁ କୌଣସି ପରିବହନ ସୁବିଧା ନଥିବାରୁ ଗ୍ରାମବାସୀମାନେ ଅତି ସାଧାରଣ ସେବା ପାଇଁ ମଧ ଜଙ୍ଗଲ, ପାହାଡ଼ ଓ ନାଳ ଡେଇଁ ଯିବାକୁ ବାଧ ହୁଅନ୍ତି। ସବୁଠାରୁ ଦୁଃଖର କଥା ହେଉଛି, ସୁଖମନିଆଙ୍କୁ ପ୍ରତି ମାସରେ ଏଭଳି ଯନ୍ତ୍ରଣାଦାୟକ ଯାତ୍ରା କରିବାକୁ ପଡ଼ିଥାଏ। କାରଣ ବ୍ୟାଙ୍କ ନିୟମ ଅନୁସାରେ, ପେନସନ ଟଙ୍କା ପାଇବାକୁ ହେଲେ ହିତାଧିକାରୀଙ୍କୁ ନିଜେ ବ୍ୟାଙ୍କରେ ଉପସ୍ଥିତ ରହି ଆଙ୍ଗୁଠି ଚିହ୍ନ ବା ବାୟୋମେଟ୍ରିକ ଯାଞ୍ଚ କରିବା ଅନିବାର୍ଯ୍ୟ। ଏହା ନକଲେ ସେମାନଙ୍କର ପେନସନ ବନ୍ଦ ହୋଇଯିବାର ଭୟ ରହିଥାଏ। ଭିଡିଓରେ ରେକର୍ଡ ହୋଇଥିବା ବାର୍ତ୍ତାଳାପ ଏହି ପ୍ରଶାସନିକ ବ୍ୟବସ୍ଥାର ଅତି କଦର୍ଯ୍ୟ ରୂପକୁ ପଦାରେ ପକାଇଛି, ଯାହା ଶୁଣିଲେ ଯେକୌଣସି ସମ୍ବେଦନଶୀଳ ମଣିଷର ଆଖି ଭିଜିଯିବ।

ଭିଡିଓ କରୁଥିବା ବ୍ୟକ୍ତି ଜଣକ ଯେତେବେଳେ ସୁଖମନିଆଙ୍କୁ ସ୍ଥାନୀୟ ଭାଷାରେ ଏତେ ଦୂର ବୃଦ୍ଧାଙ୍କୁ ବୋହି ନେବାର କାରଣ ପଚାରିଥିଲେ, ସେତେବେଳେ ସେ ଅତି ସରଳ ଭାବେ କହିଥିଲେ ଯେ ଶାଶୂଙ୍କୁ ନେଇ ବ୍ୟାଙ୍କରେ ନ ପହଞ୍ଚିଲେ ପେନସନ ଟଙ୍କା ମିଳିବ ନାହିଁ। ମାତ୍ର ୧୫୦୦ ଟଙ୍କାର ଭତ୍ତା ପାଇଁ, ଯାହାକି ଅନେକ ସମୟରେ କିଛି ମାସର ଏକାଠି ମିଳିଥାଏ, ସେମାନଙ୍କୁ ନିଜ ଜୀବନକୁ ବାଜି ଲଗାଇବାକୁ ପଡ଼ୁଛି। ସୁଖମନିଆ ଏହା ମଧ କହିଛନ୍ତି ଯେ ପୂର୍ବରୁ ଏହି ଟଙ୍କା ସ୍ଥାନୀୟ ସ୍ତରରେ ଗାଁରେ ସହଜରେ ମିଳିଯାଉଥିଲା କିନ୍ତୁ ଏବେ ସେହି ସୁବିଧାଜନକ ବ୍ୟବସ୍ଥା ବନ୍ଦ ହୋଇଯାଇଥିବାରୁ ସେମାନେ ଏଭଳି ଚରମ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣା ଦର୍ଶାଉଛି ଯେ ବେଳେବେଳେ ନୂତନ ନିୟମ ଓ କଠୋର ବ୍ୟବସ୍ଥା ଗରିବ ଲୋକଙ୍କ ପାଇଁ ସୁବିଧା ବଦଳରେ କେମିତି ଅଭିଶାପ ପାଲଟିଯାଏ।

ଏହି ଦୃଶ୍ୟ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦେଶ ଯେତେବେଳେ ଡିଜିଟାଲ ଇଣ୍ଡିଆ ଏବଂ କଲ୍ୟାଣକାରୀ ଯୋଜନାର ବା ଡୋରଷ୍ଟେପ୍? ଡେଲିଭରି ବିଷୟରେ ବଡ଼ ବଡ଼ ଦାବି କରୁଛି, ସେତେବେଳେ ଦୁର୍ଗମ ଅଞ୍ଚଳର ଜଣେ ଶଯ୍ୟାଶାୟୀ ବା ଅତି ବୃଦ୍ଧ ଲୋକଙ୍କୁ ଯାଞ୍ଚ ପାଇଁ ବ୍ୟାଙ୍କକୁ ଆସିବାକୁ ବାଧ କରାଯିବା କେତେଦୂର ଯୁକ୍ତିଯୁକ୍ତ? ଏହି ଘଟଣା ସରକାରଙ୍କ କାଗଜପତ୍ରର ନୀତି ଏବଂ ମାଟିର ବାସ୍ତବତା ମଧ୍ୟରେ ଥିବା ଆକାଶପାତାଳ ତଫାତକୁ ପ୍ରମାଣିତ କରୁଛି। ବିଶେଷ କରି ଆଦିବାସୀ ଏବଂ ଜଙ୍ଗଲ ଘେରା ଅଞ୍ଚଳରେ ଭିତ୍ତିଭୂମିର ଅଭାବ, ପ୍ରଶାସନିକ ଉଦାସୀନତା ଏବଂ ଜଟିଳ ନିୟମ ଯୋଗୁଁ ଗରିବ ଲୋକମାନେ ସେମାନଙ୍କର ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି ଅଥବା ପ୍ରାଣାନ୍ତକ ସଂଘର୍ଷ କରୁଛନ୍ତି।

ସରକାରଙ୍କୁ ଏହା ବୁଝିବାକୁ ହେବ ଯେ ଟେକ୍ନୋଲୋଜିର ଉଦ୍ଦେଶ୍ୟ ହେବା ଉଚିତ ମାନବୀୟ ଜୀବନକୁ ସରଳ ଓ ସହଜ କରିବା। କିନ୍ତୁ ଯେତେବେଳେ ନିୟମର ଜଟିଳତା ମାନବିକତାକୁ ହତ୍ୟା କରେ, ସେତେବେଳେ ସମଗ୍ର ବ୍ୟବସ୍ଥା ଓ ଗଣତନ୍ତ୍ର ଉପରେ ପ୍ରଶ୍ନ ଉଠେ। ୯୦ ବର୍ଷର ଜଣେ ବୃଦ୍ଧାଙ୍କୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟ ଦେବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ କାହିଁକି କୌଣସି ବିକଳ୍ପ ବ୍ୟବସ୍ଥା କଲେ ନାହିଁ, ତାହା ଚିନ୍ତାର ବିଷୟ। ସରକାରୀ ସ୍ତରରେ ତୁରନ୍ତ ଏଭଳି ଜଟିଳ ନିୟମର ସଂସ୍କାର ହେବା ଆବଶ୍ୟକ ଏବଂ ବ୍ୟାଙ୍କର ପ୍ରତିନିଧିମାନେ ନିଜେ ଗାଁକୁ ଯାଇ ଏହିପରି ଅସହାୟ ବୃଦ୍ଧବୃଦ୍ଧାଙ୍କୁ ପେନସନ ପ୍ରଦାନ କରିବା ଉଚିତ। ଯେପରି କୌଣସି ସୁଖମନିଆଙ୍କୁ ମାତ୍ର କିଛି ଟଙ୍କାର ଭତ୍ତା ପାଇଁ ଆଉ କେବେ ନିଜ ଶାଶୂଙ୍କୁ ପିଠିରେ ବୋହିବାକୁ ନ ପଡ଼େ ଏବଂ ଆମ ସମାଜକୁ ଏଭଳି ଲଜ୍ଜାଜନକ ସ୍ଥିତିର ସାମ୍ନା କରିବାକୁ ନ ପଡ଼େ।

**ଅଖିଳ ତରାଇ, ଗଞ୍ଜାମ**

## ସୁବର୍ଣ୍ଣପୁରର କାଳବୈଶାଖୀ : ପ୍ରକୃତିର ପ୍ରକୋପଠାରୁ ବଡ଼ ପ୍ରଶ୍ନ ପରିଚାଳନାର

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପ୍ରକୃତ ସଫଳତା କେବଳ ଯୋଜନା, ଘୋଷଣା କିମ୍ବା ବିକାଶର ଦାବିରେ ସୀମିତ ନୁହେଁ ବରଂ ସଙ୍କଟ ସମୟରେ ସାଧାରଣ ଲୋକଙ୍କ ପାଖରେ ଠିଆ ହୋଇ ସେମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବାର କ୍ଷମତା ହିଁ ତାହାର ପ୍ରକୃତ ମାପକାଠି। ସମ୍ପ୍ରତି ସୁବର୍ଣ୍ଣପୁରରେ ଘଟିଥିବା କାଳବୈଶାଖୀଜନିତ ବିପର୍ଯ୍ୟୟ ଏହି ଦୃଷ୍ଟିକୋଣରୁ ଜିଲ୍ଲାର ପ୍ରଶାସନିକ ପ୍ରସ୍ତୁତି, ସମନ୍ୱୟ ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଏକ କଠିନ ପରୀକ୍ଷାର ସମ୍ମୁଖୀନ କରିଥିଲା। ଦୁଃଖର ବିଷୟ, ସାଧାରଣ ଲୋକଙ୍କ ଅନୁଭୂତି ଅନୁଯାୟୀ ଏହି ପରୀକ୍ଷାରେ ବ୍ୟବସ୍ଥା ଆଶାନୁରୂପ ସଫଳ ହୋଇପାରିନାହିଁ।

ଗତ ୨୮ ତାରିଖ ସନ୍ଧ୍ୟାରେ ଆସିଥିବା ପ୍ରଚଣ୍ଡ କାଳବୈଶାଖୀ ସୁବର୍ଣ୍ଣପୁର ସହର ଓ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଗଛ ଉପୁଡ଼ି ପଡ଼ିବା, ବିଦ୍ୟୁତ ଖୁଣ୍ଟ ଓ ତାର କ୍ଷତିଗ୍ରସ୍ତ ହେବା, ଯୋଗାଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ପରି ଘଟଣା ଏକ ପ୍ରାକୃତିକ ବିପର୍ଯ୍ୟୟ ପରେ ସାଧାରଣ କଥା। କିନ୍ତୁ ଯାହା ସବୁଠାରୁ ଅଧିକ ଚିନ୍ତାର କାରଣ ହୋଇଛି, ତାହା ହେଲା ଘଟଣାର ପ୍ରାୟ ୭୨ ଘଣ୍ଟା ପରେ ମଧ ଜନଜୀବନର ସମ୍ପୂର୍ଣ୍ଣ ସ୍ୱାଭାବିକତା ଫେରି ନ ଆସିବା।

ସୁବର୍ଣ୍ଣପୁର କୌଣସି ବିଶାଳ ମହାନଗର ନୁହେଁ। ଏକ ଛୋଟ ସହର ଓ ଜିଲ୍ଲା ମୁଖ୍ୟାଳୟ ହୋଇଥିବା ସତ୍ତ୍ୱେ ଦୀର୍ଘ ସମୟ ଧରି ବିଦ୍ୟୁତ ସେବାର ପୂର୍ଣ୍ଣ ପୁନରୁଦ୍ଧାର ହୋଇନଥିବା ନିଶ୍ଚିତ ଭାବରେ ପ୍ରଶ୍ନ ସୃଷ୍ଟି କରେ। ବିଦ୍ୟୁତ ବିଚ୍ଛିନ୍ନତା କେବଳ ଘରର ଆଲୋକ କିମ୍ବା ପଙ୍ଖା ବନ୍ଦ ହେବାର ଏକ ସାଧାରଣ ଅସୁବିଧା ନୁହେଁ ଏହା ଆଧୁନିକ ଜୀବନ ବ୍ୟବସ୍ଥାର ମୂଳଭିତ୍ତିକୁ ପ୍ରଭାବିତ କରୁଥିବା ଏକ ଗୁରୁତର ସଙ୍କଟ। ବିଦ୍ୟୁତ ସେବା ବାଧାପ୍ରାପ୍ତ ହେଲେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ହୋଇପଡ଼େ, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକର କାର୍ଯ୍ୟକ୍ଷମତା ବିଘ୍ନିତ ହୁଏ, ଯୋଗାଯୋଗ ବ୍ୟବସ୍ଥା ଦୁର୍ବଳ ହୋଇଯାଏ ଏବଂ ବ୍ୟବସାୟିକ ଓ ଆର୍ଥିକ କାର୍ଯ୍ୟକଳାପ ଠପ୍? ହୋଇପଡ଼େ। ଶିକ୍ଷା, ଚିକିତ୍ସା, ସୂଚନା ପ୍ରଯୁକ୍ତି, କ୍ଷୁଦ୍ର ବ୍ୟବସାୟ ଠାରୁ ଆରମ୍ଭ କରି ସାଧାରଣ ଜନଜୀବନର ପ୍ରତ୍ୟେକ କ୍ଷେତ୍ର ବିଦ୍ୟୁତ ଉପରେ ନିର୍ଭରଶୀଳ। ତେଣୁ ଦୀର୍ଘ ସମୟ ଧରି ବିଦ୍ୟୁତ ବିଚ୍ଛିନ୍ନତା କେବଳ ଅସୁବିଧା ସୃଷ୍ଟି କରେ ନାହିଁ, ବରଂ ଜନଜୀବନ, ଜନସ୍ୱାସ୍ଥ୍ୟ ଓ ସ୍ଥାନୀୟ ଅର୍ଥନୀତି ଉପରେ ବ୍ୟାପକ ଓ ସୁଦୂରପ୍ରସାରୀ ପ୍ରଭାବ ପକାଏ। ଏହି କାରଣରୁ ବିଦ୍ୟୁତ ଯୋଗାଣର ନିରନ୍ତରତା ଓ ଦ୍ରୁତ ପୁନଃସ୍ଥାପନକୁ କେବଳ ଏକ ପ୍ରାୟୋଗିକ ସେବା ନୁହେଁ, ବରଂ ଏକ ଅତ୍ୟାବଶ୍ୟକ ଜନକଲ୍ୟାଣମୂଳକ ଦାୟିତ୍ୱ ଭାବରେ ଦେଖିବା ଆବଶ୍ୟକ।

ତୀବ୍ର ଗ୍ରୀଷ୍ମପ୍ରବାହ ମଧ୍ୟରେ ଲୋକମାନେ ଯେଉଁ ଅସହ୍ୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି, ତାହାକୁ କୌଣସି ପରିସ୍ଥିତିରେ ହାଲୁକା ଭାବରେ ନିଆଯାଇପାରିବ ନାହିଁ।

ବାସ୍ତବରେ ଏହି ଘଟଣା କେବଳ ପ୍ରକୃତିର ପ୍ରକୋପର କାହାଣୀ ନୁହେଁ ଏହା ଥିଲା ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ଏକ ବାସ୍ତବ ପରୀକ୍ଷା। ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ମଣିଷ ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ବିପର୍ଯ୍ୟୟ ପରେ କ୍ଷୟକ୍ଷତିର ଶୀଘ୍ର ମୁକାବିଲା, ଜରୁରୀ ସେବାର ପୁନରୁଦ୍ଧାର ଏବଂ ଲୋକଙ୍କୁ ଆଶ୍ୱସ୍ତ କରିବା ନିଶ୍ଚିତ ଭାବରେ ପ୍ରଶାସନର ଦାୟିତ୍ୱ। ଏହି କ୍ଷେତ୍ରରେ ଦେଖାଯାଇଥିବା ବିଳମ୍ବ ଓ ଅସମନ୍ୱୟ ସ୍ୱାଭାବିକ ଭାବରେ ଅନେକ ପ୍ରଶ୍ନ ଉଠାଇଛି।

ଉପକୂଳ ଓଡ଼ିଶାରେ ଘଟିଥିବା ମହାବାତ୍ୟା ପରେ ଯେପରି ଦୃଶ୍ୟ ଦେଖାଯାଏ, ସୁବର୍ଣ୍ଣପୁରରେ ଏକ କାଳବୈଶାଖୀ ପରେ ସେହିଭଳି ଚିତ୍ର ଦେଖିବାକୁ ମିଳିଥିଲା। କିନ୍ତୁ ଏହାଠାରୁ ଅଧିକ ଉଦବେଗଜନକ ଥିଲା ବିପର୍ଯ୍ୟୟ ପରବର୍ତ୍ତୀ ପରିଚାଳନା। ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟରେ ଆବଶ୍ୟକ ମାନବ ସମ୍ବଳ, ଯନ୍ତ୍ରପାତି ଓ ସମନ୍ୱିତ ପଦକ୍ଷେପର ଅଭାବ ଥିବା ଭଳି ଅନୁଭବ ହୋଇଥିଲା। ଏକ ଛୋଟ ସହରରେ ତିନିଚାରିଦିନ ପର୍ଯ୍ୟନ୍ତ ଅନେକ ଅଞ୍ଚଳରେ ସ୍ୱାଭାବିକ ସେବା ଫେରି ନ ଆସିବା ନିଶ୍ଚିତ ଭାବରେ ପ୍ରସ୍ତୁତି ଓ ତତ୍ପରତା ଉପରେ ପ୍ରଶ୍ନଚିହ୍ନ ଲଗାଇଥାଏ।

ଏହି ପରିପ୍ରେକ୍ଷୀରେ ବିଦ୍ୟୁତ ବିଭାଗର କାର୍ଯ୍ୟପ୍ରଣାଳୀ ମଧ ଚର୍ଚ୍ଚାର ବିଷୟ ହୋଇଛି। ଜିଲ୍ଲା ପ୍ରଶାସନର କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ପ୍ରାଥମିକ ସରକାରୀ ସଂସ୍ଥାରେ ଦ୍ରୁତ ଗତିରେ ବିଦ୍ୟୁତ ସଂଯୋଗ ପୁନର୍ବହାଲ ହୋଇଥିବା ବେଳେ, ଅନେକ ସାଧାରଣ ଲୋକ ଦୀର୍ଘ ସମୟ ଧରି ଅନ୍ଧାର ଓ ଅସୁବିଧାରେ ରହିଥିଲେ। ଏଥିରୁ ଲୋକଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଛି ଯେ, ସେବା ପୁନରୁଦ୍ଧାର ପ୍ରକ୍ରିୟାରେ ସାଧାରଣ ଜନତାଙ୍କ ଦୁଃଖ ଓ କଷ୍ଟକୁ ପର୍ଯ୍ୟାପ୍ତ ଗୁରୁତ୍ୱ ଦିଆଯାଇନଥିଲା।

ଆହୁରି ଦୁଃଖଦାୟକ ହେଲା, ଏପରି ସଙ୍କଟ ସମୟରେ ଜନସାଧାରଣଙ୍କ ମନୋବଳ ବଢ଼ାଇବା ଓ ଆଶ୍ୱାସନା ଦେବା କ୍ଷେତ୍ରରେ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଉପସ୍ଥିତି କିମ୍ବା ସକ୍ରିୟତା ସେତେଟା ଦୃଶ୍ୟମାନ ହୋଇନଥିଲା। ସଙ୍କଟ ସମୟରେ ଲୋକମାନେ କେବଳ ସେବା ନୁହେଁ, ନେତୃତ୍ୱ ଓ ସହାନୁଭୂତି ମଧ ଆଶା କରନ୍ତି। ସେହି ଆଶା ପୂରଣ ନ ହେଲେ ଜନଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ।

ଏବେ ସମୟ ଆସିଛି ଏହି ସମଗ୍ର ଘଟଣାର ନିରପେକ୍ଷ ସମୀକ୍ଷା କରିବାର। କେଉଁଠି ତ୍ରୁଟି ରହିଲା, କାହିଁକି ପୁନରୁଦ୍ଧାର କାର୍ଯ୍ୟରେ ଏତେ ବିଳମ୍ବ ହେଲା, ଆବଶ୍ୟକ ମାନବ ସମ୍ବଳ ଓ ଯନ୍ତ୍ରପାତି ପର୍ଯ୍ୟାପ୍ତ ଥିଲା କି ନାହିଁ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ କେତେ ପ୍ରଭାବଶାଳୀ ଥିଲାଏସବୁ ପ୍ରଶ୍ନର ଉତ୍ତର ଖୋଜିବା ଆବଶ୍ୟକ। କାରଣ ବିପର୍ଯ୍ୟୟରୁ ଶିକ୍ଷା ନ ନେଲେ ଭବିଷ୍ୟତରେ ସମାନ ପରିସ୍ଥିତି ପୁଣିଥରେ ଦୋହରାଇବାର ଆଶଙ୍କା ରହିବ।

ସରକାର ଓ ପ୍ରଶାସନଙ୍କ ପାଇଁ ଏହା ଆତ୍ମସମୀକ୍ଷାର ସମୟ। ବିପର୍ଯ୍ୟୟ ସମୟରେ ଦ୍ରୁତ ପଦକ୍ଷେପ, ସ୍ୱଚ୍ଛ ସୂଚନା ପ୍ରଦାନ, ଜରୁରୀ ସେବାର ତ୍ୱରିତ ପୁନରୁଦ୍ଧାର ଏବଂ ଜନସାଧାରଣଙ୍କ ଆସ୍ଥାକୁ ଅକ୍ଷୁଣ୍ଣ ରଖିବା ହିଁ ସୁଶାସନର ପ୍ରକୃତ ପରିଚୟ। ସୁବର୍ଣ୍ଣପୁରର ସାମ୍ପ୍ରତିକ ଅନୁଭବ ସ୍ପଷ୍ଟ କରିଦେଇଛି ଯେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ସାମଗ୍ରିକ ସମୀକ୍ଷା ଓ ସୁଦୃଢ଼ୀକରଣ ଏବେ ଆଉ ବିକଳ୍ପ ନୁହେଁ, ବରଂ ଏକ ଅନିବାର୍ଯ୍ୟ ଆବଶ୍ୟକତା।

ସୁବର୍ଣ୍ଣପୁରବାସୀଙ୍କ ଦୁଃଖ, ଦୁର୍ଦ୍ଦଶା ଓ କ୍ଷୋଭକୁ ବୁଝିବା ସହ ସେଥିରୁ ଶିକ୍ଷା ଗ୍ରହଣ କରି ଭବିଷ୍ୟତ ପାଇଁ ଅଧିକ ସକ୍ଷମ, ଦାୟିତ୍ୱଶୀଳ ଓ ମାନବିକ ପ୍ରଶାସନିକ ବ୍ୟବସ୍ଥା ଗଢ଼ି ତୋଳିବା ହିଁ ଆଜିର ସବୁଠାରୁ ବଡ଼ ଆହ୍ୱାନ।ଏହାହିଁ ହେବ ପ୍ରକୃତ ଅର୍ଥରେ ଜନସ୍ୱାର୍ଥ ପ୍ରତି ସମ୍ମାନ ଏବଂ ସୁଶାସନ ପ୍ରତି ପ୍ରତିବଦ୍ଧତାର ପରିଚୟ। ନଚେତ୍? ବିକାଶର ବଡ଼ ବଡ଼ ଦାବି ଓ ସରକାରୀ ସଫଳତାର ପ୍ରଚାର ମଧ୍ୟରେ ସାଧାରଣ ଲୋକଙ୍କ ଯନ୍ତ୍ରଣା ଓ ଅସନ୍ତୋଷ ହିଁ ଶାସନ ବ୍ୟବସ୍ଥାର ପ୍ରକୃତ ଚିତ୍ରକୁ ପଦାକୁ ଆଣିଦେବ।

**ସିତାଂଶୁ ଶେଖର ମିଶ୍ର**
**ଶାନ୍ତି ନଗର,ସୋନପୁର**

### ସ୍ୱାଭିମାନ ଅଞ୍ଚଳର ରୂପାନ୍ତରଣ ପାଇଁ ସେତୁ ଯୋଜନା ଓ ମଡେଲ ଭିଲେଜ ମିଶନର ମିଳିତ ସମୀକ୍ଷା

# ଭିତ୍ତିଭୂମି ବିକାଶ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ



ମାଲକାନଗିରି,୧୬ (ଆନିସ): ବିକଶିତ ଓଡ଼ିଶା ଭିଜନ ୨୦୩୬-୪୭ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଜ୍ୟରେ 'ମଡେଲ ଭିଲେଜ ମିଶନ' ଏବଂ ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ଚାଲୁଥିବା 'ସେତୁ' ଯୋଜନାର ଏକ ମିଳିତ ତଥା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ପ୍ରସିଦ୍ଧ ସ୍ୱାଭିମାନ ଅଞ୍ଚଳ ସମେତ ସମଗ୍ର ଜିଲ୍ଲାର ସାମଗ୍ରିକ ବିକାଶ ଓ ରୂପାନ୍ତରଣ ନେଇ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ମଡେଲ ଭିଲେଜ ମିଶନର ରୂପାୟନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶାର ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଏବଂ ସାର୍ବଜନୀନ ସ୍ଥାନ ସହିତ ପରିପୂର୍ଣ୍ଣ କରିବା ପାଇଁ ଆଦର୍ଶ ଗ୍ରାମ ମିଶନକୁ ଏକ ପ୍ରମୁଖ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି, ଯାହା ଗ୍ରାମାଞ୍ଚଳଗୁଡ଼ିକୁ ସହରାଞ୍ଚଳ ସ୍ତରର ସୁବିଧା ପ୍ରଦାନ କରି ସେଗୁଡିକୁ ଆତ୍ମନିର୍ଭରଶୀଳ ଓ ସ୍ୱୟଂଶାସିତ ସମୃଦ୍ଧିର କେନ୍ଦ୍ରରେ ପରିଣତ କରିବା ଜିଲ୍ଲାର ୧୧୧ ଟି ଗ୍ରାମ ପଞ୍ଚାୟତରେ ଏହି ମଡେଲ ଭିଲେଜ ଗଠନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିରେ ବିଶେଷ ଭାବେ ଚିତ୍ରକୋଣ୍ଡା ବ୍ଲକର ୧୮ଟି ଗ୍ରାମ ପଞ୍ଚାୟତ ଏବଂ କୋରକୁଣ୍ଡା ବ୍ଲକର ନାକାମାମୁଡ଼ି ଗ୍ରାମ ପଞ୍ଚାୟତ ସାମିଲ ରହିଛି। ନିକଟରେ ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ଷେତ୍ର ପରିଦର୍ଶନ ଏବଂ ସ୍ଥାନୀୟ ଲୋକଙ୍କ ଠାରୁ ସଂଗୃହିତ ଅଭିଯୋଗ ଆଧାରରେ ଅଞ୍ଚଳର ମୌଳିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିଛି।ଏହି ଲକ୍ଷ୍ୟ ପୂରଣର ପ୍ରଥମ ପଦକ୍ଷେପ ଭାବେ ଗ୍ରାମ ସ୍ତରରେ ଭିତ୍ତିଭୂମି ଓ ସୁବିଧାର ଅଭାବ ଚିହ୍ନଟ କରିବା ପାଇଁ ଏକ ବେସଲାଇନ ସର୍ଭେ କରାଯିବ। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ଏବଂ ଶକ୍ତି ବିଭାଗ ଭଳି ସମସ୍ତ ଅଂଶୀଦାର ବିଭାଗ ସହ ପରାମର୍ଶ କରି ଏକ ନିର୍ଦ୍ଧାରିତ ସର୍ଭେ ଫର୍ମାଟ୍ ସମସ୍ତ ବିଭାଗକୁ ପ୍ରଦାନ କରାଯାଇଛି ଏବଂ ଆସନ୍ତା ୧୫ ଜୁନ୍ ସୁଦ୍ଧା ଏହି ବେସଲାଇନ ସର୍ଭେ ଶେଷ କରିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ମେଗା ମିଶନର ସମନ୍ୱୟ ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ସମସ୍ତ ଗ୍ରାମକୁ ମୁଖ୍ୟ ସ୍ରୋତ ସହ ଯୋଡ଼ିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଥମ ଓ ଦ୍ୱିତୀୟ ଶାଖା ପକ୍ଷରୁ ନୂତନ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଓଡ଼ିଶା ଉଠା ଜଳସେଚନ ନିଗମ ମାଧ୍ୟମରେ ଚାଷୀଙ୍କ ଜମିକୁ ପାଣି ଯୋଗାଇବା ସହ ସ୍ଥାନୀୟ ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶ୍ରେଣୀ ଗୃହ ଏବଂ ପ୍ରତିଟି ପଡ଼ାରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯିବ। ଏହାବାଦ୍ ସ୍ୱାଭିମାନ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ଦକ୍ଷିଣ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମିର ସୁଦୃଢ଼ୀକରଣ କାର୍ଯ୍ୟକୁ ଆହୁରି ତେଜ୍ କରାଯିବ। ଗ୍ରାମ ପଞ୍ଚାୟତଗୁଡ଼ିକର ବିକାଶ ଲାଗି ଏହି ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ସହ କାର୍ଯ୍ୟର ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଟାସ୍କ ଫୋର୍ସ କମିଟି ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ବେଳେ, ଏହି ନୂତନ ଯୋଜନାଟି ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ରୂପାନ୍ତରଣ ଘଟାଇ ତାହାକୁ ନୂତନ ଉଚ୍ଚତାରେ ପହଞ୍ଚାଇବ ବୋଲି ଜିଲ୍ଲାପାଳ ଶ୍ରୀ ରାଜଶିର୍କେ ଏହି ଅବସରରେ ମତ ପ୍ରକାଶ କରିଛନ୍ତି।

## ବଣ୍ଡାଘାଟି ମୁଦୁଲିପଡ଼ାରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର: ୩୨ଟି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ମାଲକାନଗିରି,୧୬ (ଆନିସ): ଆଜି ବଣ୍ଡା ଘାଟିର ମୁଦୁଲିପଡ଼ା ପଞ୍ଚାୟତରେ 'ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଓ ଏସପିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ।ଦୁର୍ଗମ ଅଞ୍ଚଳର ଲୋକଙ୍କ ନିକଟରେ ସହଜରେ ପହଞ୍ଚିବା ପାଇଁ ଏହି ବିଶେଷ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା, ଯାହାଦ୍ୱାରା ବଣ୍ଡା ଜନଜାତିର ଲୋକମାନେ ନିଜ ସମସ୍ୟା ପ୍ରଶାସନ ସାମ୍ନାରେ ରଖିପାରିଛନ୍ତି। ଏହି ଶିବିରରେ ମୋଟ ୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସ୍ଥାନୀୟ ବାସିନ୍ଦାମାନେ ମୁଖ୍ୟତଃ ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସରକାରୀ ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକ ପ୍ରଶାସନ ସାମ୍ନାରେ ରଖିଥିଲେ।ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଛନ୍ତି ଯେ, ଦୁର୍ଗମ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବା ପ୍ରଶାସନର ମୁଖ୍ୟ ଦାୟିତ୍ୱ। ପ୍ରତ୍ୟେକଟି ଅଭିଯୋଗର ଯଥାଶୀଘ୍ର ଏବଂ ସମୟସୀମା ମଧ୍ୟରେ ସମାଧାନ କରାଯିବ, ଯେପରି କୌଣସି ଯୋଗ୍ୟ ହିତାଧିକାରୀ ସରକାରୀ ସେବାରୁ ବଞ୍ଚିତ ହେବେ ନାହିଁ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ସେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଠିପି ବନ୍ଦ ମଦ ଦୋକାନ ଆଖ ପାଖରେ ମଦ ପିଇବାକୁ ଦିଆ ଯିବନ – ଏସ.ପି



ରାୟଗଡା,୧୬(ଆନିସ): ଠିପି ବନ୍ଦ ବିଦେଶୀ ମଦ ଦୋକାନ ଆଖ ପାଖରେ ଆଉ ମଦ ପିଇବାକୁ ଦିଆ ଯିବନି । ଏ ନେଇ ଅବକାରୀ ଅଧିକ୍ଷକଙ୍କ ସହ ଆଲୋଚନା ହୋଇଛି । ଯଦି ଏଥିରେ ଖିଲାଫ ହୁଏ ତେବେ ଦୋକାନ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଯିବ ବୋଲି କହିଛନ୍ତି ରାୟଗଡ ଏସ.ପି ରାଜ ପ୍ରସାଦ । ଆଜି ରାୟଗଡ ପ୍ରେସ କ୍ଲବ ତରଫରୁ ରାୟଗଡରେ ଯୋଗ ଦେଇଥିବା ନୂତନ ଏସ.ପି ରାଜ ପ୍ରସାଦଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା । ସାକ୍ଷାତ ସମୟରେ ସହରରେ ଥିବା ବିଭିନ୍ନ ସମସ୍ୟା ସଂପର୍କରେ ପ୍ରେସ କ୍ଲବର କର୍ମକର୍ତାଙ୍କ ସହ ଏସ.ପି ଆଲୋଚନା କରିଥିଲେ । ବିଶେଷ କରି ସହରର ବିଭିନ୍ନ ସ୍ଥାନରେ ଖଲୁମଖୁଲା ମଦ ବିକ୍ରୀ ଏବଂ ମଦ ପିଉଥିବା ବ୍ୟକ୍ତି ମାନଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ.ପି ଶ୍ରୀ ପ୍ରସାଦ ପ୍ରକାଶ କରିଥିଲେ । ମଟର ଆଇନ ଉଲଘଂନ କରି ଦୁଇ ଚକିଆ ଯାନବାହନ ଚଳାଇ ଉପଦ୍ରବ କରୁଥିବା ଚାଳକଙ୍କ ଉପରେ ମଧ୍ୟ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ସହରରେ ଆଇନ ଶୃଙ୍ଖଳା ସ୍ଥିତି ସଂପର୍କରେ ପ୍ରେସ କ୍ଲବର ସଦସ୍ୟ ମାନେ ଆଲୋଚନା କରି ସହରର ସାଇପ୍ରିୟା ନଗର ଏବଂ ରାଣିଗୁଡା ଫାର୍ମ ଅଂଚଳରେ ପୋଲିସ ଆଉଟପୋଷ୍ଟ ଖୋଲିବା ପାଇଁ ପ୍ରେସ କ୍ଲବର ସଦସ୍ୟ ମାନେ ଏସ.ପିଙ୍କୁ ଅନୁରୋଧ କରିଥିଲେ । ଏସ.ପିଙ୍କୁ ସାକ୍ଷାତ ସମୟରେ କ୍ଲବର ସଭାପତି ସଂଗ୍ରାମ ପଟନାୟକ, ସାଧାରଣ ସଂପାଦକ ୱାଇ.ଦାମୋଦର, କୋଷାଧକ୍ଷ ସୀମାଚଂଳ ପଣ୍ଡା, ସଭ୍ୟ ଗୋପାଳ ସିଂ ଅଧିକାରୀ, ରଂଜନ ରଥ, ଆଶିଷ ରଂଜନ ପଣ୍ଡା, ବି.ଶ୍ରୀନିବାସ, ବାଳକୃଷ୍ଣ ପଟନାୟକ, ନିତନ୍? ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସ ର ସମୀକ୍ଷା ବୈଠକ
## ଗୁରୁ ମନ୍ତ୍ର ଦେଲେ ଅଖିଳ ଭାରତ କଂଗ୍ରେସ ସମ୍ପାଦକ ଜେ ଟି କୁସୁମ କୁମାର



ଜୟପୁର,୧୬ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା କମିଟି, ବ୍ଲକ ଓ ନଗର କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ ସମ୍ପାଦକ ଜେ ଟି କୁସୁମ କୁମାର ଉପସ୍ଥିତ ରହି ଦଳୀୟ ନେତା ଓ କର୍ମୀମାନଙ୍କୁ ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ସହ ବିଏଲ-୧ ଓ ବିଏଲ-୨ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଦଳକୁ କିପରି ଆହୁରି ସୁଦୃଢ଼ କରାଯିବ ଏବଂ ଗାଁ ଗାଁରେ ସଂଗଠନକୁ ମଜବୁତ କରାଯିବ ସେନେଇ ନେତା ଓ କର୍ମୀମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ବୈଠକରେ କଂଗ୍ରେସ ବିଧାୟକ ଦଳର ନେତା ରାମ ଚନ୍ଦ୍ର କଡାମ, ଜିଲ୍ଲା ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇଁ ସରକାର, ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ,ଭଗବାନ ବାହିନୀପତି, ସୂର୍ଯ୍ୟ ପଟ୍ଟନାୟକ, ନଳିଣ ରଥ ପ୍ରଣବ କିଶୋର ନାୟକ,ହାସନ ମାଦାନୀ, ବସନ୍ତ ନାୟକ ଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲାରେ କଂଗ୍ରେସକୁ ସଶକ୍ତ କରିବା ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ଦର ବୃଦ୍ଧି ପରେ ମଧ୍ୟ ପାତ୍ରପୁରରେ ତୈଳ ସଙ୍କଟ, ଚାଷୀ ଓ ଗ୍ରାହକ ହନ୍ତସନ୍ତ

ପାତ୍ରପୁର,୧୬ (ଆନିସ): ଗତ କିଛି ଦିନ ତଳେ ରାଜ୍ୟରେ ତୈଳ ଦର ବୃଦ୍ଧି ପାଇଥିବା ସତ୍ତ୍ୱେ ପାତ୍ରପୁର ଅଞ୍ଚଳରେ ତୈଳ ସଙ୍କଟ ଦେଖାଦେଇଛି। ଅଞ୍ଚଳର ବିଭିନ୍ନ ପେଟ୍ରୋଲ୍ ପମ୍ପରେ ପର୍ଯ୍ୟାପ୍ତ ପରିମାଣର ତୈଳ ଉପଲବ୍ଧ ନଥିବାରୁ ଚାଷୀ ଓ ଗ୍ରାହକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏବେ ଚାଷ କାର୍ଯ୍ୟ ଆରମ୍ଭ ସମୟ ଚାଲିଥିବା ବେଳେ ଜମି ଚାଷ ଓ କୃଷି ଯନ୍ତ୍ରପାତି ତଥା ଟ୍ରାକ୍ଟର ଚଳାଇବା ପାଇଁ ଡିଜେଲର ଅତ୍ୟାବଶ୍ୟକ ହୋଇପଡ଼ିଛି। କିନ୍ତୁ ପାତ୍ରପୁର ଅଞ୍ଚଳରେ ଥିବା ସମସ୍ତ ପେଟ୍ରୋଲ ପମ୍ପରେ ଡିଜେଲ ମହଜୁଦ ନଥିବାରୁ ଚାଷୀମାନଙ୍କର ଚାଷ କାର୍ଯ୍ୟ ଠପ ହୋଇପଡିଛି। ସୀମାନ୍ତ ଅଞ୍ଚଳର କିଛି ଚାଷୀ ବାଧ ହୋଇ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଅଧିକ ଦରରେ ଡିଜେଲ ସଂଗ୍ରହ କରି ଚାଷ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି। ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, ଡିଜେଲ ଅଭାବ ଯୋଗୁଁ ଚାଷ କାମ ପ୍ରଭାବିତ ହେଉଛି। ସମୟରେ ଚାଷ କାମ ନହେଲେ ଫସଲ ଉତ୍ପାଦନ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏନେଇ କିଛି ପେଟ୍ରୋଲ୍ ପମ୍ପ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାରୁ ଯୋଗାଣ ବ୍ୟବସ୍ଥାରେ ସମସ୍ୟା ଯୋଗୁଁ କିଛି ଦିନ ହେବ ଡିଜେଲ ମଜୁତ କମିଯାଇଛି। ଖୁବ ଶୀଘ୍ର ପରିସ୍ଥିତି ସ୍ୱାଭାବିକ ହେବ ବୋଲି ସେମାନେ ଆଶ୍ୱାସନା ଦେଇଛନ୍ତି। ଅନ୍ୟ ପକ୍ଷରେ ପାତ୍ରପୁର ଯୋଗାଣ ନୀରିକ୍ଷକଙ୍କ ସହିତ ଯୋଗାଯୋଗ କରିବାରୁ ଜୟନ୍ତୀପୁର, ବଳରାମପୁର,ବାଦପୁର, ସାମନ୍ତିଆପଲ୍ଲୀ ଓ ପାତ୍ରପୁର ପେଟ୍ରୋଲ ପମ୍ପରେ ଆଦୌ ଡିଜେଲ ନଥିବା ବେଳେ ପାତ୍ରପୁର ଓ ସାମନ୍ତିଆପଲ୍ଲୀ ପମ୍ପରେ ସ୍ୱଳ୍ପ ପେଟ୍ରୋଲ ଗଛିତ ଥିବା ନେଇ ପାତ୍ରପୁର ଯୋଗାଣ ନୀରିକ୍ଷକ ସୂଚନା ଦେଇଛନ୍ତି।

ଏହି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ତୈଳ ବିତରଣ କମ୍ପାନୀମାନେ ତୁରନ୍ତ ହସ୍ତକ୍ଷେପ କରି ପାତ୍ରପୁର ଅଞ୍ଚଳରେ ନିରବଚ୍ଛିନ୍ନ ତୈଳ ଯୋଗାଣ ସୁନିଶ୍ଚିତ କରିବାକୁ ଚାଷୀ ମହଲରେ ଦାବି ହେଉଛି।

## ନାବାଳକର ଆତ୍ମହତ୍ୟା, ପୋଲିସ ର ତଦନ୍ତ ଆରମ୍ଭ

ଜୟପୁର,୧୬ (ଆନିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତ ଅଧିନସ୍ଥ ଶୁକ୍ରାପୁଟ ଗାଁ ରେ ଦେଖିବା ପାଇଁ ମିଳିଛି ଏକ ଅଭାବନୀୟ ଘଟଣା। ବେକରେ ରଶି ଲଗାଇ ନାବାଳକ ର ଆତ୍ମହତ୍ୟା। ଶବ ଜବତ କରିବା ସହିତ ପୋଲିସ ଅଧିକ ତଦନ୍ତ କରୁଛି। ଶୁକ୍ରାପୁଟର ହଳଧର ଲମତା ଙ୍କ ନାବାଳକ ପୁଅ ତନ୍ମୟ ଲମତା (୧୭) କୌଣସି କାରଣ ରୁ ଆଜି ସକାଳେ ଏକ ଗଛ ରେ ରସି ଲଗାଇ ଆତ୍ମହତ୍ୟା କରିଛି। ଖବର ପାଇବା କ୍ଷଣି ଦଶମନ୍ତପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି କରିଛି। ଶବ ବ୍ୟବଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିବା ପାଇଁ ନାବାଳକ ବାପା ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଗତ କାଲି ଆଇପିଏଲ ଫାଇନାଲ ମ୍ୟାଚ ଥିଲା। ସେଥିରେ ବେଟିଙ୍ଗ ଲଗାଇ ନାବାଳକ ହାରି ଯାଇଥିଲେ। ଯାହା କୁ ନେଇ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଏବେ ସେ ଅଞ୍ଚଳ ରେ ଚର୍ଚ୍ଚା ହେଉଛି। ଏ ନେଇ ପୋଲିସ କିମ୍ବା ନାବାଳକ ପରିବାରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ।

## ମାଲକାନଗିରିରେ ଭାବବିହ୍ୱଳ ପରିବେଶ: ଯୋଜନା ବିଭାଗର ଉପ-ନିର୍ଦ୍ଦେଶକ ଗୋଲକ ଦଳେଇଙ୍କୁ ସମ୍ମାନଜନକ ଅବସରକାଳୀନ ବିଦାୟ



ମାଲକାନଗିରି,୧୬ (ଆନିସ): ସୁଦୀର୍ଘ ବର୍ଷର ନିରବଚ୍ଛିନ୍ନ ସେବା, କର୍ତ୍ତବ୍ୟପରାୟଣତା ଓ ସାଧୁତାର ଅନ୍ତେ୍ୟଷ୍ଟିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୌରବମୟ ବିଦାୟ ସଭା ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ଯୋଜନା ବୋର୍ଡର ସୁଦକ୍ଷ ଉପ-ନିର୍ଦ୍ଦେଶକ ଗୋଲକ ଦଳେଇଙ୍କ ଅବସର ଗ୍ରହଣ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା।ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ପ୍ରକଳ୍ପ ପ୍ରଶାସକ ହଳଧର ଶବର ପ୍ରମୁଖ ମଞ୍ଚାସୀନ ରହି ଶ୍ରୀ ଦଳେଇଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।ଶ୍ରୀ ଦଳେଇଙ୍କ ସୁଦୀର୍ଘ ସରକାରୀ ସେବାକାଳର ସ୍ମୃତି ଚାରଣ କରି ଜିଲ୍ଲାପାଳ କହିଥିଲେ, ଜିଲ୍ଲାର ସାମଗ୍ରିକ ବିକାଶ, ଦୁର୍ଗମ ଅଞ୍ଚଳର ପ୍ରଗତି ଏବଂ ସରକାରୀ ଯୋଜନାଗୁଡ଼ିକର ସଠିକ୍? ରୂପାୟନ କ୍ଷେତ୍ରରେ ଶ୍ରୀ ଗୋଲକ ଦଳେଇଙ୍କ ଭୂମିକା ଅତୁଳନୀୟ। ଜଣେ ଧୀର, ସରଳ, ମେଳାପୀ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ସେ ପ୍ରଶାସନ ପାଇଁ ସର୍ବଦା ଏକ ମାର୍ଗଦର୍ଶକ ହୋଇ ରହିବେ। ଚାକିରିରୁ ଅବସର କେବଳ ଏକ ପ୍ରକ୍ରିୟା, ମାତ୍ର ତାଙ୍କର ଅଭିଜ୍ଞତା ଜିଲ୍ଲା ପାଇଁ ସର୍ବଦା ମୂଲ୍ୟବାନ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଏବଂ ତାଙ୍କ ପରିବାରର ସୁସ୍ଥ, ଦୀର୍ଘାୟୁ ଏବଂ ମଙ୍ଗଳମୟ ଅବସର ଜୀବନ କାମନା କରିଛନ୍ତି ଜିଲ୍ଲାପାଳ।ଏହି ସମ୍ବର୍ଦ୍ଧନା ସଭାରେ ମାଲକାନଗିରି ଜିଲ୍ଲାର ସମସ୍ତ ଲାଇନ ଡିପାର୍ଟମେଣ୍ଟର ବିଭାଗୀୟ ମୁଖ୍ୟ, ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଶ୍ରୀ ଦଳେଇଙ୍କ ସହକାରୀ ଓ ସହକର୍ମୀମାନେ ତାଙ୍କର ମାର୍ଗଦର୍ଶନ ଏବଂ ସହଯୋଗପୂର୍ଣ୍ଣ ବ୍ୟବହାରକୁ ମନେପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ଶେଷରେ ସମସ୍ତ ବିଭାଗ ପକ୍ଷରୁ ତାଙ୍କୁ ସମ୍ମାନର ସହ ବିଦାୟ ଜଣାଯାଇଥିଲା।

## ଇନ୍ନୋଟେକ୍ ଏଜୁକେଶନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବୁଗୁଡ଼ା,୧୬ (ଆନିସ): ରବିବାର ଦିନ ଇନ୍ନୋଟେକ୍ କମ୍ପ୍ୟୁଟର ଏଜୁକେଶନ ବାଲିପଦର ତାରଫରୁ ଏକ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ଅନ୍ତରପଡା ମାଆ ଶାଙ୍କୁଳାଇ ପୀଠ ଠାରେ ପାଳିତ ହୋଇଯାଇଛି। ନୂତନ ଛାତ୍ର ଓ ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ଗ୍ରୀଷ୍ମ ଅବକାଶ ଛାତ୍ର ଓ ଛାତ୍ରୀ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ କାହ୍ନୁ ଚରଣ ଗୌଡ, ମୁଖ୍ୟ ବକ୍ତା ଭାବରେ ମହେନ୍ଦ୍ର ପ୍ରସାଦ ପଣ୍ଡା(ଓସସିଆଇଟ, ବାଲିପଦର), ଇଂ.ସର୍ଭିସ ଆଚାରୀ(ସତ୍ୟସାଇ ଆଇ.ଟି.ଆଇ, ବାଲିପଦର), ମହିମା ନାୟକ(ଇନ୍ନୋଟେକ୍ କମ୍ପ୍ୟୁଟର, କେନ୍ଦୁପଦର ), ଲିପୁନ୍ ପାଣିଗ୍ରାହୀ, ରାଜୀବ ସ୍ୱାଇଁ, (ଗୋବର ବି. ସି.ସି କମ୍ପ୍ୟୁଟର), ସୁଶାନ୍ତ ସେଠୀ, ଚନ୍ଦ୍ର ଶେଖର ସେଠୀ, ଜିତେନ୍ଦ୍ର ଗୌଡ, ପବିତ୍ର ଭୋଳ(ଶିକ୍ଷକ), ସୁରେନ୍ଦ୍ର ଭୂୟାଁ, ରାକେଶ ଜେନା, ପ୍ରବୋଧ ରଥ (ଟିଫ୍ଟେକ୍,ବୁଗୁଡ଼ା), ପ୍ରସାଦ କୁମାର ଆପଟ, ବିମଳ କୁମାର ଖଟେଇ, ବାବୁ ପ୍ରଧାନ, ମିଟୁ ସ୍ୱାଇଁ, କାର୍ତ୍ତିକେଶ୍ୱର ଲେଙ୍କା(ଇନ୍ନୋଟେକ୍ କମ୍ପ୍ୟୁଟର ଏଜୁକେଶନ, ବାଲିପଦର), ମୁକେଶ ଜେନା(ଇନ୍ନୋଟେକ୍ କମ୍ପ୍ୟୁଟର ଏଜୁକେଶନ, ବାଲିପଦର), ରଶ୍ମିତା ଲେଙ୍କା, ଖୁସି ରାଉତ, ପ୍ରଗତି ଆପଟ, ତୁଳସୀ ପ୍ରଧାନ, ରେଶ୍ମା ପୃଷ୍ଟି, ରୁନି ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥି ମାନଙ୍କୁ ଉପଢ଼ୌକନ ପ୍ରଦାନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅତିଥି ମାନଙ୍କ ଅଭିଭାଷଣ ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୋମଳମତି ଛାତ୍ର ଓ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପୂର୍ବତନ ଛାତ୍ର ଓ ଛାତ୍ରୀ ଯଥା ସିପୁ, ଅଶ୍ୱିନୀ, ରାଜୁ, ଶୁକୁଟା, ଶିବାନୀ, ସ୍ନେହସ୍ମିତା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନ ମୁଖ୍ୟ କାର୍ତ୍ତିକେଶ୍ୱର ଲେଙ୍କା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ଆନୁଷ୍ଠାନିକ ଭାବରେ ସଭା ଶେଷ କରିଥିଲେ।

## ଶୁଭେନ୍ଦୁଙ୍କୁ ଆଦିବାସୀ ସଂଘ ତରଫରୁ ସମ୍ବର୍ଦ୍ଧନା



ରାୟଗଡା,୧୬(ଆନିସ) ରାୟଗଡା ଜିଲ୍ଲା ବିଷମ କଟକ ଆଦିବାସୀ ସଂଘ ସଭାପତି ଅଙ୍ଗଦ କୁଟ୍ରୁକାଙ୍କ ନେତୃତ୍ୱରେ ଆଦିବାସୀ ଭବନ ବିଷମ କଟକ ଠାରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଶୁଭେନ୍ଦୁ ୱାଡାକାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପସଭାପତି ଶ୍ରୀ ସୁରେଶ୍ କୁମାର ୱାଡାକା,ଶ୍ରୀପତି ଉଲ୍ଲକା, ନିକେତନ ହିକକା, ମାଝୀ ପିଡିକାକା ଓ ଯୁଗ୍ମ ସମ୍ପାଦକ ଅଭି କଲକା, ଅରକ୍ଷିତ ଉଲ୍ଲକା କୋଷାଧକ୍ଷ ଡମ୍ବରୁ କାଡ୍ରାକା ଏବଂ ଅନ୍ୟାନ୍ୟ ଭଦ୍ର ବ୍ୟକ୍ତିଗଣ ଉପସ୍ଥିତ ଥିଲେ ବିଷମ କଟକ ବ୍ଲକ ଥୁଆପାଡି ପଞ୍ଚାୟତର ବଡଲିମା ଗ୍ରାମର ଚାଷୀ ପୁଅ ଶୁଭେନ୍ଦୁ ୱାଡାକା।

ଓଡିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ତାଲିକାରେ ଶୁଭେନ୍ଦୁ ୧୬୫ ସ୍ଥାନ ପାଇଛନ୍ତି ଏହି ଖବର ବିଭିନ୍ନ ଗଣମାଧ୍ୟମ ଦ୍ୱାରା ମଧ୍ୟ ପ୍ରକାଶ ପାଇଥିଲ। ବଡଲିମା ଗ୍ରାମର ଦିନବନ୍ଧୁ ୱାଡାକାଙ୍କ ପୁଅ ଶୁଭେନ୍ଦୁ ଗାଁ ବିଦ୍ୟାଳୟର ତାଙ୍କ ଶିକ୍ଷା ଆରମ୍ଭ କରି ମୁନିଗୁଡା ବ୍ଲକ ଅନ୍ତର୍ଗତ ଆମ୍ବାଦଳା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ବିଦ୍ୟାଳୟରେ ଦଶମ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ପରବର୍ତୀ ସମୟରେ ସେ ଦ୍ୱାଦଶ ଭୁବନେଶ୍ୱର ସ୍ଥିତ କିସ୍ ବିଦ୍ୟାଳୟ ଏବଂ ବିଜେବି ମହାବିଦ୍ୟାଳୟରେ ଯୁକ୍ତ ତିନି ପାଠକ୍ରମ ସମାପ୍ତ କରି ଉତ୍କଳ ବିଶ୍ୱବିଦ୍ୟାଳୟରେ ପି.ଜି ଅଧ୍ୟୟନ ସାଙ୍ଗକୁ ଓଡିଶା ପ୍ରଶାନସିକ ସେବା ନିମନ୍ତେ ନିଜକୁ ପ୍ରସ୍ତୁତ କରି କୃତକାର୍ଯ୍ୟ ହୋଇଛନ୍ତି। ଶୁଭେନ୍ଦୁଙ୍କ ସଫଳତା ପରିବାର ତଥା ନିଜ ଜନ୍ମମାଟି ପାଇଁ ଗୌରବର ବିଷୟ ହୋଇଯାଇଅଛି ।

# ଓରମାସ୍ ଓ ଜିଲ୍ଲା ପ୍ରଶାସନର ପ୍ରୟାସରେ କେମିକାଲ୍ ମୁକ୍ତ ଆମ୍ବର ବଜାର

## ଏଫପିଓ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳୁଛି ନୂଆ ରୋଜଗାରର ସୁଯୋଗ




ମାଲକାନଗିରି, ୧୬ (ଆନିସ): ମାଲକାନଗିରି ସହରର ପୁରୁଣା ମେଡିକାଲ ପଡ଼ିଆରେ ଆରମ୍ଭ ହୋଇଥିବା ଆମ୍ବ ମେଳା ଏବେ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଜିଲ୍ଲା ପ୍ରଶାସନ ଓ ଓର୍ମାସ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମେଳା କେବଳ ସୁଆଦିଆ ଆମ୍ବ ବିକ୍ରିର ମଞ୍ଚ ନୁହେଁ, ବରଂ ଜିଲ୍ଲାର ଆଦିବାସୀ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସ୍ୱାବଲମ୍ବନର ଏକ ସଫଳ କାହାଣୀ ହୋଇ ଉଭା ହୋଇଛି।

ଗତ ୩୦ ମେରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ କହିଥିଲେ ଯେ, ମାଲକାନଗିରିର ପ୍ରାକୃତିକ ପରିବେଶରେ ଉତ୍ପାଦିତ ଆମ୍ବର ଚାହିଦା ବେଶ୍ ଅଧିକ। ଏହି ମେଳା ମାଧ୍ୟମରେ ସ୍ଥାନୀୟ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଯଥାର୍ଥ ମୂଲ୍ୟ ମିଳିବା ସହ ସିଧାସଳଖ ବଜାର ସହ ଯୋଡ଼ି ହେବାର ସୁଯୋଗ ମିଳୁଛି।

ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ କହିଛନ୍ତି ଯେ, ଏହି ମେଳା ଗ୍ରାମୀଣ ମହିଳା ଓ ଚାଷୀଙ୍କ ପରିଶ୍ରମକୁ ସମ୍ମାନ ଦେବାର ଏକ ସୁନ୍ଦର ପ୍ରୟାସ। ବୈଜ୍ଞାନିକ ପ୍ରଣାଳୀରେ ଆମ୍ବ ପଚାଇ ଗ୍ରାହକଙ୍କୁ ବିଶୁଦ୍ଧ ଓ ସୁସ୍ଥ ଫଳ ଯୋଗାଇବାରେ ଓର୍ମାସ୍ ଏବଂ ଚାଷୀମାନଙ୍କ ଭୂମିକା ପ୍ରଶଂସନୀୟ ବୋଲି ସେ ମତ ରଖିଥିଲେ।

ଏହି ମେଳାରେ ମଲ୍ଲୀକେଶ୍ୱର ଓ ଗ୍ରାମଦେବୀ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ର ଚାଷୀମାନେ ନିଜ ବଗିଚାରୁ ସଂଗ୍ରହ କରାଯାଇଥିବା ଆମ୍ରପାଲୀ, ବାଇଗଣପାଲୀ, ଟୋଟାପୁରୀ, ଜାମକୋଳି, ଦାଶରୀ ଓ ମଲ୍ଲିକା ଭଳି ବିଭିନ୍ନ କିସମର ଆମ୍ବ ବିକ୍ରି ପାଇଁ ଆଣିଛନ୍ତି। ଫଳରେ ଦଲାଲଙ୍କ ହସ୍ତକ୍ଷେପ କମିବା ସହ ଚାଷୀମାନେ ସିଧାସଳଖ ଲାଭବାନ ହେଉଛନ୍ତି।

ମେଳାର ଆଉ ଏକ ବିଶେଷ ଆକର୍ଷଣ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଆମ୍ବ ପଣା ଓ ମ୍ୟାଙ୍ଗୋ ସେକ୍। ଗ୍ରୀଷ୍ମ ଋତୁରେ ଏହି ସ୍ୱାଦିଷ୍ଟ ପାନୀୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଥିବା ବେଳେ ମହିଳାମାନଙ୍କ ପାଇଁ ଏହା ଏକ ନୂତନ ରୋଜଗାର ଓ ସ୍ୱାବଲମ୍ବନର ମାଧ୍ୟମ ପାଲଟିଛି।

ଓର୍ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱସ୍ତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ମେଳା ପରିଚାଳିତ ହେଉଥିବା ବେଳେ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଏହାକୁ ସଫଳ କରିବାରେ ସହଯୋଗ କରୁଛନ୍ତି।

ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲକାନଗିରିବାସୀଙ୍କୁ କେମିକାଲ୍ ମୁକ୍ତ, ବିଶୁଦ୍ଧ ଓ ସ୍ୱାଦିଷ୍ଟ ଆମ୍ବ କିଣିବା ସହ ସ୍ଥାନୀୟ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଆହ୍ୱାନ କରାଯାଇଛି।

ଆମ୍ବର ମିଠା ସ୍ୱାଦ ସହ ସ୍ୱାବଲମ୍ବନର ସୁଗନ୍ଧ ବାଣ୍ଟୁଛି ମାଲକାନଗିରି ଆମ୍ବ ମେଳା

# ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାର ୯୨ତମ ସ୍ମୃତି ଦିବସରେ ସ୍ମାରକୀ ପଦଯାତ୍ରା ଓ ଜନସଭା

ବରୀ, ୧୬ (ଆନିସ): ଜାତିର ପିତା ମହାତ୍ମା ଗାନ୍ଧୀ ୧୯୩୪ ମସିହା ମେ ମାସ ୩୦ ତାରିଖରେ ହରିଜନ ପଦଯାତ୍ରା କରି ବରୀ ଅନ୍ୟାସୀପୁରରେ ରାତ୍ର ଜାପାନ କରିଥିଲେ ଏବଂ ପରଦିନ ତା ୩୧ରିଖ ସକାଳୁ ଅରଙ୍ଗାବାଦ, ବାଗଦା, ବରୀ ମାଉଣ୍ଡ, ନୂଆଗାଁ ଆଦି ଅଞ୍ଚଳରେ ପଦଯାତ୍ରା କରି ସାହସପୁରର ଗୋବିନ୍ଦପୁର ଠାରେ ରାତ୍ରିଯାପନ କରିଥିଲେ ଏବଂ ଏହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଆଜି ସକାଳ ୮ଘଟିକା ସମୟରେ ବରୀ ପୂଜ୍ୟ ପୂଜା ପରିଷଦର ଆବାହକ ସମାଜସେବୀ ସତ୍ୟରଞ୍ଜନ କରଙ୍କ ନେତୃତ୍ୱରେ ବରୀ ବାଗଦା ବାମନଚନ୍ଦ୍ର ଦାସଙ୍କ ଚୌପାଢୀ ଠାରୁ ଆରମ୍ଭ କରି ସାହାସପୁ ଗୋବିନ୍ଦିପୁରର ଆମ୍ବତୋଟା ପର୍ଯ୍ୟନ୍ତ ଏକ ସ୍ମାରକୀ ପଦଯାତ୍ରା ବରୀ ପୂଜ୍ୟ ପୂଜା ପରିଷଦ ଦ୍ୱାରା ଆୟୋଜନ କରିବା ସହ ପଦଯାତ୍ରା କରିଥିଲେ ଉକ୍ତ ପଦଯାତ୍ରା ପୂର୍ବରୁ ଚଳିତ ମାଟ୍ରିକ ପରୀକ୍ଷାରେ ଯାଜପୁର ଜିଲ୍ଲାର ଶ୍ରେଷ୍ଠ ଛାତ୍ର ଶୁଭମ ସାହୁ ଓ ବରୀ ବ୍ଲକର ୧ ଗ୍ରେଡ଼ ରଖିଥିବା ଛାତ୍ର ଛାତ୍ରୀ ବିଦୁସ୍ମିତା ସ୍ୱାଇଁ, ବିଶ୍ୱମୋହିତ ସାହୁ, ମଧୁସ୍ମିତା ସାହୁ, ଅମ୍ରିତା ମଲ୍ଲିକଙ୍କ ସହ ୨କଳାରେ ବରୀ ବ୍ଲକର ଶ୍ରେଷ୍ଠ ଛାତ୍ରୀ ଗୁଡୁଲୀ ସାହୁଙ୍କୁ ବରୀ ପୂଜ୍ୟପୂଜା ପରିଷଦ ପକ୍ଷରୁ ମାନପତ୍ର ଉତ୍ତରୀୟ ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ ସମାଜସେବୀ କୁଳମଣି ଶୁକ୍ଳ ଓ ଗ୍ଲୋବାଲ ପିସ ଫାଉଣ୍ଡେସନର ଅଧକ୍ଷ୍ୟ ଡାକ୍ତର ରାଜ କିଶୋର ପଣ୍ଡା ଉକ୍ତ ପଦଯାତ୍ରାକୁ ଉଦଘାଟନ କରିଥିଲେ ବରିଷ୍ଠ ଗାନ୍ଧିଆନ ପ୍ରହ୍ଲାଦ ସିଂ, କୃଷକନେତା ଶେଷଦେବ ନନ୍ଦ, ଅହିଂସାବିଚାର ଫାଉଣ୍ଡେସନ ଶ୍ରୀ ସୋମ, ବିକ୍ରମ ମହାପାତ୍ର ସୀତାକାନ୍ତ ପଣ୍ଡା, ମହେଶ୍ୱର ପଲାଇ, ପ୍ରଶାନ୍ତ ବେହୁରିଆ,ଶରତ ଜେନା, ସାବିତ୍ରୀ ଦାଶ, ପଦନ କର, ଡ଼ ନୃସିଂହ ବେହେରା, ବ୍ରହ୍ମାନନ୍ଦ କର, ସ୍ନେହଲତା ଧଳ, ଅନିରୁଦ୍ଧ ମଲ୍ଲ, ମକରଧ୍ୱଜ ସାହୁ, ସରୋଜ ଦାଶ, ଚିତ୍ତରଞ୍ଜନ କର, ବୈଷ୍ଣବ ଚରଣ ଦାସ, ଚୈତନ୍ୟ ଚରଣ ଶାନ୍ତି, ଅଜୟ ରଥ, ବିବେକାନନ୍ଦ ନାଥ ପ୍ରମୁଖ ପଦଯାତ୍ରା ରେ ଯୋଗଦେଇଥିଲେ ବହୁ ସାମାଜିବ ଅନୁଷ୍ଠାନର କର୍ମକର୍ତ୍ତା ମାନେ ବିଭିନ୍ନ ଛକ ବଜାରରେ ପଦଯାତ୍ରାକୁ ସ୍ୱାଗତ କରିଥିବା ବେଳେ ସାହାସପୁର ପଂଚାୟତର ବୁଦ୍ଧିଜୀବୀ, ସମାଜସେବୀ, କୃଷକ ପ୍ରତିନିଧି ଏବଂ ଯୁବଗୋଷ୍ଠୀ ମାନେ ପଦଯାତ୍ରାକୁ ସ୍ୱାଗତ କରିବା ସହ ଏକ ସାଧାରଣ ସଭାର ଆୟୋଜନ କରିଥିଲେ ଉକ୍ତ ସଭାରେ ଯୁବ ସମାଜସେବୀ ସତ୍ୟରଞ୍ଜନ କରଙ୍କ ସଭାପତିତ୍ୱ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଗାନ୍ଧିଆନ ପ୍ରହ୍ଲାଦ ସିଂ, ମୁଖ୍ୟ ବକ୍ତା ଭାବେ କୃଷକନେତା ଶେଷଦେବ ନନ୍ଦ, ସମ୍ମାନିତ ଅତିଥି ଭାବେ ଅହିଂସାବିଚାର ଫାଉଣ୍ଡେସନ ଶ୍ରୀ ସୋମ, ବିକ୍ରମ ମହାପାତ୍ର ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାର ଆଭିମୁଖ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ ଉକ୍ତ ସଭାରେ ଅତିଥି ମାନଙ୍କୁ ପରିଷଦ ପକ୍ଷରୁ ଖଦିବସ୍ତ୍ର ଦେଇ ସ୍ୱାଗତ କରିଥିଲା ବେଳେ ବାବୁଲି ରାଉତ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ କୈବଲ୍ୟ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ ତୁଷାର ପ୍ରସାଦ ଅତିଥି ପରିଚୟ ଦେଇଥିବା ବେଳେ ଅମରେଶ ମିଶ୍ର ଧନ୍ୟବାଦ ଦେଥିଲେ ଗାନ୍ଧିଜୀଙ୍କ ବିଚାରରେ ସ୍ୱାଧୀନ ଭାରତର ଏକ ନମ୍ବର ଭଲ କାମ ନିଶା ନିବାରଣ କାର୍ଯ୍ୟ ଟିକୁ ହାତକୁ ନେବାକୁ ମିଳିତ ଆହ୍ୱାନ କରାଯାଇଥିଲା ଉପସ୍ଥିତ ବହୁ ଚିନ୍ତାଶୀଳ ନାଗରିକମାନେ ତାଙ୍କର ସହମତି ପ୍ରକାଶ କରିଥିଲେ ଏବଂ କେବଳ ସ୍ମୃତି ଚାରଣ ନକରି ଗାନ୍ଧିଜୀ ଙ୍କ ପ୍ରବର୍ତ୍ତିତ ଅସ୍ପୃଶ୍ୟତା ମୁକ୍ତ, ନିଶା ଓ ହିଂସା ମୁକ୍ତ ସମାଜ ନିର୍ମାଣ ଦିଗରେ ବ୍ରତୀ ହେବାପାଇଁ ମିଳିତ ସଂକଳ୍ପ ଗ୍ରହଣ କରୁଥିଲେ ଆଗାମୀ ଦିନରେ ଘୋଷିତ ସମସ୍ତ କାର୍ଯ୍ୟକ୍ରମ ରେ ନିଜ ନିଜର ସାମର୍ଥ୍ୟ ଅନୁଯାୟୀ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବାକୁ ଉପସ୍ଥିତ ଜନସାଧାରଣ ପ୍ରତିଶ୍ରୁତି ଦେଇଥିଲେ

## ଦ୍ୱାରଶୁଣୀ ଘାଟି ରାସ୍ତା କଟକଣା ଅବଧି ବୃଦ୍ଧି
# ଜୁନ୍ ୧୫ ଯାଏଁ ୫ ଘଣ୍ଟା ବନ୍ଦ ରହିବ

ବାରିପଦା, ୧୬ (ଆନିସ): ଦ୍ୱାରଶୁଣୀ ଘାଟି ମଧ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଅବଧିକୁ ଚଳିତ ମାସ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୁପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି । ପ୍ରତ୍ୟେକ ସପ୍ତାହରେ ବୁଧବାରରୁ ଶନିବାର ପର୍ଯ୍ୟନ୍ତ ଦିନ ୧୧ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ଏହି ରାସ୍ତା ମଧ ଦେଇ ଯିବାଆସିବା ବନ୍ଦ ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ । ଯେକୌଣସି ଯାନବାହାନ(ଦୁଇ ଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ) ଓ ପଥଚାରୀ ମାନେ ଏହି ସମୟରେ ଯାତାୟାତ କରି ପାରିବେ ନାହିଁ ।



ଏହାସହ ଘାଟୀ ଆଖପାଖରେ ଗାଇଛେଳି ଚାରଣ କରାଇବା ମଧ ବାରଣ କରାଯାଇଛି । ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ । କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡିବ । କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟତ ପାଇଁ ଛଡାଯିବ । ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବ୍ୟବସ୍ଥା ଅନୁଯାୟୀ ବିଶୋଇ-ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକକୁ ବିକଳ୍ପ ରାସ୍ତା ଭାବରେ ବ୍ୟବହାର କରିପାରିବେ । ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୋଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ତରଫରୁ ଅବଗତ କରାଯାଇଛି ।

# ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ କନିଷ୍ଠ କିରାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଫୁଲବାଣୀ, ୧୬ (ଆନିସ): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣୀ ଶଙ୍କର୍ଷଣ ଜାନିଙ୍କୁ -୩୧/୫/୨୦୨୬ ରିଖ ରବିବାର ଦିନ ପୂର୍ବାହ୍ନରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କରାଯାଇଛି । ବିଦ୍ୟାଳୟ ସଭାଗୃହରେ ଆୟୋଜିତ ଅବସର କାଳୀନ ସଭାଟିକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁବାଷ ଚନ୍ଦ୍ର ପ୍ରଧାନ ଓ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜାନି ୨୦୦୨



ମସିହାରୁ ବିଦ୍ୟାଳୟରେ କନିଷ୍ଠ କିରାଣୀ ଭାବେ ନିଯୁକ୍ତି ପାଇ ଉକ୍ତ ବିଦ୍ୟାଳୟରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ ସମ୍ପାଦନ କରିଆସୁ ଥିଲେ । ଦୀର୍ଘ ସେବାକାଳ ମଧ୍ୟରେ ସେ ନିଷ୍ଠା, ସତ୍ୟତା ଓ କର୍ତ୍ତବ୍ୟପରାୟଣତାର ସହିତ ନିଜ ଦାୟିତ୍ୱ ପାଳନ କରିଥିବାରୁ ବିଦ୍ୟାଳୟରେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ । ସଭାରେ ଅତିଥିମାନେ ତାଙ୍କର ସେବା ଓ ସହଯୋଗୀ ମନୋଭାବକୁ ଭୂୟସୀ ପ୍ରଶଂସା କରିଥିଲେ ।ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସରକାରୀ କାର୍ଯ୍ୟରୁ ଭାରମୁକ୍ତ କରିବା ପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର କର୍ତୃପକ୍ଷଙ୍କ ତରଫରୁ ଶ୍ରୀ ଜାନି ଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଉକ୍ତ ଅବସର କାଳୀନ ଦିବସରେ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ, ଉଦୟନାଥ ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ ଓ ମନୋଜ ମଲିକ ପରିଚାଳନା କମିଟି ସଦସ୍ୟ ଅଚ୍ୟୁତ ଜାନୀ ସମେତ କର୍ମଚାରୀ ନିରଞ୍ଜନ ପ୍ରଧାନ, କିଶୋର ପ୍ରଧାନ, ପ୍ରମୁଖ ଉପସ୍ଥିତ ରହି ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ ।

ଶେଷରେ ସମସ୍ତେ ଶ୍ରୀ ଜାନିଙ୍କର ସୁସ୍ଥ, ଶାନ୍ତି ଓ ନିରାମୟ ଜୀବନ ଅତିବାହିତ ନିମନ୍ତେ କାମନା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମୁହ ପ୍ରାର୍ଥନା କରିଥିଲେ ।

# କନ୍ଧମାଳରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ୧୨୭୨ଟି ନଳ କୂପ ପ୍ରତିଷ୍ଠା ହେବ

ଫୁଲବାଣୀ, ୧୬ (ଆନିସ): ଆଦିବାସୀ ଅଧୁଷିତ କନ୍ଧମାଳ ଜିଲ୍ଲାର ଗ୍ରାମାଂଚଳ ରେ ପୁର୍ବରୁ ଥିବା ପାନୀୟ ଜଳ ସମସ୍ୟା ରେ ଯଥେଷ୍ଟ ସୁଧାର ଆସିଛି ଚଳିତ ବର୍ଷ ଜିଲ୍ଲାର ୧୨ଟି ବ୍ଲକ ରେ୧୨୭୨ଟି ନୂତନ ନଳକୂପ ପ୍ରତିଷ୍ଠା କରା ଯାଇଛି କେବଳ ଗ୍ରୀଷ୍ମ ଋତୁରେ ୪୨୮ନଳ କୂପ ଖୋଳା ଯାଇଥିବା ବିଭାଗ ସୁତ୍ରରୁ ଜଣାପଡିଛି ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତ ରେ ବସୁଧା ଯୋଜନା ରେ ଓଭୋର ହେଡ଼ ପାଣି ଟାଙ୍କି କରାଯାଇ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି ସେହିପରି ସୋଲାର ସିଷ୍ଟମ ରେ ମଧ୍ୟ ନଳକୂପ ରେ ପାଇପ ଯୋଗେ ସୁବିଧାରେ ଗ୍ରାମାଂଚଳ ଲୋକଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ କରଯାଇଛି ଫଳରେ ଲୋକେ ସ୍ୱଚ୍ଛ ପାନୀୟ ଜଳ ହାତ ପ ଆ ନ୍ତରେ ପାଉଛନ୍ତି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରେ ସୁଧାର ଆସିଥିବା ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଇଁ.ଅଜିତ ବେହେରା କହିଛନ୍ତି ଏସ ଇ ଇଁ.ଅଜିତ୍ କୁମାର ବେହେରା ଙ୍କ ନିଷ୍ଠା ପର ଉଦ୍ୟମ, ଆନ୍ତରିକତା ଓ କାର୍ଯ୍ୟ ଦକ୍ଷତା ଯୋଗୁଁ ଜିଲାରେ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରିଛି ବିଶେଷ କରି ଚକାପାଦ ବ୍ଲକ ଅଞ୍ଚଳ ରେ କେତେକ ସ୍ଥାନରେ ଥିବା ପାନୀୟ ଜଳ ସମସ୍ୟା ରେ ବିଭାଗୀୟ ଯନ୍ତ୍ରୀଇଁ ମୌସୁମୀ ପଟ୍ଟନାୟକ ଙ୍କ ଆନ୍ତରିକତା, ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସୁଧାର ଆସିଥିବା ଦେଖିବାକୁ ମିଳିଛି ଜଳ କଷ୍ଟ ଅଞ୍ଚଳ ରେ ପଞ୍ଚାୟତ ପକ୍ଷରୁ ଟଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆ ଯାଉଛି ଆଉ ଅଚଳ ଅବସ୍ଥାରେ ଥିବା ନଳକୂପ ଗୁଡ଼ିକୁ ଯୁଦ୍ଧ କାଳୀନ ଭିତିରେ ମାରମତି କରାଯାଇ କାର୍ଯ୍ୟ କ୍ଷମ କରାଯାଉଛି ।

# ପାଇକ୍ଷ ଖଣ୍ଡାୟତ ସମାଜ ଗଠନ ପାଇଁ ସାଧାରଣ ବୈଠକ

ଫୁଲବାଣୀ, ୧୬ (ଆନିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ରେ ପାଇକ ଖଣ୍ଡାୟତ ସମାଜ ଗଠନ ପାଇଁ ପ୍ରଥମ ବୈଠକ ଅନୁଷ୍ଠିତ, ଶ୍ରୀ ଜଗନ୍ନାଥ ପାଇକ ଖଣ୍ଡାୟତ କୁଳ ସମାଜ କନ୍ଧମାଳ ର ନିର୍ଦ୍ଦେଶ କ୍ରମେ ବାଲିଗୁଡା ରେ କୁଳ ସମାଜ ଗଠନ ପାଇଁ ପ୍ରଥମ ବୈଠକ ମୃତ୍ୟୁଞ୍ଜୟ ପ୍ରଧାନୀ ଙ୍କ



ଆବାହନ କ୍ରମେ ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ଦଳ ବେହେରା ଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହୋଇଯାଇଛି, ସ୍ଥାନୀୟ ମାଁ ବରାଳ ଦେବୀ ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ଏହି ବୈଠକରେ ବାଲିଗୁଡା ସହର ର ପାଇକ ଖଣ୍ଡାୟତ ଭାଇ ବନ୍ଧୁ ଅଂଶ ଗ୍ରହଣ କରିଥିଲେ, ସଭାକାର୍ଯ୍ୟ ପ୍ରାରମ୍ଭ ରେ ନିଜ କୁଳ ସମାଜ ର ଆରାଧ ଦେବତା ଶ୍ରୀ ଜଗନ୍ନାଥ ଙ୍କ ଫୋଟ ଚିତ୍ର ରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ବୈଠକ କୁ ଅନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ ସମ୍ପାଦକ ଶ୍ରୀକାନ୍ତ ଦଳ ବେହେରା ଉକ୍ତ ବୈଠକ ରେ ମହାସମ୍ମିଳନି ଆୟୋଜନ ପୂର୍ବକ ଯୁବଶକ୍ତି କୁ ସଂସ୍କାର ଶିକ୍ଷା,ନାରୀ ଶିକ୍ଷା,ପାରିବାରିକ ସର୍ଭେ ସମ୍ବନ୍ଧ ରେ ଆଲୋଚନା ହୋଇଥିଲା। ଆଗାମୀ ଜୁନ୍ ୧୦ତାରିଖ ରେ କମିଟି ଗଠନ, କାର୍ଯ୍ୟକର୍ତ୍ତା ଚୟନ ପ୍ରକ୍ରିୟା ପାଇଁ ନିଷ୍ପତ୍ତି ନିଆଯାଇ ଥିଲା,ଆସନ୍ତା ଜୁନ ଶେଷ ସପ୍ତାହ ରେ ବାରଖମା ରେ ପାଇକ ଖଣ୍ଡାୟତ ମହା ସମ୍ମିଳନି କରାଯିପାଇଁ ସ୍ଥିର କରାଗଲା

## ବିଂଝାରପୁର ଭାଜପାରେ ଗୋଷ୍ଠୀ କନ୍ଦଳ
# ଥାଲକୁଡ଼ି କଲ୍ୟାଣ ମଣ୍ଡପରେ ମେଳି ବାନ୍ଧିଲେ ଅସନ୍ତୁଷ୍ଟ
## ବବିତାଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କଲେ ଅସନ୍ତୁଷ୍ଟ ନେତା



ଦଶରଥପୁର ,୧୬ (ଆନିସ): ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ଓଡ଼ିଶାରେ ସରକାର ଗଠନ କରିଛି ଏହା ପରେ ଭାଜପା ନିଜର ସଂଗଠନ ବୃଦ୍ଧି କରିବା ସହିତ ବିଭିନ୍ନ ଦଳରୁ କର୍ମୀମାନଙ୍କୁ ନିଜ ଦଳକୁ ଆଣିବାକୁ ଉଦ୍ୟମ ଜାରିରଖିଥିବା ବେଳେ ସେଥିରେ ବହୁମାତ୍ରାରେ ସଫଳ ମଧ ହୋଇଛି ସେହି କ୍ରମରେ ଯାଜପୁର ଜିଲ୍ଲାର ୭ ଗୋଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ବିଜେଡିକୁ ୩ ଗୋଟି ଆସନରେ ସୀମିତ ରଖିବାକୁ ସକ୍ଷମ ହୋଇଛି ଏହି ମଧ୍ୟରେ ଯାଜପୁର ଜିଲ୍ଲା ପରିଷଦ ଅଧକ୍ଷଙ୍କ ସମେତ ବଡ଼ଚଣା, ଧର୍ମଶାଳା, ରସୁଲପୁର, ବରୀ ବ୍ଲକ ଅଧକ୍ଷ ପଦ ମଧ ଭାଜପା ହାତକୁ ଯାଇଛି ଏହା ବ୍ୟତୀତ ବିଜେଡି ବିଧାୟକ ନିର୍ବାଚିତ ହୋଇଥିବା ବରୀ, ବିଂଝାରପୁର ଓ ଯାଜପୁର ନିର୍ବାଚନ ମଣ୍ଡଳୀରେ ମଧ ବହୁ ଅନ୍ୟଦଳର କର୍ମୀ ଭାଜପାରେ ସାମିଲ ହୋଇଛନ୍ତି ସେଥିମଧ୍ୟରୁ ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ୟତମ ରାଜନୈତିକ ଦୃଷ୍ଟିକୋଣରୁ ରାଜ୍ୟ ରାଜନୀତିରେ ବିଂଝାରପୁର ସ୍ଥାନ ସ୍ୱତନ୍ତ୍ର ୨୦୨୪ ସାଧାରଣ ନିର୍ବାଚନରେ ୭ମ ଥର ବିଧାୟିକା ଭାବେ ନିର୍ବାଚିତ ହୋଇ ଅପ୍ରତିଦ୍ୱନ୍ଦି ନେତ୍ରୀ ଭାବେ ଉଭା ହୋଇଥିବା ପ୍ରମିଳା ମଲ୍ଲିକ ଙ୍କୁ ଏହି ନିର୍ବାଚନରେ ଭାଜପା ପକ୍ଷରୁ କଡା ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହେବାକୁ ପଡିଥିଲା ଉକ୍ତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରମିଳା ମଲ୍ଲିକଙ୍କ ସହିତ ଭାଜପା ପ୍ରାର୍ଥୀ ବବିତା ମଲ୍ଲିକଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦିତା ହୋଇଥିବା ବେଳେ ବିବିତା ୭୧୩୨୯ ଖଣ୍ଡ ଭୋଟ ପାଇଲା ବେଳେ ପ୍ରମିଳା ୭୪୧୮୫ ଖଣ୍ଡ ଭୋଟ ପାଇଥିଲା ହାରଜିତ ର ବ୍ୟବଧାନ ୨୮୫୬ ଖଣ୍ଡ ରହିଥିଲା ମାତ୍ର ୨ ପ୍ରତିଶତ ଭୋଟ ହାରଜିତ ର ନିର୍ଣ୍ଣାୟକ ସାଜିଥିଲା ପରାଜୟ ସତ୍ୱେ ବିବିତା ନିଜର ସଂଗଠନିକ ଦକ୍ଷତା ବଳରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀରେ ସ୍ଥାନରେ ପାଇବାକୁ ସକ୍ଷମ ହୋଇଛନ୍ତି ମାତ୍ର ରାଜନୈତିକ ବାଧବାଧକତା ହେଉ କିମ୍ବା ସମୟର ସ୍ୱଳ୍ପତା ଯୋଗୁଁ ବବିତା ମଲ୍ଲିକ ବିଂଝାରପୁର ନିର୍ବାଚନ ମଣ୍ଡଳୀ ମଧ୍ୟରେ ପୂର୍ବଭଳି ସମୟ ଦେଇ ପାରୁନାହାନ୍ତି ଯାହାଫଳରେ ଦଳର ସମସ୍ତ ଦାୟିତ୍ୱ ବର୍ତ୍ତମାନ ନିର୍ବାଚନ ମଣ୍ଡଳୀ ସଂଯୋଜକ ନିରଞ୍ଜନ ବେହୁରିଆ(ନଟ )ଙ୍କ ଉପରେ ନ୍ୟସ୍ତ ମାତ୍ର କଂଗ୍ରେସ ଦଳରୁ ଆସି ବିଂଝାରପୁର ଭାଜପା ର ସର୍ବେସର୍ବା ପାଲଟିଥିବା ନଟ ଙ୍କ ଉପରେ ପୁରୁଣା ଭାଜପା କ୍ୟାଡର ସନ୍ତୁଷ୍ଟ ନାହାନ୍ତି ସେମାନଙ୍କ ମତରେ ବର୍ଷ ମଧ୍ୟରେ ବିଂଝାରପୁର ନିର୍ବାଚନ ମଣ୍ଡଳୀ ମଧ୍ୟରେ ଦୁର୍ଦ୍ଦିନରେ ଦଳ ପାଇଁ ଆଶା ବାଡ଼ି ସାଜିଥିବା କର୍ମୀ ଆଜି ଅବହେଳିତ ପାଲଟିଥିବା ବେଳେ ସରକାର ଆସିବା ପରେ ଦଳରେ ମିଶିଥିବା ବିଜେଡି ମାର୍କା କର୍ମୀ ବର୍ତ୍ତମାନ ମଙ୍ଗୁଆଳ ସାଜିଛନ୍ତି ଯାହା ଫଳରେ ଭାଜପାରେ ଗୋଟିଏ ଗୋଷ୍ଠୀ ଭାଜପା ନେତ୍ରୀ ବିବିତା ଙ୍କ ନେତୃତ୍ୱ ପ୍ରତି ଅସନ୍ତୋଷ ବ୍ୟକ୍ତ କରି ରବିବାର ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଦଶରଥପୁର ବ୍ଲକ ଅନ୍ତର୍ଗତ ଥାଲକୁଡ଼ି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ବୈଠକରେ ଏକତ୍ରିତ ହୋଇଥିଲେ ବରିଷ୍ଠ ଭାଜପା ନେତା ଜଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକ ରେ ବରିଷ୍ଠ ନେତା ଗୋପୀନାଥ ଯେନା, ଭୁବନାନନ୍ଦ ସାମଲ, ଅଟଳବିହାରୀ ନାୟକ, ଜିଲ୍ଲା ଉପ ସଭାନେତ୍ରୀ ପ୍ରଭାତୀ ସାହୁ, କମଳିନୀ ସାହୁ,ଶଶଧର ବେହୁରିଆ, ଉତ୍ପଳ ନାୟକ, ରବୀନ୍ଦ୍ର ଧଳ, ବିରଞ୍ଚି ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ବରିଷ୍ଠ ନେତା ବୈଠକରେ ଏକତ୍ରିତ ହୋଇ ବିଂଝାରପୁର ନିର୍ବାଚନ ମଣ୍ଡଳୀରେ ଭାଜପାର ବିପର୍ଯ୍ୟସ୍ତ ସଂଗଠନ ନିମନ୍ତେ ବବିତା ଓ ନଟ ଙ୍କୁ ଦାୟୀ କରିବା ସହିତ ଉକ୍ତ ନେତାମାନେ ୨ ବର୍ଷ ମଧ୍ୟରେ ସଂଗଠନ ମଜବୁତ କରିବା ବଦଳରେ ବିରୋଧୀ ଦଳଙ୍କ ସହିତ ସାଲିସ କରି ଭାଜପା ସଂଗଠନକୁ ନଷ୍ଟ କରିଥିବାର ଅଭିଯୋଗ କରିଥିଲେ ଏ ନେଇ ଆଗାମୀ ଦିନରେ ରାଜ୍ୟ ସଭାପତିଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ବୈଠକ ରେ ନିଷ୍ପତି ଗ୍ରହଣ କରାଯାଇଥିଲା ବୋଲି ଜନୈକ ବରିଷ୍ଠ ନେତାଙ୍କ ଠାରୁ ପ୍ରକାଶ

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର, ୦୧।୦୬(ଆନିସ) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୩୧୧ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୫୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୬ ଗୋଟି ରେଡକ୍ରସ ପାଣ୍ଠିରୁ ୦୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ଶ୍ରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର , ଯାଜପୁର ଶ୍ରୀ ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଅତିରିକ୍ତ କମିଶନରଙ୍କୁ ଭାବବିହ୍ୱଳ ବିଦାୟୀ ସମ୍ବର୍ଦ୍ଧନା



ଯାଜପୁର, ୧/୦୬ (ଆନିସ): ଯାଜପୁର ଜିଲ୍ଲା ବ୍ୟାସନଗରସ୍ଥିତ ଅତିରିକ୍ତ କମିଶନର କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ଅକ୍ଷୟ କୁମାର ମଲ୍ଲିକଙ୍କୁ ଶନିବାର ଭାବବିହ୍ୱଳ ପରିବେଶ ମଧ୍ୟରେ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୀର୍ଘ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ନିଜର ଦକ୍ଷ ପ୍ରଶାସନିକ କାର୍ଯ୍ୟଦକ୍ଷତା, ମାନବିକ ଦୃଷ୍ଟିଭଙ୍ଗୀ ଓ ସାଧାରଣ ଲୋକଙ୍କ ପ୍ରତି ସମର୍ପିତ ଭାବନା ଯୋଗୁଁ ଲୋକମାନଙ୍କ ବିଶ୍ୱାସ ଭାଜନ ହୋଇପାରିଥିବା ଆଲୋଚନା କରାଯାଇଥିଲା। କମିଶନରଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି ବିଦାୟୀ କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ, ଫୁଲମାଳା ପ୍ରଦାନ ସହ କେକ୍ କାଟି ସମ୍ମାନଜନକ ଭାବେ ସମ୍ବର୍ଦ୍ଧନା ଜଣାଯାଇଥିଲା। ଏହା ସହିତ ଯାଜପୁରରୋଡ଼ ଓକିଲ ସଂଘ ଓ ଆଇନଜୀବୀମାନଙ୍କ ପକ୍ଷରୁ ମଧ ଅକ୍ଷୟ କୁମାର ମଲ୍ଲିକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ତାଙ୍କ ଚାକିରି ଜୀବନ ଉପରେ ଆଲୋକପାତ କରାଯାଇଥିଲା। ସେ ଜୀବନର ପ୍ରଥମ ପୋଷ୍ଟିଂ ଭଦ୍ରକରୁ ବଣାଇରେ ଯୋଗଦେଇଥିବା ବେଳେ ପରବର୍ତ୍ତୀ ସମୟରେ ବିଂଝାରପୁର, ଯାଜପୁର ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। କଳିଙ୍ଗନଗର କମିଶନର କାର୍ଯ୍ୟାଳୟରେ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ଲୋକମୁଖୀ ଓ ପ୍ରଶାସନିକ କାର୍ଯ୍ୟ ସଫଳତାର ସହ ସମ୍ପାଦନ କରିଥିବା କୁହାଯାଇଥିଲା। ନିଜ ଅଭିଭାଷଣରେ ଅକ୍ଷୟ କୁମାର ମଲ୍ଲିକ ମାଟି ସହ ମଣିଷର ସମ୍ପର୍କକୁ ସବୁବେଳେ ଅତୁଟ ରଖିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେ କହିଥିଲେ ଯେ, ୧୯୨୮ ମସିହାରୁ ରହିଆସୁଥିବା କୌଣସି ପରିବାରକୁ ଯଦି ସେଟେଲମେଣ୍ଟ ପ୍ରକ୍ରିୟାରେ ବଞ୍ଚିତ କରାଯିବ କିମ୍ବା ଲୋକଙ୍କୁ ତାଙ୍କର ଭିଟାମାଟିରୁ ଅଲଗା କରାଯିବ, ତାହା କେବେବି ଉଚିତ ନୁହେଁ। ସାଧାରଣ ଲୋକଙ୍କ ସ୍ୱର ଭାବେ ଆଇନଜୀବୀମାନେ ଆଗକୁ ଆସିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଆଇନଗତ ପଦକ୍ଷେପ, କାଗଜପତ୍ର ଓ କଲମର ସଠିକ୍ ବ୍ୟବହାରକୁ ପ୍ରାଧାନ୍ୟ ଦେବା ଉପରେ ସେ ଜୋର ଦେଇଥିଲେ। ଏହି ବିଦାୟୀ ସମାରୋହରେ ଅତିରିକ୍ତ କମିଶନର କାର୍ଯ୍ୟାଳୟର କର୍ମଚାରୀ, ଆଇନଜୀବୀ ଏବଂ ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସୁସ୍ଥ ସୁଖମୟ ଜୀବନ କାମନା କରିଥିଲେ

# ସାଇନିଙ୍ଗ ଟ୍ୟୁଟୋରିଆଲର କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମୟୂରଭଞ୍ଜ, ୧୬ (ଆନିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରୀଆ ସ୍ଥିତ ସାଇନିଙ୍ଗ ଟ୍ୟୁଟୋରିଆଲରେ ନିକଟ ଅତୀତରେ ପ୍ରକାଶିତ ହୋଇଥିବା ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ଉତ୍ସବ ଟ୍ୟୁଟୋରିଆଲର ପ୍ରାଙ୍ଗଣରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଚେୟାରମ୍ୟାନ ସୁମିତ କୁମାର ସାଉଙ୍କ ପୌରୋହିତ୍ୟରେ ଉକ୍ତ ଉତ୍ସବରେ ଅନୁଷ୍ଠାନ ତରଫରୁ ସର୍ବୋଚ୍ଚ ୫୧୪ ନମ୍ବର ରଖିଥିବା ରୀମା ବେହେରାଙ୍କୁ ପୁଷ୍ପଗୁଚ୍ଛ ସହିତ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ଅନ୍ୟ ସମସ୍ତଙ୍କୁ ପୁଷ୍ପଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ପ୍ରାପ୍ତ ହୋଇଥିବା ସୂଚନା ଅନୁଯାୟୀ ଏ ବର୍ଷ ଅନୁଷ୍ଠାନର ଶତପ୍ରତିଶତ ସଫଳତା ହାସଲ କରିଥିବା ବେଳେ ତନ୍ମଧ୍ୟରୁ ୭୫ ପ୍ରତିଶତ ପ୍ରଥମ ଶ୍ରେଣୀ୧ରେ ଉତ୍ତୀର୍ଣ୍ଣ ହୋଇଥବା ବେଳେ ବାକି ସମସ୍ତେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରାୟ ୯୦% ଅଧିକ ପିଲା ୧୦ମରୁ ୧୨ଶ ଶ୍ରେଣୀରେ ଅଧିକ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି । ସୋନାଲି ସାହୁ, ହରିପ୍ରିୟା ମହାନ୍ତ, ରଶ୍ମିରେଖା ପୁଟି, ଅଭିପ୍ସା ମହାପାତ୍ର, ଗାୟତ୍ରୀ ବେହେରା ପ୍ରମୁଖ ୪୫୦ରୁ




ଅଧିକ ନମ୍ବର ରଖି ଅନୁଷ୍ଠାନ ପାଇଁ ଗର୍ବ ଆଣିଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବରେ ଇଂରାଜୀର ଅଧାପକ ପ୍ରଦୀପ କୁମାର ପରିଡ଼ା ଓ ତାଜ୍ ମହମ୍ମଦ, ଗଣିତର ଆଲୋକ କୁମାର ଘୋଷ, ପଦାର୍ଥ ବିଜ୍ଞାନର ଅରୁପାନନ୍ଦ ପାଣି,ପ୍ରାଣୀବିଜ୍ଞାନର ସୁସ୍ମିତା ରଣା, ଅର୍ଥନୀତିର ଲିଜାରାଣୀ ଦାସ, ଓଡ଼ିଆର ସଂଯୁକ୍ତା ପୁଷ୍ଟି ଓ ରାଜନୀତି ବିଜ୍ଞାନର ଯୋଗେଶ୍ୱର ବେହେରା ପ୍ରମୁଖ ଅଧାପକ ଓ ଅଧାପିକା ପ୍ରଭୃତି ଉପସ୍ଥିତ ଥିଲେ ।

# ଧାନ ମଣ୍ଡି ଉଦଘାଟନରେ ଚାଷୀ ଅଶାନ୍ତି




ଜୟପୁର୧।୬ (ଆନିସ): କୋରାପୁଟ ସ୍ଥିତ ଡୁମୁରିପୁଟ ନିୟନ୍ତ୍ରଣ ବଜାର କମିଟି ତରଫରୁ ରବି ଧାନ ସଂଗ୍ରହ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ ଉପଜିଲ୍ଲାପାଳ ପ୍ରେମ ଲାଲ ହିଆଲ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୋରାପୁଟ ଉପଖଣ୍ଡରେ ୩୮୫ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ୬ଟି ଧାନ ମଣ୍ଡି ଖୋଲିବାକୁ ଯୋଜନା ରହିଛି। ତେବେ ଧାନ ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ଚାଷୀମାନଙ୍କ ଅସନ୍ତୋଷ ଦେଖିବାକୁ ମିଳିଥିଲା। ହାତଗଣତି କିଛି ଚାଷୀଙ୍କୁ ମାତ୍ର ଡାକାଯାଇଥିବା ବେଳେ ଚେୟାର ଫାଙ୍କା ପଡ଼ିଥିବାରୁ ବଜାରରେ ବୁଲୁଥିବା ଲୋକମାନଙ୍କୁ ଜୋରଜବରଦସ୍ତ ଆଣି କାର୍ଯ୍ୟକ୍ରମରେ ବସାଯାଇଥିବା ଅଭିଯୋଗ ହୋଇଛି। ସେହିପରି ସାଉଣ୍ଡ ବ୍ୟବସ୍ଥା ନଥିବାରୁ ଫ୍ୟାନ ବନ୍ଦ କରି ଅତିଥି ଓ ଚାଷୀମାନେ ନିଜ ମତ ରଖିଥିଲେ। ପ୍ରବଳ ଖରା ଓ ଗୁଳୁଗୁଳି ମଧ୍ୟରେ ବିନା ଫ୍ୟାନରେ ବସିବାକୁ ପଡ଼ିଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଚାଷୀମାନଙ୍କୁ କୌଣସି ସୂଚନା ଦିଆଯାଉନଥିବା ସହ ବିଭାଗୀୟ ଅଧିକାରୀମାନେ ନିଜ ଇଚ୍ଛାମୁତାବକ କାର୍ଯ୍ୟ କରୁଥିବା ଅଭିଯୋଗ ମଧ୍ୟ ହୋଇଛି। ବିନା ଧାନ ରେ ମଣ୍ଡି ଉଦଘାଟନକୁ ନେଇ ଚାଷୀ ଅଶାନ୍ତି ତୀବ୍ର ରୂପ ନେଉଥିବା ଦେଖିବା ପାଇଁ ମିଳିଛି। ଧାନ ମଣ୍ଡି ଉଦଘାଟନରେ ଅବ୍ୟବସ୍ଥାକୁ ନେଇ ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲଙ୍କୁ ପଚାରିବାରୁ ସେ କଥାକୁ ଏଡେଇ ଦେଇ ଚାଲି ଯାଇଥିଲେ। ଧାନ ମଣ୍ଡି ଉଦଘାଟନ ରେ ଅବ୍ୟବସ୍ଥା କଥା କୁ ଜିଲ୍ଲା ମୁଖ୍ୟ ଖାଦ୍ୟ ଓ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ସ୍ୱୀକାର କରିବା ସହିତ ଏଥି ପ୍ରତି ଧ୍ୟାନ ଦେବେ ବୋଲି କହିଛନ୍ତି। ଆଗାମୀ ଦିନରେ ଯଦି ମଣ୍ଡି ମାନଙ୍କ ରେ ଏହି ଭଳି ଅବ୍ୟବସ୍ଥା ରହିବ ତେବେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

# ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ବୈଠକ



ନର୍ଲା,୧/୬ (ଆନିସ): ଆଦିସ୍ୱାନ୍ଧ ସମାଜ ସଂସ୍କୃତି ଭବନ ନର୍ଲା ଠାରେ ଓଡିଶା ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବରେ ନର୍ଲା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ ଯୋଗ ଦେଇଥିବାବେଳେ କଳାହାଣ୍ଡି ଜିଲ୍ଲା କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ସଭାପତି କାମଦେବ ବେଶ୍ରା ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବଶିଷ୍ଠ ଶିକ୍ଷକ ରବୀନ୍ଦ୍ର ନାଥ ସେଠୀ, ଫକୀର ମହାନନ୍ଦ, ବିଜୟ ମାଝୀ ଯୋଗ ଦେଇଥିବାବେଳେ ସଭାପତି ଭାବରେ ଟଙ୍କଧର ନିଆଲ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ନର୍ଲା ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତରାଜ, ପଶୁଚିକିତ୍ସା ଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଶିଶୁବିକାଶ ବିଭାଗର ସମସ୍ତ କର୍ମଚାରୀ ଯୋଗଦେଇ ନର୍ଲା ବ୍ଲକରେ ଏକ ବ୍ଲକ ସ୍ତରୀୟ କମିଟି ଗଠନ କରାଗଲା। ସଭାପତି ଭାବରେ ଯୁବ ସଂଗଠକ ବିମଳ ଦୀପ, ମୁଖ୍ୟ ସଂପାଦକ ଭାବରେ କ୍ଷିତିଶ ଚନ୍ଦ୍ର ମାଝୀ, କାର୍ଯ୍ୟକାରୀ ସଭାପତି କ୍ଷୀରବ୍ଧି ମାଝୀ, ଯୁଗ୍ମ ସଂପାଦକ ରଞ୍ଜନ ନାଏକ, ସଙ୍ଗଠନ ସଂପାଦକ ଦାସ ମାଝୀ, ନିଯୁକ୍ତି ସଂପାଦକ ଉପେନ୍ଦ୍ର ସୁନାନୀ,ସାଂସ୍କୃତିକ ସଂପାଦକ ମୀନକେତନ ତାଣ୍ଡି, ଅର୍ଥ ସମ୍ପାଦିକା ରମ୍ଭାବତି ପାତ୍ର ଓ ଯୁଗ୍ମ ସଂପାଦକ ଭାବରେ ସୁଶାନ୍ତ କୁମାରଙ୍କୁ ମନୋନୀତ କରାଯାଇଥିଲା। କମିଟିର ଉପଦେଷ୍ଟା ଭାବରେ ଗୋବର୍ଦ୍ଧନ ମାଝୀ, ଜୟସେନ୍ ନିଆଲ, ଅରୁଣ ନାଏକ, ରବୀନ୍ଦ୍ର ସେଠୀ, ଫକୀର ମହାନନ୍ଦ, ବିଜୟ ମାଝୀ, ତ୍ରିନାଥ ହରପାଲ, ଟଙ୍କଧର ନିଆଲ, ଜଗନ୍ନାଥ ମାଝୀ, ରୂପାଧର ମାଝୀ, ରବି ନାଏକ, ହରିହର ଭୋଇ, ତ୍ରିଲୋକ୍ୟ ହରପାଲଙ୍କୁ ମନୋନୀତ କରାଯାଇଥିଲା। ଚାକିରୀ କ୍ଷେତ୍ରରେ କର୍ମଚାରି ମାନେ କି କି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଠିକ୍ ସମୟରେ ପ୍ରମୋଶନ ହେଉଛନ୍ତି କି ନାହିଁ ଯଦି କିଛି ଅସୁବିଧା ଅଛି ତାହେଲେ ସଂଘ ମାଧମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆଲୋଚନା କରାଗଲା।ନବ ନିଯୁକ୍ତ ପଦାଧିକାରୀ ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପରେ ସଭାପତି ଟଙ୍କଧର ନିଆଲ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। କ୍ଷିତିଶ ଚନ୍ଦ୍ର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଚୌଧୁରୀ ମାଝୀ, ଅଜିତ ନାଏକ ଓ ସତ୍ୟବାନ ହରପାଲ।

# ଚିତ୍ରକୋଣ୍ଡା ବ୍ଲକ କଂଗ୍ରେସ ତରଫରୁ ତ୍ରିସ୍ତରୀୟ ନିର୍ବାଚନ ପାଇଁ କର୍ମୀ ସମ୍ମିଳନୀ ଓ ସମୀକ୍ଷା କାର୍ଯ୍ୟକ୍ରମ



ଚିତ୍ରକୋଣ୍ଡା,୧।୬ (ଆନିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା କଲ୍ୟାଣ ମଣ୍ଡପ ଠାରେ ଚିତ୍ରକୋଣ୍ଡା ବ୍ଲକ କଂଗ୍ରେସ ତରଫରୁ ତ୍ରିସ୍ତରୀୟ ନିର୍ବାଚନ ପାଇଁ କର୍ମୀ ସମ୍ମିଳନୀ ଓ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ । ଏହି କାର୍ଯ୍ୟକ୍ରମ ରେ ଚିତ୍ରକୋଣ୍ଡା ବିଧାୟକ ଶ୍ରୀଯୁକ୍ତ ମଙ୍ଗୁ ଖିଲ, ପୂର୍ବତନ ଜିଲ୍ଲା ସଭାପତି ତଥା ଜିଲ୍ଲା ବିଧାୟକ ପ୍ରତିନିଧି ଶ୍ରୀଯୁକ୍ତ ଗୋବିନ୍ଦ ପାତ୍ର, ଏସ. ଟି. ସେଲ ସଭାପତି ଇର୍ମା ପଡିଆମୀ, ଜିଲ୍ଲା ଯୁବ ନେତା ଇସାକ ଖୋସାଲା, ଜିଲ୍ଲା ପରିଷଦ ସଭ୍ୟା ବିନତି ଖିଲ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧ ଶ୍ରୀ ବିଦେଶୀ ଗୌଡ଼ ଉପସ୍ଥିତ ରହି ଅଠର ଗୋଟି ପଞ୍ଚାୟତର ଅଭିଯୋଗ ର ସମୀକ୍ଷା ସହ ଆୟୋଜିତ ସଭାକୁ ସମ୍ବର୍ଦ୍ଧିତ କରିଥିଲେ ବୈଠକ ରେ ଅଠର ଗୋଟି ପଞ୍ଚାୟତର ସଭାପତି ଓ ସମ୍ପାଦକ ସମେତ ୫୦୦ ରୁ ଉର୍ଦ୍ଧ କଂଗ୍ରେସ ର ସକ୍ରିୟ କର୍ମୀ ଯୋଗ ଦେଇଥିଲେ ଏହି ସଭାରେ କଂଗ୍ରେସ ର ଆଦର୍ଶ ରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳ ଛାଡି ୧୦୦ ରୁ ଉର୍ଦ୍ଧ ପୁରୁଷ ଓ ମହିଳା, ଦଳରେ ସାମିଲ ହୋଇଥିଲେ ଦଳରେ ସାମିଲ ହୋଇଥିବା ଯୁବ କର୍ମୀ ଓ ମହିଳାଙ୍କୁ ବିଧାୟକ ନିଜ ହାତରେ କଂଗ୍ରେସ ର ଉପଢୌକନ ଦେଇ ସମସ୍ତଙ୍କୁ କଂଗ୍ରେସ ଦଳରେ ସାମିଲ କରାଇଥିଲେ ଏହି ସଭା ଦୀର୍ଘ ସମୟ ଧରି ଚାଲିଥିବା ବେଳେ ବର୍ତ୍ତମାନ ର କମ୍ପାନୀ ର ଜମି ଅଧିଗ୍ରହଣ, ଦରଦାମ ବୃଦ୍ଧି, ବିଦ୍ୟୁତ ମିଥ୍ୟା ବିଲ ଦେଇ ହେଉଥିବା ଶୋଷଣ, ପାନୀୟ ଜଳ ଓ ଜଳ ସେଚନ ର ବ୍ୟବସ୍ଥା, ବେକାରୀ ସମସ୍ୟା ଓ ମହିଳା ନିର୍ଯ୍ୟାତନା ପ୍ରସଙ୍ଗରେ, ଆଲୋଚନା ର ଶୀର୍ଷକ ବିଷୟବସ୍ତୁ ଥିଲା ଆଗାମୀ ଦିନରେ ଏହାର ଦୃଢ ପଦକ୍ଷେପ ପାଇଁ ବିଧାୟକ ବିଧାନ ସଭାରେ ପ୍ରଶ୍ନ କରିବା ସହ ରାଜ ରାସ୍ତାରେ ଆନ୍ଦୋଳନ କରିବା ପାଇଁ ନିଷ୍ପତି ନିଆଯାଇଥିବା ଜଣାପଡିଛି ଶେଷରେ ବ୍ଲକ କମିଟି ତରଫରୁ ସମସ୍ତ ପଂଚାୟତ ର ସଭାପତି ସହ ସକ୍ରିୟ କର୍ମୀଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା

# ଶିକ୍ଷକ ଗୁଣନିଧି ପ୍ରଧାନଙ୍କର ସେବା ନିବୃତ୍ତ ସମାରୋହ

ନର୍ଲା ,୧/୬(ଆନିସ): ନର୍ଲା ବ୍ଲକ ଅନ୍ତର୍ଗତ ତୁଲା ଗାଁ କ୍ଲଷ୍ଟର ତରଫରୁ ଚାକିରୀରୁ ଅବସର ନେଇଥିବା ଶିକ୍ଷକ ଗୁଣନିଧି ପଧାନଙ୍କର ସେବା ନିବୃତ୍ତ ସମାରୋହ ନିଜ ଗ୍ରାମ ଆଡ୍ରିଂ ଠାରେ ମହା ସମାରୋହର ସହ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବରେ ନର୍ଲା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ, ସମ୍ମାନିତ ଅତିଥି ଭାବରେ ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୀନ କେତନ ସାହୁ, ସଂପାଦକ ଅମିତ୍ କୁମାର ଶର୍ମା, ଶିକ୍ଷା ବିଭାଗର ବରିଷ୍ଠ ସହାୟକ ଜୟଚନ୍ଦ୍ର ହାତୀ,ଅବସର ପ୍ରାପ୍ତ ଶିକ୍ଷକ ଡମ୍ବରୁ ପଟ୍ଟନାୟକ, ସମାଜସେବୀ ନରସିଂହ ଥପା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଭାପତି ଭାବରେ ତୁଲାଗାଁ ସିଆରସିସି ହେମନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସିଆରସିସି ଫିରୋଜ କୁମାର ପଧାନ। ସମସ୍ତେ ଶ୍ରୀ ଗୁଣନିଧି ପଧାନଙ୍କର ଚାକିରି ଜୀବନ, ଶିକ୍ଷା ବିଭାଗ ପ୍ରତି ତାଙ୍କର ଅବଦାନ, ଜଣେ ପରିବେଶ ପ୍ରେମୀ, ଛାତ୍ରବତ୍ସଳ ଶିକ୍ଷକ ଭାବେ ଅଭିଭାବକ, ଛାତ୍ର ଛାତ୍ରୀ ଓ ଶିକ୍ଷକ ମହଲ ରେ କିପରି ଆଦୃତ ହୋଇ ପାରିଥିଲେ ସେ ବିଷୟରେ ବର୍ଣ୍ଣନା କରିଥିଲେ। ଶେଷରେ ତୁଲାଗାଁ କ୍ଲଷ୍ଟର ତରଫରୁ ଶିକ୍ଷା ବିଭାଗ, ବ୍ଲକ ଶିକ୍ଷକ ସଂଘ ତରଫରୁ ମାନପତ୍ର, ଉପଢ଼ୌକନ ସହ ସମ୍ବର୍ଦ୍ଧନା ଦିଆ ଯାଇଥିଲା। କବି ଓ ଶିକ୍ଷକ କ୍ଷିତିଶ ଚନ୍ଦ୍ର ମାଝୀଙ୍କ ଦ୍ୱାରା ଶିକ୍ଷକ ଗୁଣନିଧି ପଧାନ ଉପରେ ଏକ କବିତା ପାଠ କରାଯାଇ ଥିଲା। ଶିକ୍ଷକ ନେପାଳ ଚନ୍ଦ୍ର ବିଶ୍ବାଳ, ଶରତ କୁମାର ପଧାନ ପ୍ରମୁଖ ସହଯୋଗ କରିଥିବା ବେଳେ ତୁଲାଗାଁ ସିଆରସିସିଙ୍କ ଧନ୍ୟବାଦ ପ୍ରସ୍ତାବ ସହ ସଭା ସାଙ୍ଗ କରାଯାଇଥିଲା।

## ଜୟପୁର ପୂଜ୍ୟପୂଜା ସଂସଦର ସାହିତ୍ୟ ଆସର

ଜୟପୁର,୧।୬ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ପୂଜ୍ୟପୂଜା



ସଂସଦର ମାସିକ ସାହିତ୍ୟ ଆସର ସାହିତ୍ୟ ଟୁଙ୍ଗିରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାଧାମୋହନ ସାହୁଙ୍କ ବିଷୟରେ ଛାତ୍ରଛାତ୍ରୀ ମଧ୍ୟରେ ଏକ ଅଭିନବ ଉପାୟରେ ସବିଶେଷ ବିଷୟ ଉପସ୍ଥାପନା ହୋଇଥିଲା ଆବାଳବୃଦ୍ଧବନିତା ଉପେନ୍ଦ୍ର ଭଞ୍ଜଙ୍କ ଫୋଟୋ ଚିତ୍ର ଅଙ୍କନ କରିଥିଲେ। ଛାତ୍ରୀ ଆରାଧ୍ୟା କୌଶିକ ଓ ଅନିଶା କୌଶିକ ଉପେନ୍ଦ୍ର ଭଞ୍ଜଙ୍କ ବିଷୟରେ ଅମୁଲଚୁଳ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ରାଧାମୋହନ ସାହୁଙ୍କ ଜୀବନୀ ଉପସ୍ଥାପନ କରିଥିଲେ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସଂସ୍କୃତି ସାମନ୍ତରାୟ। ସଂସଦର ସଭାପତି ଉଦୟ ଶଙ୍କର ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ରୂପେ ଜାନକୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ତାରିଣୀ ମିଶ୍ର, ବିପିନ କୁମାର ପାତ୍ର, ପ୍ରତୀତ କାଞ୍ଚନ ସାହୁ, ତପନ କିରଣ ତ୍ରିପାଠୀ, ସନ୍ଧ୍ୟାରାଣୀ ପଟ୍ଟନାୟକ, ସରସ୍ୱତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସାଂସଦ ର ସମ୍ପାଦକ ବୈରାଗୀ ଚରଣ ସାହୁ କବିତାପାଠ ଉତ୍ସବ କୁ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କୋମଳମତି ଶିଶୁଙ୍କ ଉପରେ ଏହି କାର୍ଯ୍ୟକ୍ରମ ସୁନ୍ଦର ପ୍ରଭାବ ପକାଇବ ବୋଲି ଉପସ୍ଥିତ ସତଜନ ମଣ୍ଡଳୀ ଆଶା ପ୍ରକଟ କରିଥିଲେ।

# କେଶବ ପ୍ରଭାତ ଶାଖାର ପରିବାର ବନ୍ଧୁ ମିଳନ



ଜୟପୁର,୧।୬ (ଆନିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜୟପୁର ନଗରରେ ସୂର୍ଯ୍ୟମହଲ ନିତ୍ୟ ଚାଲୁଥିବା କେଶବ ପ୍ରଭାତ ଶାଖାର ପରିବାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଏସ ଏସ କନଭେସନ ସଭା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି। ପ୍ରଥମେ ସାମୁହିକ ଗୀତ ଦିବ୍ୟ ଭାବନା ଶୁଦ୍ଧ କାମନା ପ୍ରଦୀପ ପ୍ରଜ୍ୱଳନ ଭାରତ ମାତା ଡକ୍ଟର ଜି ଏବଂ ଗୁରୁଜୀ ଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଧ୍ୱଜାରୋପଣ ସଂଘ ପ୍ରାର୍ଥନା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଡ.ଜଳନ୍ଧର ତ୍ରିପାଠୀ ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ସମାଜ ପ୍ରତି ପରିବାରର ଅବଦାନ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଉଚ୍ଚର୍ଗିକୃତ ସେବା ସମ୍ବନ୍ଧେ ରଖିଥିଲେ ।ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାଧାରଣ ଜ୍ଞାନ ପ୍ରଶ୍ନ ଉତ୍ତର ହିନ୍ଦୁ ସଂସ୍କୃତି ଏବଂ କୋରାପୁଟ ଜିଲ୍ଲା ସମ୍ପର୍କେ କିଛି ପ୍ରଶ୍ନ ଉତ୍ତର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶାଖା କାର୍ଯ୍ୟବାହ ସାରଙ୍ଗ ସାନ୍ତ୍ରା, ବାବୁ ଭାଇ ବଜରଙ୍ଗି, ବଂଶୀ ସାନ୍ତ୍ରା, ନିରାକାର ଚୌଧୁରୀ, ଜ୍ୟୋତି ରଞ୍ଜନ ପୁଜାରୀ, ଲକ୍ଷ୍ମୀ କାନ୍ତ ମିଶ୍ର ସତ୍ୟନାରାୟଣ ମିଶ୍ର ସୁବ୍ରତ ପଣ୍ଡା,ଡମ୍ବରୁଧର ପାଣିଗ୍ରାହୀ, ପାର୍ଥଭାଇ,ପ୍ରଭାକର ଚୌଧୁରୀ, କିଶୋର ବେହେରା, ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ପରିବାର ସହ ଉପସ୍ଥିତ ରହିଥିଲେ।

## ରାମନାଗୁଡା ବିଦେଶୀ ମଦଦୋକାନ ସ୍ଥାନାନ୍ତର କରାଯିବାକୁ ଲୋକଙ୍କ ଦାବି

# ସ୍ଥାନାନ୍ତର ନହେଲେ ତ୍ରୀବ ହେବ ଆନ୍ଦୋଳନ



ରାମନାଗୁଡା,୧।୬ (ଆନିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ତାମ୍ପରଗୁଡା ନିକଟରେ ଥିବା ବିଦେଶୀ ମଦ ଦୋକାନ ସ୍ଥାନାନ୍ତରିତ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଦୀର୍ଘ ଦିନ ହେବ ଏଠାରେ ବିଦେଶୀ ମଦ ଦୋକାନ ଥିବା ଫଳରେ ଲୋକେ ଅତିଷ୍ଠ ହେବା ସହ ବିଦେଶୀ ମଦ ଦୋକାନ ପାର୍ଶ୍ୱରେ ଥିବା ଚାଷ ଜମି ଆଦି ଜମି ନିକଟସ୍ଥ ରାସ୍ତା କୃଢ କୃଢ କାଚ ବୋତଲ ଭର୍ତ୍ତି ହୋଇଛି। ଫଳରେ ଅନେକ ଲୋକଙ୍କ ଗୋଡ଼ରେ କାଚ ବୋତଲ ଭାଙ୍ଗି ଖଣ୍ଡିଆ ହେବାର ଅନେକ ନଜିର ରହିଛି। ଫଳରେ ଉକ୍ତ ବାଟ ଦେଇ ଯାଉଥିବା ପଥଚାରୀ ଓ ମନ୍ଦିର ଓ ଆଖପାଖ କୁ ଗ୍ରାମକୁ ଯାଉଥିବା ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି।ତେବେ ଏଠାରେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଥିବାବେଳେ ଏଠାରେ ଖୋଲାରେ ମଦ ବିକ୍ରି କରାଯିବା ସହ ନିକଟସ୍ଥ ରାସ୍ତା ଆଖପାଖ ସମସ୍ତ ଜମି ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିପରି ଗ୍ରାମ ଓ ମନ୍ଦିର ଆଦି ଠାରୁ ୧ଶହ ମିଟର ବ୍ୟବଧାନରେ କୈଣସି ମଦଦୋକାନ ରହିବାକୁ ନେଇ ସ୍ୱଷ୍ଟ ନିର୍ଦ୍ଦେଶନାମା ରହିଥିବାବେଳେ ଏଠାରେ ଖୋଲାଖୋଲି ଉଲଂଘନ ହୋଇଛି।ଏନେଇ ଖୁବଶୀଘ୍ର ଏଠାରେ ବିଦେଶୀ ମଦ ଦୋକାନ ସ୍ଥାନାନ୍ତରିତ କରାନଗଲେ ବଡଧରଣର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଓ ଚାଷୀକୂଳ ଦାବି କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରୁ ଲଟେରୀ ମାଧମରେ ମଦଦୋକାନ ଖୋଲିବା ପାଇଁ ପ୍ରକିୟା ଆରମ୍ଭ ହୋଇଥିବାବେଳେ ଖୁବଶୀଘ୍ର ଏଠାରୁ ମଦଦୋକାନ ସ୍ଥାନାନ୍ତାରିତ କରାଗଲେ ଶହଶହ ଏକର ଚାଷଜମିରୁ କାଚ ବୋତଲ ଭାଙ୍ଗି ଖଣ୍ଡିଆଖାବାରରୁ ମୁକ୍ତି ପାଇବେ ବୋଲି ଲୋକେ କହିଛନ୍ତି ।

# କୋଟପାଡ଼ରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

## ୫୮ ଟି ଅଭିଯୋଗର ଶୁଣାଣି, ୭ ଟିର ଘଟଣାସ୍ଥଳରେ ସମାଧାନ



ଜୟପୁର,୧।୬ (ଆନିସ): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ମିଳିତ ଭାବେ ଜନଶୁଣାଣି କରିଥିଲେ, ଏହି ଶିବିରରେ ମୋଟ ୫୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୪୦ ଟି ସାମୁହିକ ଅଭିଯୋଗ ଓ ୧୮ ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୭ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବେଣୁଧର ଶବର, ଆଇଏଏସ ପ୍ରୋବେସନର ଅନୁପ ନାୟକ, ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାଏକ,ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତୃପ୍ତି ବୋରେଇ,ଏନଏସସି ସୋନିଆ ନାୟକ, ଏବିଡ଼ିଓ ମୋନଜ କୁମାର ନାୟକ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କୋଟପାଡ଼ ଗୋଷ୍ଠି ଉନ୍ନୟନ ଅଧିକାରୀ ସନ୍ଧ୍ୟାରାଣୀ ସମରର୍ଥ ସମେତ ବ୍ଲକ ସ୍ତରୀୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆସିକା ଓ କବିସୂର୍ଯ୍ୟନଗର ବ୍ଲକରେ ଭତ୍ତା ବାଣ୍ଟିଲେ ବିଧାୟକ ସରୋଜ ପାଢ଼ୀ



ଆସିକା,୧।୬ (ଆନିସ): ଆସିକା ଓ କବିସୂର୍ଯ୍ୟନଗର ବ୍ଲକରେ ଭତ୍ତା ବାଣ୍ଟିଲେ ବିଧାୟକ ସରୋଜ କୁମାର ପାଢ଼ୀ। ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ନୂତନ ଭାବେ ୧୬୨ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି ଆସିକା ବିଧାୟକ ସରୋଜ କୁମାର ପାଢ଼ୀ। ସେହିପରି କବିସୂର୍ଯ୍ୟନଗର ବ୍ଲକର ୧୨ଗୋଟି ପଞ୍ଚାୟତର ୫୭୧ ଯୋଗ୍ୟ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି ଆସିକା ବିଧାୟକ ସରୋଜ କୁମାର ପାଢ଼ୀ। ବିଭିନ୍ନ ପେନସନ ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ସରକାରଙ୍କ ଏହି ଯୋଜନାରେ ସାମିଲ କରିଛି ସ୍ଥାନୀୟ ପ୍ରଶାସନ। ବିଧାୟକ ସରୋଜ କୁମାର ପାଢ଼ୀ ଉପସ୍ଥିତ ରହି ସମସ୍ତ ହିତାଧିକାରୀଙ୍କ ସୁଖ ଦୁଃଖ ପଚାରି ବୁଝିବା ସହିତ ଭତ୍ତା ବଣ୍ଟନ କରିଥିଲେ। କୌଣସି ବି ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେବେ ନାହିଁ, ପର୍ଯ୍ୟାୟ କ୍ରମେ ସମସ୍ତେ ଏହି ସୁବିଧା ପାଇବେ ବୋଲି କହିଛନ୍ତି ଆସିକା ବିଧାୟକ ସରୋଜ କୁମାର ପାଢ଼ୀ।ଏହି ସମୟରେ ବ୍ଲକର ସମସ୍ତ କର୍ମକର୍ତ୍ତା ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରାଜନଗରରେ ଯୁଗ୍ମ ଅଭିଯୋଗ ଶୁଣାଣି : ୧୪୫ ଅଭିଯୋଗ ଗ୍ରହଣ, ୧୮ ମାମଲାର ତୁରନ୍ତ ସମାଧାନ

କେନ୍ଦ୍ରାପଡା, ୧।୬ (ଆନିସ): ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଓ ଲୋକଙ୍କ ନିକଟରେ ପ୍ରଶାସନିକ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି ରାଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଭିନ୍ନ ପଞ୍ଚାୟତ ଓ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀମାନେ ସେମାନଙ୍କର ସମସ୍ୟା ଓ ଦାବି ଉପସ୍ଥାପନ କରିଥିଲେ।

ଏହି ଅବସରରେ ମୋଟ ୧୪୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୩୩ଟି ବ୍ୟକ୍ତିଗତ ଏବଂ ୧୨ଟି ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୮ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ୨ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ମଞ୍ଜୁର କରାଯାଇଥିଲା।

ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ସରୋଜ କୁମାର ବେହେରାଙ୍କ ସମେତ ରାଜନଗର ବିଡ଼ିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ଅଭିଯୋଗଗୁଡ଼ିକର ଗୁରୁତ୍ୱ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଶୀଘ୍ର ଓ ପ୍ରଭାବୀ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶଥାଉ କି ଆସନ୍ତା ୬ ଜୁନରେ କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ସକାଳ ୭ ଘଟିକା ଠାରୁ ୧୦ ଘଟିକା, ୨୨ ଜୁନରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ୧୦.୩୦ ରୁ ଦିନ ୧ ଟା ଏବଂ ୨୯ ଜୁନରେ ରାଜକନିକା ବ୍ଲକଠାରେ ପୂର୍ବାହ୍ନ ୧୦.୩୦ ରୁ ଦିନ ୧ ଟା ପର୍ଯ୍ୟନ୍ତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

# ବିଭିନ୍ନ ସମସ୍ୟା ଘେରରେ ଜର୍ଜରିତ ଥୁଆମୁଳ ରାମପୁର ବ୍ଲକ ସଦରମହୋକୁମା

ଥୁଆମୁଳ ରାମପୁର,୧।୬ (ଆନିସ): ଜିଲ୍ଲା ହେଉ କିମ୍ବା ବ୍ଲକ ମୁଖ୍ୟାଳୟ ହେଉ ସେଠାରେ ହିଁ ପ୍ରାୟତଃ ଅଧିକ ସମସ୍ୟା ରହିଛି। ହେଲେ ଏଭଳି ସମସ୍ୟା ଥିଲେ ମଧ୍ୟ ସମସ୍ୟାର ସମାଧାନ ପାଇଁ କାହାର ଦୃଷ୍ଟି ପଡିନଥାଏ। ସଦରମହୋକୁମା ହୋଇଥିବା ବେଳେ ସ୍ଥାନୀୟ ପ୍ରଶାସନର କିମ୍ବା ସ୍ଥାନୀୟ ଜନପତିନିଧିଙ୍କର ଏଭଳି ବିଭିନ୍ନ ସମସ୍ୟା ଥିଲେ ବି ସମସ୍ତେ ଦେଖି ଦେଖି ଚୁପଚାପ ରହୁଥିବା ଘଟଣାକୁ ନେଇ ସାଧାରଣ ଜନତା ମଧ୍ୟରେ ଉଦବେଗ ପ୍ରକାଶ ପାଇଥିବା ବେଳେ କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ସଦରମହୋକୁମା ବର୍ତ୍ତମାନ ବିଭିନ୍ନ ସମସ୍ୟା ବଳୟ ମଧ୍ୟରେ ରହିଥିବା ଦେଖିବାକୁ ମିଳିଛି। ଏଠାରେ ଥିବା ମୁଖ୍ୟ ରାସ୍ତାରେ ଲାଇଟ୍ ର ବ୍ୟବସ୍ଥା ନାହିଁ ଏହା ଯୋଗୁଁ ଅନ୍ଧାରରେ ସହରର ରାସ୍ତା, ଏହାକୁ ଦୃଷ୍ଟିରେ ରଖି ଅତୀତରେ ଲକ୍ଷାଧିକ ଟଙ୍କାର ଷ୍ଟ୍ରୀଟ ଲାଇଟ ମଧ୍ୟ ଲଗାଇଥିଲେ ରକ୍ଷଣାବେକ୍ଷଣ ଅଭାବରୁ ଆସ୍ତେ ଆସ୍ତେ ଏହି ଷ୍ଟ୍ରୀଟ ଲାଇଟ୍ ଗୁଡିକ ଅକାମୀ ହୋଇଗଲା। ବର୍ତ୍ତମାନ ମୁଖ୍ୟ ରାସ୍ତାରେ ଅନ୍ଧାର ଦେଖାଦେଇଛି। ପୁଣି ଏଠାରେ ଥିବା ବହୁ ପୂରାତନର ରାଜାରାଜୁଡା ସମୟର ଦୁଇ ଗୋଟି ପୋଖରୀ ଖନନ ହୋଇଥିବା ସେହି ପୋଖରୀ ଦ୍ବୟର ପୁନରୁଦ୍ଧାର ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି ତଥାପି ପୋଖରୀ ଦ୍ବୟର ଅବସ୍ଥା ଶୋଚନୀୟ ହୋଇଛି। ସେହିଭଳି ଅତୀତରେ ନିର୍ମାଣ ହୋଇଥିବା ଯେଉଁ ରାଜସ୍ୱ ବଙ୍ଗଳାର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପହଁଞ୍ଚି, ଏହାଛଡା ପର୍ଯ୍ୟଟନ ପ୍ରକଳ୍ପର କୋଠା ନିର୍ମାଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଗଲା ତାହା ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷ୍ୟାଧିକ ଟଙ୍କା ପାଣିରେ ପଡିଲା। ପୁଣି ସଦରମହୋକୁମା ହୋଇଥିବା ବେଳେ ଜୀଓ ଟାୱାର ଟିଏ ସ୍ଥାପନ ଏଯାଏଁ ହେଲାନାହିଁ ଯାହାଫଳରେ ଅନଲାଇନ କାମରେ ଜୀଓ ଟାୱାର ଧାରି ହିତାଧିକାରୀଙ୍କୁ ଅନଲାଇନ ଦୋକାନକୁ ଆସିଲେ ମଧ୍ୟ କୌଣସି ଜରୁରୀ କାମରେ ବାଧାସୃଷ୍ଟି ହେଉଅଛି। ବିଭିନ୍ନ କାର୍ଯ୍ୟଳୟ ଅଛି ହେଲେ କାର୍ଯ୍ୟରେ ମଧ୍ୟ ଅନଲାଇନ କାର୍ଯ୍ୟରେ ବାଧାଉପୁଜୁଛି। ପାନୀୟ ଜଳ ସମସ୍ୟା ଆହୁରି ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଦୁର୍ଗମ ଅଞ୍ଚଳର କଥା ନକହିବା ଭଲ, ଏପରି ସ୍ଥାନେ ସ୍ଥାନେ ଅଳିଆ ଆବର୍ଜନା ଏଣେତେଣେ ପଡି ଅସ୍ୱାସ୍ଥ୍ୟ କର ପରିସ୍ଥିତି ସୃଷ୍ଟି କରୁଅଛି। ବସ ଯାତ୍ରୀ ମାନଙ୍କ ପାଇଁ ଶୌଚାଳୟ ଘୋର ଅଭାବ ଏଭଳି ଭାବରେ ବ୍ଲକ ସଦରମହୋକୁମା ପରିସ୍ଥିତି ରହିଛି ତଥାପି ସ୍ଥାନୀୟ ଜନପ୍ରତିନିଧି କିମ୍ବା ପ୍ରଶାସନ ଚୁପ ରହିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ବୁଦ୍ଧିଜୀବୀ ମହଲରେ ଜୋରଦାର ଆଲୋଚନା ହେଉଥିବା ଜଣାପଡିଛି। ଏଠାରେ ସମ୍ବେଦନଶୀଳ ବିଷୟ ଏହା ଯେ ସଦରମହୋକୁମା ଦେଇ ଲମ୍ବିଯାଇ ଥିବା ମୁଖ୍ୟ ରାସ୍ତା ସଂପ୍ରସାରଣ ଓ ନବୀକରଣରେ ମଧ୍ୟ ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ଡ୍ରେନର ପାଣି ଡ୍ରେନରେ ହିଁ ରହିଥିବା ଯୋଗୁଁ ଆଗକୁ ବର୍ଷା ସମୟରେ ତାହାର ଅବସ୍ଥାକୁ ନେଇ ଆହୁରି ସନ୍ଦେହ ସୃଷ୍ଟି କରୁଥିବା ଜଣାପଡିଛି। ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେସ ପ୍ରର୍ଯ୍ୟାପ୍ତ ପରିମାଣରେ ନିର୍ମାଣ ହୋଇନାହିଁ। ବର୍ଷା ପାଣି ଯିବ କେଉଁ ଆଡେ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଅଛି। ତଥାପି କୌଣସି ପଦକ୍ଷେପ ନିଆଯାଉନାହିଁ କାହିଁକି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରୁଅଛି। ଏଭଳି ବିଭିନ୍ନ ସମସ୍ୟା ଭିତରେ ସଦରମହୋକୁମା ରହିଛି। ଏହାର ସମାଧାନ ଦିଗରେ ପ୍ରଶାସନ କିମ୍ବା ସ୍ଥାନୀୟ ଜନପ୍ରତିନିଧି କେବେ ଦୃଷ୍ଟି ଦେବେ ସେହି ସମୟକୁ ଦେଖିବାକୁ ବାକି ରହିଲା

## ନାମକୁ ମାତ୍ର ଅବକାରୀ ଥାନା ଝୁଲୁଛି ତାଲା

# ରଣପୁରରେ ନିଶା ମାଫିଆଙ୍କ ଖୋଲା ରାଜ୍

## କାର୍ଯ୍ୟ କରୁଛି କେନ୍ଦ୍ରାଞ୍ଚଳ ଅବକାରୀ ସ୍କ୍ୱାର୍ଡ



ନୟାଗଡ, ୧/୬ (ଆନିସ): ଶୋଇ ରହିଛି ରଣପୁର ଅବକାରୀ ଥାନା ନିଶା ବେପାରୀଙ୍କ ଅଡ୍ଡା ସ୍ଥଳୀ ପାଲଟିଛି ରଣପୁର ସବୁ ଜାଣି ଅଜଣା କାମ କରୁଛନ୍ତି ଅନ୍ୟମାନେ ରଣପୁର ଅଞ୍ଚଳର ପାଦତଳେ ପର୍ଯ୍ୟାପ୍ତ ପରିମାଣରେ ବ୍ରାଉନ ସୁଗାର କାରବାର ହେଉଥିବା ବାରମ୍ବାର ଲୋକେ ଅଭିଯୋଗ କରୁଥିଲେ ସୁଦ୍ଧା ରଣପୁର ଅବକାରୀ ବିଭାଗର କର୍ମଚାରୀ ମାନେ ସବୁ ଜାଣି କଣପାଇଁ ନିରବ ରୁହନ୍ତି ତାହା ଜନସାଧାରଣଙ୍କୁ ବିସ୍ମିତ କରେ କିନ୍ତୁ କର୍ମଚାରୀ ଅଭାବ ଆଳ ଦେଖାଇ ପ୍ରତେକ ସମୟରେ ଅଫିସରେ ତାଲା ଝୁଲାଇ ଭଡା ଘରେ ରହୁଥିବାର ଅଭିଯୋଗ ହେଉଛି ରଣପୁର ଅଂଚଳରେ ପ୍ରାର୍ଯ୍ୟାପ୍ତ ପରିମାଣରେ ଚା ଦୋକାନ ଠାରୁ ପାନ ଦୋକାନ ପ୍ରର୍ଯ୍ୟନ୍ତ ବ୍ରାଉନ ସୁଗାର ଓ ଚୋରା ଦେଶୀ ମଦ ବିକ୍ରି ହେଉଛି ବାରମ୍ବାର ଅଭିଯୋଗ ପରେ ରଣପୁର ଅବକାରୀ ବିଭାଗର କର୍ମଚାରୀଙ୍କ କାର୍ଯ୍ୟକାରିତା ଉପରେ ସନ୍ଦେହ କରି କେନ୍ଦ୍ରାଞ୍ଚଳ ଅବକାରୀ ସ୍କୁଆର୍ଡ ଆଜି ପ୍ରମାଣିତ କରିଦେଇଛି ଯେ ଏହି ଅଂଚଳରେ ନିଶା ଦ୍ରବ୍ୟ କାରବାର ପ୍ରଚୁରମାତ୍ରାରେ ଚାଲିଛି ଯାହା ଫଳରେ ରଣପୁର ନିକଟ ମୟୂରଝଲି ଆରୁ ୪୦୦ ଗ୍ରାମ ବ୍ରାଉନ ସୁଗାର ବଜାର ନିକଟ ସଚିନ ପ୍ରଧାନଙ୍କ ଘରୁ ଜବତ କରି ଗୋଟେ ଡ଼ ଧରଣର ରାକେଟ ପର୍ଦାଫାଶ କରିଛି ରଣପୁର ଅବକାରୀ ବିଭାଗର ଅପାରଗତା ପାଇଁ ଅଂଚଳର ଯୁବଗୋଷ୍ଟି ବ୍ରାଉନସୁଗାର କବଳରେ ଉବୁଟୁବୁ ହୋଇ ପଥଭ୍ରଷ୍ଟ ହେଉଛନ୍ତି ଯାହାକୁ ସେବନ କରିବା ଦ୍ୱାରା ଅଞ୍ଚଳ ରେ ସାମାଜିକ ଅସ୍ଥିରତା ସୃଷ୍ଟି କରିବା ସାଙ୍ଗକୁ ଅନେକ ପରିବାର ସର୍ବସ୍ୱାନ୍ତ ହେଇପଡୁଥିବା ଦେଖିବାକୁ ମିଳିଛି ଯାହାଫଳରେ ଆଜି ଐତିହାସିକ ରଣପୁର ରଶା ତଳଗାମୀ ହେବାକୁ ବସିଛି ଏହା ଉପରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ପାଇଁ ଅଞ୍ଚିଳବାସୀ ଦାବି କରିଛନ୍ତି ।

# ରଣପୁର ବ୍ଲକରେ ଆରମ୍ଭ ହେଲା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

ରଣପୁର, ୧/୬ (ଆନିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଆଜିଠାରୁ ରଣପୁର ବ୍ଲକରେ ଆରମ୍ଭ ହୋଇଛି। ଏହି ଅଭିଯାନ ୩୦ ମଇ ୨୦୨୬ ଠାରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ଚାଲିବ। ନିର୍ବାଚନୀ ତାଲିକାକୁ ଅଧିକ ସଠିକ୍, ନିର୍ଭୁଲ ଏବଂ ଅଦ୍ୟତନ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମରେ ରଣପୁର ବ୍ଲକର ୧୬୩ ଜଣ ବୁଥ୍ ସ୍ତରୀୟ ଅଧିକାରୀ ନିୟୋଜିତ ହୋଇଛନ୍ତି। ବୁଥ୍ ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୧୬ ଜଣ ବି.ଏଲ.ଓ ସୁପରଭାଇଜରଙ୍କୁ ନିଯୁକ୍ତି କରାଯାଇଛି ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟରମାନଙ୍କ ସୂଚନା ସଂଗ୍ରହ, ଯାଞ୍ଚ ଏବଂ ପରିଶୋଧନ କାର୍ଯ୍ୟ ସମ୍ପାଦନ କରିବେ। ଏହି ଅଭିଯାନରେ ପ୍ରତ୍ୟେକ ପରିବାରକୁ ପରିଗଣନା ଫର୍ମ ପ୍ରଦାନ କରାଯିବ। ଭୋଟରମାନେ ଏହି ଫର୍ମ ପୂରଣ କରି ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦାଖଲ କରିପାରିବେ। ଫର୍ମ ପୂରଣ ସମୟରେ ଆବଶ୍ୟକ ଦଲିଲପତ୍ର ସଂଲଗ୍ନ କରିବାକୁ ନିର୍ବାଚନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ରଣପୁର ବ୍ଲକରେ ଏହି କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ପାଇଁ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଭାବେ ରଣପୁର ବିଡିଓ ମନୋଜ



କୁମାର ନାୟକ, ତହସିଲଦାର ଆର୍ଯ୍ୟ କୁମାର ସର୍ବାଦାମନ, ଅତିରିକ୍ତ ତହସିଲଦାର ବିଜୟ କୁମାର ବାରିକ ଏବଂ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ସାମନ୍ତ ମହାପାତ୍ର ନିଯୁକ୍ତ ହୋଇଛନ୍ତି। ସେମାନେ ସମଗ୍ର କାର୍ଯ୍ୟକ୍ରମର ତଦାରଖ ଓ ମାର୍ଗଦର୍ଶନ କରିବେ। ପ୍ରଶିକ୍ଷକ ଭାବେ ଶକ୍ତି ପ୍ରସାଦ ଆଚାର୍ଯ୍ୟ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ ନିର୍ବାଚନ ବିଭାଗ ପକ୍ଷରୁ ସମସ୍ତ ଭୋଟରଙ୍କୁ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ସହ ସହଯୋଗ କରି ଠିକ୍ ଏବଂ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ନିର୍ବାଚନୀ ତାଲିକାକୁ ନିର୍ଭୁଲ କରିବାରେ ସହଭାଗୀ ହେବାକୁ ଆହ୍ୱାନ ଜଣାଯାଇଛି।

# ରାଜସ୍ୱ ବିଭାଗର ଦାୟିତ୍ୱହୀନତା: ଜଳାଶୟ ପୋତି ନିର୍ମାଣ ଚାଲିଛି ଘର

ଜଗତସିଂହପୁର, ୧।୬ (ଆନିସ): ଜଗତସିଂହପୁର ଜିଲ୍ଲାରେ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଜନ ସାଧାରଣ ଜଳାଶୟ ଗୁଡିକ ପୋତି ବାସଗୃହ ନିର୍ମାଣ କରୁଥିବାର ଦେଖାଯାଉଛି। ସହର ଠାରୁ ଗାଁ ପର୍ଯ୍ୟନ୍ତ ଶହ ଶହ ବର୍ଷର ପୁରୁଣା ଜଳାଶୟ ଗୁଡିକ ଅନାଧିକାର ଭାବେ ପୋତା ଯାଉଛି। ଏତଦଭିନ୍ନ ନଦୀ ଶଯ୍ୟା, ସଫେଇ ଓ ସରକାରୀ ଜାଗାରେ ଥିବା ପାରମ୍ପରିକ ଜଳ ଉତ୍ସ ଗୁଡିକ ଜବରଦଖଲକୁ ଚାଲିଯାଇଛି। ଜଳାଶୟ ଗିଡିକ ଅନାଧିକାର ଭାବେ ପୋତିବା ପ୍ରସଙ୍ଗରେ ରାଜସ୍ୱ ବିଭାଗ ନିରଦ୍ରଷ୍ଟା ସାଜିଛି। ଏପରିକି ଆରଆଇ ସାର୍କଲରେ ରାଜସ୍ୱ ନିରୀକ୍ଷକ ମାନେ କ୍ଷେତ୍ର ପରିକ୍ରମା ନକରି ଜମିର କିସମ ସମ୍ପର୍କରେ ଭୁଲ ତଥ୍ୟ ମଧ୍ୟ ଦେଇଚାଲିଛନ୍ତି।

ଏଭଳି ବେଆଇନ କାର୍ଯ୍ୟ ଯୋଗୁଁ ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାର ଜଳସ୍ତର ହ୍ରାସ ପାଉଥିବା ସମୟରେ ଭବିଷ୍ୟତରେ ଜଳ ସଙ୍କଟ ହେବାର ଆଶଙ୍କା ସୃଷ୍ଟି ହେଉଛି। ନିୟମ ଅନୁସାରେ ନିଜସ୍ୱ ମାଲିକାନାରେ ଥିବା ପୋଖରୀ, ରାଜସ୍ୱ ପୋଖରୀ, ମୃତ ନଦୀ ଉପଯୋଗୀ ଅଞ୍ଚଳ ପୋତିବା ପୂର୍ବରୁ ରାଜସ୍ୱ ବିଭାଗର ଅନୁମତି ନେବାର ଆବଶ୍ୟକତା ରହିଛି। ମାତ୍ର ଜଳାଶୟ ଗୁଡିକ ପୋତିବା ପୂର୍ବରୁ ସମ୍ପୃକ୍ତ ଅଞ୍ଚଳର ଆରଆଇ ସର୍କଲକୁ ଅବଗତ କରାଯାଉନାହିଁ କିମ୍ବା ତହସିଲରୁ ଅନୁମତି ନିଆଯାଉନାହିଁ। ତହସିଲ ରେକର୍ଡ ଅନୁସାରେ ଆରଆଇ.

ସର୍କଲରେ ଜଳାଶୟ ଏରିଆ କ୍ରମଶଃ ବୃଦ୍ଧି ପାଉଥିବା ସମୟରେ ବାସ୍ତବରେ ଜଳାଶୟ ସଂଖ୍ୟା ହ୍ରାସ ପାଇଚାଲିଛି। ଫଳରେ ଉଦବୃତ ବର୍ଷାଜଳ ସଂରକ୍ଷଣ ବିଫଳ ହେଉଥିବା ସମୟରେ ପରିବେଶ ପ୍ରଦୂଷଣ ମଧ୍ୟ ହେଉଛି। ଦୁର୍ଭାଗ୍ୟର ପ୍ରସଙ୍ଗ ଯେ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ବିଭିନ୍ନ ସରକାରୀ ଯୋଜନା ଯଥା ରାଜ୍ୟ ସରକାରଙ୍କ ଯୋଜନାରେ ପୋଖରୀ ଖନନ, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ପୋଖରୀ ଖନନ ଇତ୍ୟାଦି ଖୋଳା ଯାଉଥିବାର ତଥ୍ୟ ପ୍ରଦାନ କରୁଛନ୍ତି। ମାତ୍ର ବାସ୍ତବରେ କେତେ ଜମିରେ ପୋଖରୀ ଖନନ କରାଯାଉଛି ଓ ସେ ଜମିର ବର୍ତ୍ତମାନ ସ୍ଥିତି କଣ ସେ ସମ୍ପର୍କରେ ତଦନ୍ତ କରାଯାଉନାହିଁ। ଶହେ ବର୍ଷ ତଳର ପୁରୁଣା ଜଳାଶୟ ପୋତା ଯାଇ ଘରବାରି ପାଲଟିଥିବା ସମୟରେ ନୂତନ ଭାବେ ଖୋଳା ଯାଉଥିବା ପୁଷ୍କରିଣୀ ଜମିର କିସମ ମଧ୍ୟ ପରିବର୍ତ୍ତନ କରାଯାଉନାହିଁ। ଏଭଳି ସ୍ଥିତିରେ ରାଜସ୍ୱ ବିଭାଗର ଦାଇତ୍ୱହୀନତା ଯୋଗୁଁ ଜିଲ୍ଲା ସଙ୍କଟ ସ୍ଥିତିରେ ଗତି କରୁଛି ଓ ରାଜସ୍ୱ ବିଭାଗ ଜମିର କିସମ ସମ୍ପର୍କରେ ସଠିକ ତଥ୍ୟ ଦେଇ ପାରୁନାହାନ୍ତି।

# ହୀରାକୁଦ ହିଣ୍ଡାଲକୋ ଏଫ୍ ଆର୍ ପି ଓ୍ୱର୍କସ୍ ଏମ୍ପ୍ଲୟିଜ୍ ୟୁନିଅନର କାର୍ଯ୍ୟକାରିଣୀ ବୈଠକରେ ନୂତନ ଶ୍ରମ କୋଡକୁ ବିରୋଧ



ହୀରାକୁଦ, ୧।୬(ଆନିସ): ହିଣ୍ଡାଲକୋ ହୀରାକୁଦ ଏଫ.ଆର.ପି ଓ୍ୱର୍କସ୍ ଏମ୍ପ୍ଲୟିଜ୍ ୟୁନିଅନର କାର୍ଯ୍ୟକାରିଣୀ ବୈଠକ ଆଜି ହୀରାକୁଦସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମହମ୍ମଦ ମୁର୍ତୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ତଥା ସଂଘର ପରାମର୍ଶଦାତା ସଞ୍ଜିତ ମହାନ୍ତି ଯୋଗଦେଇ ବିଭିନ୍ନ ଶ୍ରମିକ ସମସ୍ୟା ଉପରେ ମତ ରଖିଥିଲେ। ବୈଠକରେ ଶ୍ରମିକ ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ହିଣ୍ଡାଲକୋ ପକ୍ଷରୁ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ନାମକ ସିବିଏସଇ ସ୍କୁଲ ସ୍ଥାପନ ନିଷ୍ପତ୍ତିକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହା ହିନ୍ଦ ମଜଦୁର ସଭାର ଦୀର୍ଘଦିନର ଦାବି ଥିବାରୁ ସଂଘ ଏହାକୁ ଶ୍ରମିକ ପରିବାରଙ୍କ ପାଇଁ ଏକ ସକାରାତ୍ମକ ପଦକ୍ଷେପ ବୋଲି କହିଛି। ସେହିପରି, ଶ୍ରମିକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସୁବିଧାକୁ ଦୃଷ୍ଟିରେ ରଖି ହିଣ୍ଡାଲକୋ ଶୀଘ୍ର ଏକ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ସ୍ଥାପନ କରିବାକୁ ସଂଘ ଆଶା ପ୍ରକାଶ କରିଛି। ଏହା ସହିତ ଏବିପିଏସ୍ ସ୍କୁଲରେ ଶ୍ରମିକମାନଙ୍କ ପିଲାଙ୍କ ପାଇଁ ଫିସ୍‌ରେ ରିହାତି ସୁବିଧା କିପରି ପ୍ରଦାନ କରାଯିବ, ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ଆହୁରି ମଧ୍ୟ, କମ୍ପାନୀରେ ଖାଲି ପଡ଼ିଥିବା ପଦବୀ ପୂରଣ, ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା, କର୍ମ ପରିବେଶର ଉନ୍ନତି ଓ ଶ୍ରମିକ କଲ୍ୟାଣ ସମ୍ପର୍କିତ ବିଭିନ୍ନ ମୁଦ୍ଦା ଉପରେ ଗୁରୁତ୍ୱର ସହ ଆଲୋଚନା ହୋଇଥିଲା। ବିଶେଷ ଭାବରେ ଶ୍ରମିକ ଆଇନ୍ କୁ ଚାରିଟି ଶ୍ରମ କୋଡରେ ପରିବର୍ତ୍ତନ ନିଷ୍ପତି କୁ ଶ୍ରମିକ ବିରୋଧୀ କହିବା ସହିତ ଶ୍ରମ ଆଇନରେ ପରିବର୍ତ୍ତନ ନ କରିବା ପାଇଁ ଦାବୀ କରାଯାଇଥିଲା।

ଏହି ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି ସଞ୍ଜୀବ ପ୍ରଧାନ, ସାଧାରଣ ସମ୍ପାଦକ ସୁବ୍ରତ ପଣ୍ଡା, ଇଣ୍ଡଲ ହୀରାକୁଦ ପାଓ୍ୱାର ଓ୍ୱାର୍କର୍ସ ୟୁନିଅନର କାର୍ଯ୍ୟକାରୀ ସଭାପତି ରୋଶନ ସିଂ, ସାଧାରଣ ସମ୍ପାଦକ ଯୋଗୀନ୍ଦ୍ର ବେହେରାଙ୍କ ସହ ଶେଖ ଚାନ୍ଦ ବାବୁ, ଜିଜିକାଲ ନାଗ, ଅନିଲ ପାଣିଗ୍ରାହୀ, ଶିବ ଶଙ୍କର ବେହେରା, କିଶୋର ଖଡ଼ିଆ, ଶ୍ରୀକାନ୍ତ ପ୍ରଧାନ, ମନୋରଞ୍ଜନ ସାହୁ, ବିରଞ୍ଚି ବୁଟିଆ, ଆନନ୍ଦ କିଶୋର ଧରୁଆ, ସତୀଶ ଶତପଥୀ, ସୁବାଶିଷ ଦାସ ଓ ଆଦିଶକ୍ତି ରାଉତ ପ୍ରମୁଖ ସହ ଶତାଧିକ କର୍ମଚାରି ଉପସ୍ଥିତ ଥିଲେ।

# ବିଶେଷ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ

ସମ୍ବଲପୁର – ୨୮/୫– ସମ୍ବଲପୁର ର ସୁପରିଚିତ ପୁରୁଖା ଗାୟକ ତଥା ଦନ୍ତ ଚିକିତ୍ସକ ଡ଼ା. ରେମଣ୍ଡ ଲୋ ଙ୍କ ଆନୁକୁଲ୍ୟରେ ସ୍ଥାନୀୟ ତପସ୍ୱିନୀ ହଲରେ ଆଜି ସନ୍ଧ୍ୟାରେ ଏକ ବିଶେଷ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ହିନ୍ଦୀ ଚଳଚ୍ଚିତ୍ର ଜଗତର ଶୀର୍ଷ ସ୍ଥାନୀୟ ଗାୟକ ଗାୟିକା ଲତା ମଙ୍ଗେସକର, ଆଶା ଭୋଁସଲେ, ମୁକେଶ, ମହମ୍ମଦ ରଫୀ, କିଶୋର କୁମାର ପ୍ରମୁଖଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସେମାନେ ଗାଇଥିବା ଗୀତ ମଧ୍ୟରୁ ପ୍ରସିଦ୍ଧ ଗୀତ ଗୁଡିକ ଗାନ କରାଯାଇଥିଲା । ସୁନାମଧନ୍ୟ ଗାୟିକା ସଙ୍ଗୀତା ମିଶ୍ର (ପମି), ଡା. ରେମଣ୍ଡ ଲୋ, ଶ୍ରୀମତୀ କଳ୍ପନା ସାହୁ, ଦେବାଶିଷ ହୋତା( ଚିଣ୍ଟୁ ), ମାନସ ଷଡ଼ଙ୍ଗୀ ପ୍ରମୁଖ କଳାକାର ସଙ୍ଗୀତ ପରିବେଷଣ କରିଥିଲେ ।. ଏ ଅବସରରେ ସୁନାମଧନ୍ୟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ ମିତ୍ର, ଐତିହାସିକ ଦୀପକ କୁମାର ପଣ୍ଡା ଏବଂ ସାମାଜିକ କାର୍ଯ୍ୟ ପାଇଁ ଅଶୋକ କୁମାର ଜଲାନ ଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସମ୍ମାନିତ ଅତିଥି ଗଣ କାର୍ଯ୍ୟକ୍ରମ ର ଉଦଘାଟନ କରିଥିଲେ। ଅତିରିକ୍ତ ଏସ.ପି ଦିଲ୍ଲୀପ କୁମାର ନାୟକ, ପୁରୁଖା କଳାକାର ବିଭୂତି ପଟ୍ଟନାୟକ, ସୁଲେମାନ ଦିୱାନା, ଦୁର୍ଗା ଦାଶ, ସଞ୍ଜୟ ସୂପକାର ପ୍ରମୁଖ ମଧ୍ୟ ମଞ୍ଚାସୀନ ହୋଇଥିଲେ । ଅଜୟ କୁମାର ନାଥ ଉଦଘୋଷକ ଭାବରେ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।



# ବିଡ଼ିଓଙ୍କ ବ୍ୟବହାରକୁ ତୀବ୍ର ନିନ୍ଦା

## ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ ନିଷ୍ପତି

କୁଚିଣ୍ଡା,୧।୬(ଆନିସ): କୁଚିଣ୍ଡା ପଞ୍ଚାୟତ ସମିତିର ବୈଠକ ମଙ୍ଗଳବାର ଚାଲୁଥିବା ବେଳେ ସାମ୍ବାଦିକ ଓ କୁଚିଣ୍ଡା ବିଡ଼ିଓଙ୍କ ମଧ୍ୟରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ବିଡ଼ିଓଙ୍କ ବ୍ୟବହାରର ତୀବ୍ର ନିନ୍ଦା କରିଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କୁଚିଣ୍ଡା ପଞ୍ଚାୟତ ସମିତିର ବୈଠକରେ ଯୋଗଦାନ କରିବାକୁ କୁଚିଣ୍ଡା ସାମ୍ବାଦିକ ସଂଘକୁ ବିଡ଼ିଓ ତାଙ୍କର ଚିଠି ନଂ ୧୮୧୪/ ତା – ୧୧.୦୫.୨୦୨୬ ତାରିଖ ରେ ନିମନ୍ତ୍ରଣ କରିଥିଲେ। ଏଣୁ ଏହି ବୈଠକରେ ଅନେକ ସାମ୍ବାଦିକ ଯୋଗ ଦେଇଥିଲେ। ବୈଠକରେ ପାନୀୟ ଜଳ ବିଭାଗର କାର୍ଯ୍ୟକୁ ନେଇ ସରଗରମ ଆଲୋଚନା ହୋଇଥିଲା, ଏହି ସମୟରେ ସେଠାରେ ଉପସ୍ଥିତ ସାମ୍ବାଦିକ ମାନେ ନିଜ ଗଣ ମାଧ୍ୟମ ପାଇଁ ଫଟୋ ଓ ଭିଡ଼ିଓ ଉତ୍ତୋଳନ କରୁଥିଲେ। ଏହି ସମୟରେ ହଠାତ୍ ବିଡ଼ିଓ ଜୟନ୍ତ ସାହୁ ନିଜ ସିଟରୁ ଉଠିପଡ଼ି ରୁକ୍ଷ ସ୍ୱରରେ ଫଟୋ ଓ ଭିଡିଓ ନ କରିବା ପାଇଁ ସାମ୍ବାଦିକ ମାନଙ୍କୁ ବାରଣ କରିଥିଲେ। ଏଥରେ ଅସନ୍ତୋଷ ପ୍ରକାଶ କରି ସାମ୍ବାଦିକ ମାନେ ଚାଲି ଆସିଥିଲେ। ଏହାପରେ ଗତ ଶୁକ୍ରବାର ଦିନ କୁଚିଣ୍ଡା ସାମ୍ବାଦିକ ସଂଘର ଏକ ଜରୁରୀ ବୈଠକ ସଭାପତି ଦିନେଶ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡ଼ିଓଙ୍କ ଏତାଦୃଶ ବ୍ୟବହାରକୁ ତୀବ୍ର ନିନ୍ଦା କରାଯାଇ ଭବିଷ୍ୟତରେ କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ସାମ୍ବାଦିକ ମାନେ ବର୍ଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ସହିତ ବିଡ଼ିଓଙ୍କ ଏପରି ଦୁର୍ବ୍ୟବହାର ବାବଦରେ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ଜିଲ୍ଲା ସଭାପତି ପ୍ରଭାତ ବେହେରା,ତନୟ ମହାପାତ୍ର, ସୁଶୀଲ କର, ପ୍ରଶାନ୍ତ ଶର୍ମା, ସୁଧୀର ମହାନ୍ତି, ସଞ୍ଜୟ ମିଶ୍ର, ତପନ ଦାସ, ଦେବେନ୍ଦ୍ର ବେହେରା, ମନିସ ତିୱାରୀ, ସୌମ୍ୟ ଧଳ, ରୀଙ୍କୁ କୁସୁମ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପଟ୍ଟାମୁଣ୍ଡାଇରେ ପେଟ୍ରୋଲ ସଂକଟ

ପଟ୍ଟାମୁଣ୍ଡାଇ, ୧।୬ (ଆନିସ): ପଟ୍ଟାମୁଣ୍ଡାଇ ଅଂଚଳରେ ପେଟ୍ରୋଲ ସଂକଟ ଦେଖା ଦେଇଛି ଯାହା ଫଳରେ ବାଇକ ଆରୋହୀ ମାନେ ନାହିଁନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି ଟାଙ୍କିରେ ଆବଶ୍ୟକ ତେଲ ମିଳୁ ନାହିଁ ତେଲ ନମିଳିବା ଯୋଗୁଁ ପଟ୍ଟାମୁଣ୍ଡାଇ ଅଂଚଳରେ ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ବିଭିନ୍ନ ଯାନବାହନ ଚାଲିବାରେ ଗୁରୁତର ଭାବେ ପ୍ରଭାବିତ ହୋଇଛି ଲୋକମାନେ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ହଇରାଣ ହେବା ସହିତ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଲ ସଙ୍କଟ ଦେଖା ଦେଇଥିବାରୁ ଆଗାମୀ ଦିନରେ ବସ ସେବା ସହ ଟ୍ରକ ବନ୍ଦ ହେବା ଆଶଙ୍କା କରାଯାଉଥିବାରୁ ପରିସ୍ଥିତି ଅଧିକ ସଂଗୀନ ହେବା ଦେଖାଯାଉଛି ପରିବହନ ସେବା ଠପ ହେଲେ ଗୁରୁତର ରୋଗୀ ଚିକିତ୍ସା ପାଇଁ ବାହାରକୁ ଯିବା କଷ୍ଟକର ହେବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିଛି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପେଟ୍ରୋଲ ସଂକଟ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି

# ଫକୀର ମୋହନଙ୍କୁ ଅପମାନ, ଅଭିଳାଶଙ୍କ କୁଶପୁତ୍ତଳିକା ଦାହ

ବାଲେଶ୍ବର: ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ବାବଦରେ ଅପମାନ ସୂଚକ ମନ୍ତବ୍ୟ ଦେଇଥିବା ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କୁ ନେଇ ଅସନ୍ତୋଷ ଦେଖିବାକୁ ମିଳୁଛି। ବାଲେଶ୍ବରରେ ଯୁବ ଛାତ୍ର କଂଗ୍ରେସ ଅଭିଳାଶଙ୍କ କୁଶପୁତ୍ତଳିକା ଦାହ କରିବା ସହ କ୍ଷମା ପ୍ରାର୍ଥନା ଦାବି କରିଛି। ଓଡ଼ିଆ ଭାଷାକୁ ସୁରକ୍ଷା ଦେଇ ବଙ୍ଗୀୟ ଷଡଯନ୍ତ୍ରକାରୀଙ୍କ କବଳରୁ ରକ୍ଷା କରିଥିବା ବ୍ୟାସକବି ଫକୀର ମୋହନ ଓଡ଼ିଆ ଜାତି ଓ ଭାଷା ଅସ୍ମିତାର ପ୍ରତୀକ। ତେଣୁ ବ୍ୟାସ କବି ଫକୀରମୋହନ ସେନାପତିଙ୍କୁ ଅସମ୍ମାନ କରିବା ଏକ ପ୍ରକାର ମୂର୍ଖାମି ବୋଲି କହିଛି କଂଗ୍ରେସ। ସେହି ଦଳର ସାଂସଦ, ବିଧାୟକ ବାଲେଶ୍ୱରରେ କିଛି ପ୍ରତିବାଦ କାହିଁକି କରୁ ନାହାନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଖାଲି ସେତିକି ନୁହେଁ କଂଗ୍ରେସର ପ୍ରତିବାଦକୁ ଛାଡ଼ିଦେଲେ ଫକୀର ମୋହନ ସାହିତ୍ୟ ପରିଷଦ ମଧ୍ୟ ଅଭିଳାଷଙ୍କ ଏପରି ବୟାନକୁ ଦୃଢ଼ ନିନ୍ଦା କରାଯାଇଛି। ଭାଷା ଆନ୍ଦୋଳନ ପାଇଁ ବହୁ ପ୍ରୟାସ କରିଥିବା ଫକୀର ମୋହନଙ୍କ ପ୍ରତି ଏମିତି ମନ୍ତବ୍ୟ ଆଦୌ ଗ୍ରହଣୀୟ ବୋଲି ମତ ପ୍ରକାଶ ପାଇଛି।

ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା କହିଛନ୍ତି ଯେ, ଫକୀର ମୋହନ ତାଙ୍କ ଲେଖାରେ ଅନେକ କିଛି କାଟୁ କଥା ଇଂରେଜ ମାନଙ୍କ ବିରୋଧରେ ଲେଖିଛନ୍ତି। ସେ ଜନ୍ମଭୂମି କବିତା ପାଖରୁ ଆରମ୍ଭ କରି ଛ ମାଣ ଆଠଗୁଣ୍ଠ ଏବଂ ପୁଷ୍କରଣୀ ବର୍ଣ୍ଣନା ସମୟରେ ସେ ଯେଉଁଭଳି ଭାବେ ଇଂରେଜ ମାନଙ୍କୁ ସମାଲୋଚନା କରିଛନ୍ତି ତାହା ସମସ୍ତେ ଜାଣିଛନ୍ତି। ତେଣୁ ଫକୀର ମୋହନ କେବେ ଇଂରେଜ ମାନଙ୍କ ଦଲାଲି କରି ନାହାନ୍ତି ବରଂ ଇଂରେଜ ଶାସନ ତନ୍ତ୍ର ବିରୋଧରେ ସେ ତାଙ୍କର ଲେଖା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଛନ୍ତି''। ଅଭିଳାଷ ପଣ୍ଡାଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ କୋଟି କୋଟି ଓଡ଼ିଆଙ୍କ ଆବେଗକୁ



କୁଠାରଘାତ କରିଛି। ଏଣୁ ସେ ନିସର୍ତ୍ତ କ୍ଷମା ମାଗିବା ଉଚିତ ବୋଲି ଫକୀର ମୋହନ ସାହିତ୍ୟ ପରିଷଦ ଏହାକୁ ଦୃଢ ଭାବେ ନିନ୍ଦା କରିଛି।

ସେହିପରି ଅଭିଳାଷ ପଣ୍ଡାଙ୍କ ଏମିତି ମନ୍ତବ୍ୟ ତାଙ୍କ ରାଜନୀତିର ଅପରିପକ୍ୱତା ବୋଲି କହିଛନ୍ତି ବୁଦ୍ଧିଜୀବୀ ରଞ୍ଜନ ବାଗ। ସେ କହିଛନ୍ତି ଯେ, ଏଭଳି ଭାଷା ନିଶ୍ଚିତ ଭାବେ ନିନ୍ଦନୀୟ । ଏହା ତାଙ୍କର ଗୋଟେ ରାଜନୀତିରେ ଅପରିପକ୍ୱତାର ପରିଚୟ ଦେଇଛି । ସେ କଣ ପାଠ ପଢ଼ିଛନ୍ତି ମୁଁ ଜାଣେନି କିନ୍ତୁ ଫକୀର ମୋହନଙ୍କୁ ସେ ଜାଣି ନାହାନ୍ତି । ଫକୀର ମୋହନ ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା। ଓଡ଼ିଆ ଭାଷା ପାଇଁ ଯେତେବେଳେ ଆନ୍ଦୋଳନ ଚାଲିଥିଲା ବାଲେଶ୍ୱର ଜିଲ୍ଲା ସ୍କୁଲର ସଂସ୍କୃତ ଶିକ୍ଷକ କାନ୍ତିଚରଣ ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହଁ, ଏହା ବଙ୍ଗଳା ଭାଷାର ଉପଭାଷା।ସେତେବେଳେ ବ୍ୟାସ କବି ଫକୀର ମୋହନ ସେନାପତି, ରାଧାନାଥ ରାୟ, ଗଙ୍ଗାଧର ମେହେର ଏଭଳି ଅନେକ ସାହିତ୍ୟିକ ମାନେ ଓଡ଼ିଆ ଭାଷା ସାହିତ୍ୟ ଉପରେ ଲେଖା ଆରମ୍ଭ କରିଥିଲେ। ସେତେବେଳେ ଆମ ଓଡ଼ିଆ ଭାଷାରେ ସେପରି ଉତ୍କୃଷ୍ଟ ଲେଖା ନଥିଲା। ତେଣୁ ଫକୀର ମୋହନ ପ୍ରଥମେ କ୍ଷୁଦ୍ର ଗଳ୍ପ, କବିତା ଓ ଉପନ୍ୟାସ, ଭ୍ରମଣ କାହାଣୀ ଲେଖିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ବୋଲି ପରିଚୟ ମିଳିଲା ଏବଂ ଓଡ଼ିଆ ଭାଷାକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ହେଲା ଯାହାକି ଇଂରେଜ ମାନଙ୍କ ସମୟରେ ହୋଇଥିଲା। ଫକୀର ମୋହନ ଥିଲେ ବୋଲି ଆଜି ଓଡ଼ିଆ ଭାଷା ଓ ରାଜ୍ୟ ହୋଇଛି। ତେଣୁ ଅଭିଳାଷ ପଣ୍ଡା ଏ ବିଷୟରେ କିଛି ଜାଣି ନାହାନ୍ତି''। ସେ ଆହୁରି ମଧ୍ୟ କହିଛନ୍ତି ଯେଉଁ ଦଳ ଓଡ଼ିଆ ଅସ୍ମିତା କହି ସରକାରକୁ ଆସିଥିଲା ସେ ଆଜି କଣ କରୁଛନ୍ତି। ଏଭଳି କଥା ନିଶ୍ଚୟ ଭାବେ ଦୁଃଖ ଦାୟକ ଘଟଣା, ତେଣୁ ସେ କ୍ଷମା ପ୍ରାର୍ଥନା କରନ୍ତୁ । ଫକୀର ମୋହନଙ୍କ ଅପମାନର ପରିଣାମ ତାଙ୍କୁ ଭୋଗିବାକୁ ପଡ଼ିବ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, **Ph. (0680) 3560603, 7749999711, 9337892106,**

**ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା**
**Editor: Pramod Kumar Panda**